
# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୧୬/୨୦୨୧ (୧୬ ପୃଷ୍ଠା) | Dhenkanal, Tuesday, March 16/2021 | ★★★★★

୧୭ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-



ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।

ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।


KP
GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ମଙ୍ଗଳବାର, ମାର୍ଚ୍ଚ ୧୬/୨୦୨୧ Tuesday, March 16/2021 | ପୃଷ୍ଠା-୧



**ବିବାହ ବନ୍ଧନରେ ବୁମ୍‌ରା**


ଭାରତୀୟ କ୍ରିକେଟର ଯଶପ୍ରୀତ୍ ବୁମ୍‌ରା ଟିଭି ଉପସ୍ଥାପିକା ସଞ୍ଜନା ଗଣେଶନଙ୍କୁ ବିବାହ କରିଛନ୍ତି।

୧୧

୧୨

**ବୟଫ୍ରେଣ୍ଡଙ୍କ ବିନା ଜନ୍ମଦିନ ପାଳିଲେ ଆଲିଆ**

ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ସୋମବାର ତାଙ୍କର ଜନ୍ମଦିନ ପାଳନ କରିଛନ୍ତି। କିନ୍ତୁ ଏଥର ତାଙ୍କ ସହ ବୟଫ୍ରେଣ୍ଡ ରଣବୀର କପୁର ଉପସ୍ଥିତ ନ ଥିଲେ।



# ସ୍ୱାଭାବିକ ହେଉନି ଗୃହ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

## ଧାନ, ଆତ୍ମହତ୍ୟା ପ୍ରସଙ୍ଗ

- ଜିଦ୍‌ରେ ଅଟଳ ଶାସକ-ବିରୋଧୀ
- ହଟ୍ଟଗୋଳରେ ୩ ଦିନ ବରବାଦ
- ଦିନକ ପାଇଁ ଗୃହ ମୁଲତବୀ



ମଣ୍ଡି ଅବ୍ୟବସ୍ଥା, ଧାନ କିଣା ଏବଂ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ନେଇ ଶାସକ-ବିରୋଧୀ ମୁହାଁମୁହିଁ ହୋଇଛନ୍ତି। କେହି ନିଜ ଜିଦ୍‌ରୁ ଓହରିବାକୁ ରାଜି ନୁହନ୍ତି। ଏଥିଯୋଗୁ ଲଗାତର ୩ ଦିନ ଧରି ବିଧାନସଭା ଅଚଳ ହୋଇଛି। ଧାନକିଣା ବ୍ୟବସ୍ଥାକୁ ନେଇ ବିରୋଧୀ ଭାଜପା ଓ କଂଗ୍ରେସ ସରକାରଙ୍କୁ ଆକ୍ରମଣ ଜାରି ରଖିଥିବାବେଳେ ବିଧାନସଭାରେ ଆତ୍ମହତ୍ୟା ଉଦ୍ୟମ କରିଥିବାରୁ ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ ଗୃହରେ କ୍ଷମା ମାଗନ୍ତୁ ଦାବିରେ ଶାସକ ବିଜେଡି ସଦସ୍ୟମାନେ ଗୃହକୁ ଅଚଳ କରିଦେଇଛନ୍ତି। ସୋମବାର ଗୃହ କାର୍ଯ୍ୟ ଆରମ୍ଭରୁ ବିଧାନସଭା ରଣକ୍ଷେତ୍ର ପାଲଟି ଯାଇଥିଲା। ଉଭୟ ଶାସକ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳରେ ☞ପୃଷ୍ଠା-୨

# ଅରିଜ୍ ଖାନ୍‌ଙ୍କୁ ମୃତ୍ୟୁ ଦଣ୍ଡାଦେଶ

## ବାଟ୍‌ଲା ହାଉସ ଏନ୍‌କାଉଣ୍ଟର ମାମଲା

ନୂଆଦିଲ୍ଲୀ,୧୫।୩

୨୦୦୮ ବାଟ୍‌ଲା ହାଉସ୍ ଏନ୍‌କାଉଣ୍ଟର ଓ ପୋଲିସ ଇନ୍ସପେକ୍ଟର ମୋହନ ଚାନ୍ଦ ଶର୍ମାଙ୍କୁ ହତ୍ୟା ମାମଲାରେ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଅରିଜ୍ ଖାନ୍‌ଙ୍କୁ ସୋମବାର ଦିଲ୍ଲୀର ଏକ ଅଦାଲତ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି। ଏଥିସହିତ ଅରିଜ୍‌ଙ୍କୁ ୧୧ ଲକ୍ଷ ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଦଣ୍ଡ ଘୋଷଣା ବେଳେ ଏହାକୁ ବିରଳତମ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

୫ ନିର୍ବାଚନ

# ଜିଏସ୍‌ଟିକୁ ଆସିବନି ପେଟ୍ରୋଲ, ଡିଜେଲ

ନୂଆଦିଲ୍ଲୀ,୧୫।୩

- କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ନାହିଁ
- ସ୍ପଷ୍ଟ କଲେ ସୀତାରାମନ

କରୋନା କାଳରେ ପେଟ୍ରୋଲ ଓ ଡିଜେଲ ଦର ଲଗାତର ବଢ଼ି ସର୍ବାଧିକ ରେକର୍ଡ ସ୍ତରରେ ରହିଛି। ଗତ କିଛିଦିନ ହେବ ତେଲ ଦର ବଢ଼ି ନ ଥିଲେ ମଧ୍ୟ ପେଟ୍ରୋଲ ଏବଂ ଡିଜେଲ ଲାଗି ବର୍ଦ୍ଧିତ ଅର୍ଥ ପ୍ରଦାନ କରିବାକୁ ପଡୁଥିବାରୁ ଏହାକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ପେଟ୍ରୋଲ ଏବଂ ଡିଜେଲ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ପରିସରକୁ ଆସିଲେ ଏହାଦ୍ୱାରା ସାଧାରଣ ଲୋକମାନେ ଆଶ୍ୱସ୍ତି ଲାଭ କରନ୍ତେ ବୋଲି ବିଶେଷଜ୍ଞ କହିଥିଲେ। ହେଲେ ପେଟ୍ରୋଲ, ଡିଜେଲ ସମେତ ଅଶୋଧିତ ତୈଳ, ବିମାନ ଇନ୍ଧନ ଏବଂ ପ୍ରାକୃତିକ ବାଷ୍ପ ଜିଏସ୍‌ଟି ପରିସରକୁ ବର୍ତ୍ତମାନ ଆସିବ ନାହିଁ। ଏହି ସାମଗ୍ରୀ ସବୁକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ ବର୍ତ୍ତମାନ ସରକାରଙ୍କର କୌଣସି ପ୍ରସ୍ତାବ ନାହିଁ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରାମନ ସୋମବାର ସ୍ପଷ୍ଟ କରିଛନ୍ତି। ୨୦୧୭ ଜୁଲାଇ ପହିଲାରେ ଯେତେବେଳେ ଜିଏସ୍‌ଟି କାର୍ଯ୍ୟକାରୀ କରାଗଲା ସେତେବେଳେ କେନ୍ଦ୍ର ଏବଂ ରାଜ୍ୟ ସ୍ତରରେ ଲାଗୁ ହେଉଥିବା ପ୍ରାୟ ୧୨ରୁ ଊର୍ଦ୍ଧ୍ୱ ଟିକସ ଏହା ମଧ୍ୟରେ ବିଲୀନ ହେଲା। ହେଲେ ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ପେଟ୍ରୋଲ, ଡିଜେଲ ଏବଂ ବିମାନ ଇନ୍ଧନ ☞ପୃଷ୍ଠା-୨

# ଅଟକିଲା ବର୍ଦ୍ଧିତ ହୋଲ୍‌ଡିଂ ଟିକସ

ଭୁବନେଶ୍ୱର, ୧୫।୩ (ବ୍ୟୁରୋ)

## ଲାଗିଲା ଲଗାମ୍

- ବର୍ଦ୍ଧିତ ଟିକସ ଆଦାୟ କରିପାରିବନି ବିଏମ୍‌ସି
- ସରକାରଙ୍କ ଘୋଷଣା ପରେ ରାଜଧାନୀବାସୀ ଆଶ୍ୱସ୍ତ
- ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ପର୍ଯ୍ୟନ୍ତ ପୂର୍ବ ଧାର୍ଯ୍ୟ ଟିକସ ଆଦାୟ ହେବ: ମନ୍ତ୍ରୀ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବର୍ଦ୍ଧିତ ଟିକସ ଲାଗୁକୁ ବିଭିନ୍ନ ବର୍ଗରୁ ପ୍ରବଳ ବିରୋଧ ହେବା ପରେ ସରକାର ପଛଘୁଞ୍ଚା ଦେଇଛନ୍ତି। ବର୍ଦ୍ଧିତ ହୋଲ୍‌ଡିଂ ଟିକସ ଆଦାୟକୁ ସ୍ଥଗିତ ରଖାଯାଇଛି। ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୋମବାର କହିଛନ୍ତି। ୨୦୧୯ ବେଞ୍ଚ ମାର୍କ ଭାଲ୍ୟୁଏଶନକୁ ଆଧାର କରି ବିଏମ୍‌ସି ବର୍ଦ୍ଧିତ ଟିକସ ଲାଗୁ କରିଥିଲା। ଏହାକୁ ବିରୋଧ କରି ହାଇକୋର୍ଟରେ ମାମଲା ରୁଜୁ ହୋଇଛି। ହାଇକୋର୍ଟଙ୍କ ଚୂଡ଼ାନ୍ତ ନିଷ୍ପତ୍ତି ନ ଆସିବା ପର୍ଯ୍ୟନ୍ତ ବର୍ଦ୍ଧିତ ଟିକସ ଆଦାୟ କରାଯିବ ନାହିଁ, ସେତେବେଳ ଯାଏ ପୂର୍ବ ଧାର୍ଯ୍ୟ ଟିକସ ଆଦାୟ କରାଯିବ ବୋଲି ମନ୍ତ୍ରୀ ଜେନା ସ୍ପଷ୍ଟ କରିଛନ୍ତି। ଏପରି କି ଯେଉଁମାନେ ବର୍ଦ୍ଧିତ ଟିକସ ପଇଠ କରିଛନ୍ତି, ସେମାନେ କିପରି ଟଙ୍କା ଫେରିପାଇବେ ସେନେଇ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି। ସରକାରଙ୍କ ଏଭଳି ଘୋଷଣା ପରେ ମହାନଗରବାସୀଙ୍କୁ ଆଶ୍ୱସ୍ତି ମିଳିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଭୁବନେଶ୍ୱର ଜମିର ୨୦୧୯ ବେଞ୍ଚ ମାର୍କ ଭାଲ୍ୟୁଏଶନକୁ ଆଧାର କରି ବିଏମ୍‌ସି ପକ୍ଷରୁ ବର୍ଦ୍ଧିତ ହୋଲ୍‌ଡିଂ ଟିକସ ଆଦାୟ କରିବାକୁ ଘୋଷଣା କରାଯାଇଥିଲା। ଏପରି କି ଏହା ଭୁବନେଶ୍ୱରର ବିଭିନ୍ନ ସ୍ଥାନ ପାଇଁ ଅଲଗା ଅଲଗା କରାଯାଇଥିଲା। ପୂର୍ବ ଦର ଅପେକ୍ଷା ବର୍ଦ୍ଧିତ ଟିକସ ବହୁ ଗୁଣା ଅଧିକ ହୋଇଥିବାରୁ ଜନ ଅସନ୍ତୋଷ ଦେଖିବାକୁ ମିଳିଥିଲା। ରାଜଧାନୀବାସୀଙ୍କ ମତାମତ ଲୋଡ଼ା ନ ଯାଇ ମନଇଚ୍ଛା ଟିକସ ଧାର୍ଯ୍ୟ କରାଯାଇଥିବା ଅଭିଯୋଗ ହୋଇଥିଲା। ବିଏମ୍‌ସିର ଏଭଳି ଏକଚାଟିଆ ନିଷ୍ପତ୍ତି ବିରୋଧରେ ହାଇକୋର୍ଟରେ ମାମଲା ହୋଇଥିଲା। ଉକ୍ତ ମାମଲା ଏବେ ବିଚାରାଧୀନ ରହିଛି। ବିରୋଧୀ କଂଗ୍ରେସ ଓ ଭାଜପା ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଥିଲେ। ବର୍ଦ୍ଧିତ ହୋଲ୍‌ଡିଂ ଟିକସ ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ଉଭୟ ଦଳ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏପରି କି ସୋମବାର ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଏମ୍‌ସି ଅଫିସ ଘେରାଉ କରିବା ସହ ଧାରଣା ଦେଇଥିଲେ। ବେଞ୍ଚମାର୍କ ଭାଲ୍ୟୁଏଶନରେ ଜମିର ମୂଲ୍ୟ ତୁଳନାରେ ବିଏମ୍‌ସି ବହୁ ଅଧିକ ହୋଲ୍‌ଡିଂ ଟିକସ ଆଦାୟ କରୁଛି। ଏହାଦ୍ୱାରା ଗରିବ ଏବଂ ମଧ୍ୟମ ବର୍ଗର ଲୋକମାନେ ଯେପରି ଆଉ ଭୁବନେଶ୍ୱରରେ ଘର କରି ରହିପାରିବେ ନାହିଁ। କେବଳ ପୁଞ୍ଜିପତି ଏବଂ ଧନିକ ଶ୍ରେଣୀ ଲୋକମାନେ ବସବାସ କରିବେ ବୋଲି ନିରଞ୍ଜନ କହିଥିଲେ।

ରାଜସ୍ୱ ବୃଦ୍ଧି ନାମରେ ବର୍ଦ୍ଧିତ ଟିକସ ଆଦାୟ କରିବା ପାଇଁ ବିଏମ୍‌ସି ବିଭିନ୍ନ ସମୟରେ ଉଦ୍ୟମ ଜାରି ରଖିଥିଲା। ଏପରି କି ନିୟମିତ ହୋଲ୍‌ଡିଂ ଟିକସ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୧୨ତାରିଖରେ ବିଏମ୍‌ସି ଡେପୁଟି କମିଶନର(ରାଜସ୍ୱ) ମହାନଗର ନିଗମର ସମସ୍ତ ଜୋନାଲ ଡେପୁଟି କମିଶନରଙ୍କୁ ଚିଠି କରିଥିଲେ। ବହୁ ଲୋକ ହୋଲ୍‌ଡିଂ ଟିକସ ଦେଇ ନାହାନ୍ତି, ତେଣୁ ସେମାନଙ୍କ ବିରୋଧରେ ଯଥାଶୀଘ୍ର ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭର(ଓପିଡିଆର) ଆକ୍ଟ ଅନୁଯାୟୀ ସାର୍ଟିଫିକେଟ କେସ୍ ରୁଜୁ କରାଯାଉ। ସେହିପରି ଯେଉଁମାନଙ୍କ ବିରୋଧରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି, ସେମାନଙ୍କ କୋଠାଗୁଡିକୁ ସିଲ୍ କରିବା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜସ୍ୱ କ୍ଷତି ରୋକିବାକୁ ଏପରି ନିର୍ଦ୍ଦେଶ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଥିଲା। ବିଏମ୍‌ସିର ଏହି ନିର୍ଦ୍ଦେଶନାମାକୁ ନେଇ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ପରେ ରବିବାର ବିଏମ୍‌ସି ପକ୍ଷରୁ ସଫେଇ ଦିଆଯାଇ ବଡ଼ ବଡ଼ ଟିକସ ଖିଲାପକାରୀଙ୍କ ବିରୋଧରେ ଓପିଡିଆର୍ ଆକ୍ଟ ଅନୁଯାୟୀ ସାର୍ଟିଫିକେଟ କେସ୍ କରାଯିବା ଏକ ନିୟମିତ ପ୍ରକ୍ରିୟା। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଜୋନାଲ୍ ଡେପୁଟି କମିଶନରଙ୍କୁ ଚିଠି କରାଯାଇଛି। ଏଥିରେ କୌଣସି ବ୍ୟକ୍ତିଗତ ଘର ବିରୋଧରେ କେସ୍ କରାଯାଏ ନାହିଁ। ତେଣୁ ଜନସାଧାରଣ ଅଯଥାରେ ଭୟଭୀତ ହେବା ଠିକ୍ ନୁହେଁ ବୋଲି ବିଏମ୍‌ସି ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର କହିଥିଲେ।






**ଆଜିର ମନ୍ତବ୍ୟ**

"କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କଲେ ଚାଷୀ ଆଶ୍ୱସ୍ତ ହେବେ।
– ସତ୍ୟପାଲ୍ ମଲିକ, ମେଘାଳୟ ରାଜ୍ୟପାଳ




## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................



ଚିକୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ ପାଇଁ ପ୍ରସ୍ତୁତି

### ସମସ୍ତଙ୍କର ହେବ କୋଭିଡ୍ ପରୀକ୍ଷା

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ଆସନ୍ତା ୨୧ ତାରିଖରେ ଓଡ଼ିଶା ଆସିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ରାଉରକେଲା ଏନ୍ଆଇଟି ସମାବର୍ତ୍ତନ ଉତ୍ସବ ସମେତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ଗସ୍ତ ନିମନ୍ତେ ବ୍ୟାପକ ପ୍ରଶାସନିକ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ରାଷ୍ଟ୍ରପତିଙ୍କ ପାଖକୁ ଯିବାକୁ ଥିବା ସମସ୍ତ ଅଧିକାରୀ, କର୍ମଚାରୀ ଓ ସେବା ଯୋଗାଣକାରୀଙ୍କର ଆର୍ଟିପିସିଆର୍ କୋଭିଡ୍-୧୯ ପରୀକ୍ଷା ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ସ୍ୱାସ୍ଥ୍ୟ ବିଭାଗ ଓ ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍ଆଇଟି ସମାବର୍ତ୍ତନ ଉତ୍ସବ ମଞ୍ଚରେ ବସିବାକୁ ଥିବା ଅତିଥି, ଶିକ୍ଷାବିତ୍ ଓ ପ୍ରମାଣପତ୍ର ବା ଡିଗ୍ରୀ ଆଦି ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କର ମଧ୍ୟ କୋଭିଡ୍ ଟେଷ୍ଟ କରାଇବାକୁ କହିଛନ୍ତି। ବିମାନବନ୍ଦରଠାରୁ ଆରମ୍ଭ କରି ସଭା ଓ ରହଣିସ୍ଥଳ ଆଦି ସମସ୍ତ ସ୍ଥାନରେ କୋଭିଡ୍ ନିୟମର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରାଇବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ସନ୍ତୋଷ ବାଲା ରାଷ୍ଟ୍ରପତିଙ୍କ ଗସ୍ତ ନେଇ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତଦିନ ରାଷ୍ଟ୍ରପତି ପ୍ରଥମେ ଏନ୍ଆଇଟିର ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସୁପର ସ୍ପେଶାଲିଟି ଡାକ୍ତରଖାନା ଉଦ୍ଘାଟନ କରିବେ। ପରଦିନ ରାଷ୍ଟ୍ରପତି ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପରେ କୋଣାର୍କ ମନ୍ଦିର ପରିଦର୍ଶନ କରିବେ। ବୈଠକରେ ପୋଲିସ ଡିଜି ଅଭୟ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଞ୍ଜୀବ ଚୋପ୍ରାଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଝାରସୁଗୁଡ଼ା, ଖୋର୍ଦ୍ଧା ଓ ପୁରୀ ଆଦି ଜିଲାର ଜିଲାପାଳ, ଏନ୍ଆଇଟି ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ବରିଷ୍ଠ ଅଧିକାରୀ ଭିଡିଓ କନ୍ଫରେନ୍ସରେ ତଥ୍ୟ ଉପସ୍ଥାପନ କରିଥିଲେ।

# ଟେଷ୍ଟିଂ, ଟ୍ରେସିଂ, ଭାକ୍ସିନେଟିଂ ଜୋର୍‌ଦାର

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

### ଆଉ ଏକ ମହାଲଢ଼େଇ ପାଇଁ ପ୍ରସ୍ତୁତି

- ଦିନକୁ ୭,୩୦୦ ଆର୍ଟିପିସିଆର ଟେଷ୍ଟ ହେବ
- ଦେବଗଡ଼, ନୟାଗଡ଼ରେ ଆର୍ଟିପିସିଆର ଟେଷ୍ଟିଂ ଲାବରେଟୋରି
- ଭୁବନେଶ୍ୱର ସମେତ ୫ ସହରରେ ପୁଣି ସେରୋ ସର୍ଭେ
- ରବିବାର, ଛୁଟିଦିନ ବ୍ୟତୀତ ସବୁଦିନ ଟିକାକରଣ
- ଦିନକୁ ୧ଲକ୍ଷ ବରିଷ୍ଠ ନାଗରିକ ନେବେ ଟିକା

ଦେଶରେ କରୋନାର ନୂଆ ରୂପ କାୟା ବିସ୍ତାର କରିଚାଲିଥିବାରୁ ଓଡ଼ିଶାକୁ ଯେପରି ପଶି ନ ପାରିବ ସେଥିପାଇଁ ସରକାର ସବୁ ସ୍ତରରୁ ଉଦ୍ୟମ ଆରମ୍ଭ କରିଛନ୍ତି। ଆଗକୁ ରାଜ୍ୟରେ ସଂକ୍ରମଣ ବଢ଼ିବା ସମ୍ଭାବନା ରହିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିବା ପରେ ଏହାକୁ ଏଡ଼ାଇବା ପାଇଁ ଆଗୁଆ ପଦକ୍ଷେପ ଆରମ୍ଭ ହୋଇଛି। ଟେଷ୍ଟିଂ, ଟ୍ରେସିଂ ଓ ଭାକ୍ସିନେଟିଂକୁ ଜୋର୍ଦାର କରିବା ସହ ଆଉଏକ ମହାଲଢ଼େଇ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ରାଜ୍ୟରେ ଦିନକୁ ୭,୩୦୦ ଆର୍ଟିପିସିଆର ଟେଷ୍ଟ କରିବାକୁ ନିଷ୍ପତ୍ତି ହୋଇଥିବାବେଳେ ସ୍ଥିତିର ତଦାରଖ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଏ ନେଇ ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସେରୋ ସର୍ଭେ ପାଇଁ ଆର୍ଏମ୍ଆର୍ସି ନିର୍ଦ୍ଦେଶକଙ୍କୁ ପ୍ରସ୍ତାବ ଦିଆଯାଇଛି। ସମ୍ବଲପୁର, ରାଉରକେଲା, କଟକ, ଭୁବନେଶ୍ୱର, ପୁରୀରେ ସେରୋ ସର୍ଭେ ହେବ। ସେହିପରି ଦେବଗଡ଼ ଓ ନୟାଗଡ଼ରେ ଆର୍ଟିପିସିଆର ଟେଷ୍ଟିଂ ଲାବରେଟୋରି ତୁରନ୍ତ ଖୋଲାଯିବ। ଆବଶ୍ୟକ ଟେଷ୍ଟିଂ କିଟ୍ କିଣିବା ପାଇଁ ରାଜ୍ୟ ଔଷଧ ନିଗମକୁ କୁହାଯାଇଥିବାବେଳେ ବାହାରୁ ଆସୁଥିବା ସମସ୍ତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ଏନେଇ ସ୍ୱତନ୍ତ୍ର ଗାଇଡ୍ଲାଇନ ପ୍ରସ୍ତୁତ କରାଯାଇ ସମସ୍ତ ଜିଲାପାଳ ଓ ସିଡିଏମ୍ଓଙ୍କୁ ପଠାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ସେପଟେ ରବିବାର ଓ ଛୁଟିଦିନ ବ୍ୟତୀତ ଅନ୍ୟସବୁ ଦିନ ଟିକାକରଣ ହେବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟରେ ବୟସ୍କଙ୍କ ଟିକାକରଣକୁ ତ୍ୱରାନ୍ୱିତ କରାଯିବ। ପ୍ରତିଦିନ ୧ ଲକ୍ଷ ବରିଷ୍ଠ ନାଗରିକଙ୍କୁ ଟିକାଦାନ ଲକ୍ଷ୍ୟ ରଖାଯାଇଛି। ଏହାକୁ ବଢ଼ାଇବାକୁ ଆବଶ୍ୟକ ଭିତ୍ତିଭୂମିକୁ ଉନ୍ନତ କରାଯିବ। ବର୍ତ୍ତମାନ ରାଜ୍ୟରେ ୭୦୦ ଟିକାକରଣ କେନ୍ଦ୍ର ଚାଲୁଛି। ଏହାକୁ ୧ ହଜାରକୁ ବୃଦ୍ଧି କରାଯିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯୧% ସ୍ୱାସ୍ଥ୍ୟ କର୍ମୀ ଓ ୮୦% ସମ୍ମୁଖ ଯୋଦ୍ଧା ଟିକା ନେଇଥିବା ସେ ସୂଚନା ଦେଇଛନ୍ତି।

ଅପରପକ୍ଷରେ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର। ସେ କହିଛନ୍ତି, ଅନ୍‌ଲକ୍ ଯୋଗୁ ଯାତାୟାତ ବୃଦ୍ଧି ପାଇଛି ଓ ଲୋକେ ସାମାନ୍ୟ ଢିଲା ହୋଇଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ କରୋନା ନିୟନ୍ତ୍ରଣାଧୀନ ଅଛି। ହେଲେ ଗତ ୨ମାସ ଭିତରେ ସାରା ଦେଶରେ ସଂକ୍ରମଣ କିଛି ପରିମାଣରେ ବଢ଼ିଛି। ୨୪ ଘଣ୍ଟାରେ ୨୪ ହଜାରରୁ ଅଧିକ ନୂଆ କେସ୍ ସାରା ଦେଶରୁ ବାହାରୁଛି। ତେଣୁ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିବା ସମ୍ଭାବନା ରହିଛି। ସର୍ଭେଲାନ୍ସ ବୃଦ୍ଧି କରିବାକୁ ଆମେ ଚେଷ୍ଟା କରୁଛୁ। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ନିର୍ଦ୍ଦିଷ୍ଟ ୫ ରାଜ୍ୟର ସ୍ଥିତିକୁ ଦେଖି ଆମକୁ ସଚେତନ ହେବାକୁ ପଡ଼ିବ। ଟେଷ୍ଟିଂ, ଟ୍ରେସିଂକୁ ଜୋର୍ଦାର କରାଯାଇଛି। ବିଦେଶ ଓ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ ନଜର ରଖାଯାଇଛି। ଏହା ଦ୍ୱିତୀୟ ଲହର ନୁହେଁ, ବରଂ କିଛିଦିନ ପରେ ଏହି ସଂଖ୍ୟା ପୁଣି ଥରେ ଖସିବ। କିନ୍ତୁ ଲୋକଙ୍କୁ ସତର୍କ ଓ ସଚେତନ ହୋଇ ନିୟମ ପାଳନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜ୍ଞା ଆଜ୍ଞା ମାଳ ମାଳ**
**ଦେବା ନେବା ବାଘର ବାଳ।**
କେତେକ ବ୍ୟକ୍ତିଙ୍କ କଥା ଓ କାର୍ଯ୍ୟରେ କିଛି ସାମଞ୍ଜସ୍ୟ ରହି ନ ଥାଏ। ଯେଉଁଭଳି ଭାବେ କଥା କହିଥାନ୍ତି, କାର୍ଯ୍ୟରେ ତାହାକୁ ରୂପାନ୍ତରିତ କରି ନ ଥାନ୍ତି। ଆଜ୍ଞା ଆଜ୍ଞା କହି ବା କରି କିଛି ନ ଦେଇ ଭଣ୍ଡାଉ ଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଖୁ ବୁଦା ଆଡେ ଜହ୍ନ**
**କାଲି ରାତିରେ ସପନ ଦେଖିଛି**
**ବିରାଡ଼ି କାଟୁଚି ଧାନ।**
ବିରାଡ଼ି ଧାନ କାଟିବା ନିହାତି ଭାବେ ଅସମ୍ଭବ କଥା ହୋଇଥାଏ। ପରୋକ୍ଷରେ ଅକର୍ମା କର୍ମନିପୁଣତା ଦେଖାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ


**ପ୍ରଥମ ପୃଷ୍ଠାରୁ...**

### ସ୍ୱାଭାବିକ ହେଉନି...

ଗୃହ ହୁଲସ୍ଥୁଲ ହୋଇଥିଲା। ପ୍ରବଳ ହଟ୍ଟଗୋଳକୁ ଦେଖି ବାଚସ୍ପତି ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ସୋମବାର ପୂର୍ବାହ୍ନ ୧୦ଟା ୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସଭା କାର୍ଯ୍ୟ ଆରମ୍ଭ କରିବା ମାତ୍ରେ ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଧାନ ସମସ୍ୟା ନେଇ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଶାସକ ଦଳର ସଦସ୍ୟମାନେ ମଧ୍ୟ ଭାଜପା ବିଧାୟକ କ୍ଷମା ମାଗିବା ଦାବିରେ ହଟ୍ଟଗୋଳ କରିଥିଲେ। ଗୃହର ସମସ୍ତ ସଦସ୍ୟ ହଟ୍ଟଗୋଳରେ ମାତିଥିବାରୁ ବାଚସ୍ପତି କିପରି ଗୃହକୁ ସ୍ୱାଭାବିକ ଅବସ୍ଥାକୁ ଆଣିବେ କିଛି ବୁଝିପାରି ନ ଥିଲେ। କେବଳ ସଦସ୍ୟମାନଙ୍କୁ ଚାହିଁ ରହିଥିଲେ। ପରିସ୍ଥିତି ବିଗୁଡୁଥିବା ଦେଖି ବାଚସ୍ପତି ମାତ୍ର ୧ ମିନିଟ୍ ପରେ ୧୦ଟା ୩୧ରୁ ୧୧ଟା ୩୦ ମିନିଟ୍ ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରେ ପୁନର୍ବାର ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ପୁଣି ବିରୋଧୀ ଓ ଶାସକ ସଦସ୍ୟମାନେ ନିଜ ନିଜ ଦାବିରେ ଗୃହ ମଧ୍ୟଭାଗକୁ ମାଡ଼ି ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ୧୧ଟା ୩୧ରୁ ପୁଣି ୧୫ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୪୬ରେ ଗୃହ କାର୍ଯ୍ୟ ପୁନଃଆରମ୍ଭ ହେବା ମାତ୍ରେ ଶାସକ, ବିରୋଧୀ ହଟ୍ଟଗୋଳରେ ମାତି ଯାଇଥିଲେ। ବାଚସ୍ପତି ସଦସ୍ୟମାନଙ୍କୁ ନିଜ ସିଟ୍କୁ ଯିବାକୁ ଯେତେ ଅନୁରୋଧ କରିଥିଲେ ସୁଦ୍ଧା ପରିସ୍ଥିତିରେ ସୁଧାର ଆସି ନ ଥିଲା। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଦେଇଥିଲେ। ତେବେ ଅପରାହ୍ନରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା। ଲଗାତର ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ମଙ୍ଗଳବାର ପୂର୍ବାହ୍ନ ୧୦ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରିଥିଲେ।

### ଅରିଜ୍ ଖାନ୍ଙ୍କୁ...

ମାମଲା ବୋଲି ଅଦାଲତ କହିଥିଲେ। ଦିଲ୍ଲୀ ପୋଲିସ୍ର ସ୍ପେଶାଲ ସେଲ୍ ଅଫିସର ମୋହନଙ୍କୁ ଦକ୍ଷିଣ ଦିଲ୍ଲୀର ଜାମିଆ ନଗରରେ ହତ୍ୟା କରାଯାଇଥିଲା। ଅତିରିକ୍ତ ସେସନ୍ସ ଜଜ୍ ସନ୍ଦିପ ଯାଦବ ସୋମବାର ସକାଳେ ଦଣ୍ଡ ଶୁଣାଣି କରି ରାୟକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସଂରକ୍ଷିତ ରଖିଥିଲେ। ଏହା ସାଧାରଣ ହତ୍ୟାକାଣ୍ଡ ନୁହେଁ। ଜଣେ ଆଇନ ପ୍ରବର୍ତ୍ତନ ଅଧିକାରୀଙ୍କୁ ହତ୍ୟା କରାଯାଇଥିବାରୁ ଅରିଜ୍ଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ପୋଲିସ ଦାବି କରିଥିଲା। ଅପରାଧୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ମିଳିବା ଆବଶ୍ୟକ ବୋଲି ପୋଲିସ ପକ୍ଷରୁ ମାମଲା ଲଢୁଥିବା ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଏ.ଟି. ଅନ୍ସାରୀ କୋର୍ଟଙ୍କୁ କହିଥିଲେ।



ଅରିଜ୍ ଖାନ୍

ମାର୍ଚ୍ଚ ୮ରେ ମାମଲାର ଶୁଣାଣି ବେଳେ ଅରିଜ୍ ଓ ତାଙ୍କ ସହଯୋଗୀ ପୋଲିସ ଅଧିକାରୀଙ୍କୁ ହତ୍ୟା କରିଥିବା ପ୍ରମାଣିତ ହୋଇଥିବା କୋର୍ଟ କହିବା ସହ ଅରିଜ୍ଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଏହି ମାମଲାରେ ସହଅଭିଯୁକ୍ତ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଶାହାଜାଦ ଅହମଦଙ୍କୁ ୨୦୧୩ରେ ଆଜୀବନ ଜେଲ୍ଦଣ୍ଡ ହୋଇଥିଲା। ଦଣ୍ଡାଦେଶ ବିରୋଧରେ ତାଙ୍କ ଅପିଲ୍ ହାଇକୋର୍ଟଙ୍କ ବିଚାରାଧୀନ ରହିଛି। ୨୦୦୮ ସେପ୍ଟେମ୍ବରରେ ହୋଇଥିବା ଦିଲ୍ଲୀ ସିରିଏଲ୍ ବିସ୍ଫୋରଣରେ ୩୦ ଜଣଙ୍କ ମୃତ୍ୟୁ ଘଟିଥିଲା। କାରୋଲ ବାଗ୍, କନ୍ନଟ ପ୍ଲେସ୍, ଗ୍ରେଟର କୈଳାସ ଏବଂ ଇଣ୍ଡିଆ ଗେଟ୍ ନିକଟରେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ସମ୍ପୃକ୍ତ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଜାମିଆ ନଗର ଅନ୍ତର୍ଗତ ଏଲ୍-୧୮ ବାଟ୍ଲା ହାଉସ୍ରେ ଆତ୍ମଗୋପନ କରିଥିବା ଦିଲ୍ଲୀ ପୋଲିସ ଗୋଇନ୍ଦା ସୂଚନା ପାଇବା ପରେ ସେପ୍ଟେମ୍ବର ୧୯ରେ ଏହା ଉପରେ ଚଢ଼ାଉ କରିବାରୁ ପୋଲିସ ଓ ଆତଙ୍କବାଦୀଙ୍କ ମଧ୍ୟରେ ଏନ୍କାଉଣ୍ଟର ହୋଇଥିଲା। ପୋଲିସ ଗୁଳିରେ ସନ୍ଦିଗ୍ଧ ଆତଙ୍କବାଦୀ ଅତିଫ୍ ଅମିନ ଏବଂ ମହମ୍ମଦ ସାଜିଦ ନିହତ ହୋଇଥିଲେ। ଆତଙ୍କବାଦୀଙ୍କ ଗୁଳିରେ ପୋଲିସ ଇନ୍ସପେକ୍ଟର ମୋହନ ଚାନ୍ଦ ଶର୍ମା ପ୍ରାଣ ହରାଇଥିଲେ। ମହମ୍ମଦ ସୈଫ୍ ନାମକ ଆତଙ୍କବାଦୀ ଆତ୍ମସମର୍ପଣ କରିଥିବାବେଳେ ଅରିଜ୍, ଶାହଜାଦ ଏବଂ ଜୁନୈଦ ଖସିପଳାଇଥିଲେ। ହତ୍ୟାକାଣ୍ଡ ପରେ ଫେରାର ଥିବା ଅରିଜ୍ଙ୍କୁ ୨୦୧୮ ଫେବୃୟାରୀ ୧୪ରେ ଗିରଫ କରାଯାଇଥିଲା।

### ଜିଏସ୍ଟିକୁ ଆସିବନି...

ଏହାର ପରିସରକୁ ଆସିପାରିଲା ନାହିଁ। ଏହି କ୍ଷେତ୍ରରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ସ୍ୱାୟତ୍ତତା ବଜାୟ ରଖିବା ଲାଗି ଏଭଳି ନୀତି ଆପଣାଗଲା। ଫଳରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ନିଜର ଉତ୍ପାଦ ଶୁଳ୍କ ଏବଂ ରାଜ୍ୟ ସରକାର ଭାଟ୍ ଲାଗୁ କରୁଛନ୍ତି। ନିର୍ଦ୍ଦିଷ୍ଟ ସମୟ ଅବଧିରେ ଉତ୍ପାଦ ଟିକସ ବୃଦ୍ଧି କରାଯାଉଥିବା ନଜରକୁ ଆସିଛି। ବିଶ୍ୱ ବଜାରରେ ବର୍ତ୍ତମାନ ତୈଳ ଚାହିଦା ପ୍ରତ୍ୟାବର୍ତ୍ତନ କରୁଥିବାରୁ ଅଶୋଧିତ ତୈଳ ଦର ବୃଦ୍ଧି ପାଉଛି। କେନ୍ଦ୍ର ଏବଂ ରାଜ୍ୟ ସ୍ତରର ବର୍ଦ୍ଧିତ ଟିକସ ଯୋଗୁ ତେଲ ଦର କମୁନାହିଁ। ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତରରେ ସୀତାରାମନ କହିଛନ୍ତି, ପେଟ୍ରୋଲ ଓ ଡିଜେଲକୁ ଜିଏସ୍ଟିକୁ ଆଣିବା ଉପରେ ସରକାର ବର୍ତ୍ତମାନ କୌଣସି ବିଚାର କରୁନାହାନ୍ତି। ସୀତାରାମନ କହିଛନ୍ତି, ନିୟମ ମୁତାବକ, ରାଜ୍ୟଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ଜିଏସ୍ଟି ପରିଷଦ ଏହି ପ୍ରସଙ୍ଗ ଉପରେ ପ୍ରସ୍ତାବ ରଖିବା କଥା। ମାତ୍ର ପରିଷଦ କୌଣସି ପ୍ରସ୍ତାବ ଏଯାଏ ଦେଇନାହିଁ। ଏହି ୫ ପେଟ୍ରୋଲିୟମ ପ୍ରଡକ୍ଟ ଜିଏସ୍ଟି ଅଧୀନକୁ ଆସିବ କି ନାହିଁ ସେ ନେଇ ପରିଷଦ ବିଚାରକରିପାରେ। ରାଜସ୍ୱ ତଥା ଅନ୍ୟ ଦିଗକୁ ଦେଖି ପରିଷଦ ନିଷ୍ପତ୍ତି ନେଇପାରେ। ପେଟ୍ରୋଲ ଡିଜେଲକୁ ଜିଏସ୍ଟି ପରିସରଭୁକ୍ତ କରାଇବା ନେଇ ନିକଟରେ ସୀତାରାମନ ମତ ପ୍ରକାଶ କରିଥିଲେ। ଏଭଳି ପ୍ରସଙ୍ଗକୁ ବିଚାରକୁ ନେଇ ଟିକସ ହ୍ରାସ ପଦକ୍ଷେପ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଗ୍ରହଣ କରନ୍ତୁ ବୋଲି ସେ କହିଥିଲେ। ଅନ୍ୟ ଏକ ପ୍ରଶ୍ନର ଉତ୍ତର ରଖି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, ଗୋଟିଏ ବର୍ଷ ତଳେ ପେଟ୍ରୋଲ ଉପରେ ଲିଟର ପିଛା ୧୯.୯୮ ଟଙ୍କା ଉତ୍ପାଦ ଟିକସ ଲାଗୁ ହେଉଥିବା ବେଳେ ଏହା ବର୍ତ୍ତମାନ ୩୨.୯ ଟଙ୍କା ଛୁଇଁଛି। ସେହିଭଳି ଡିଜେଲ ଉପରେ ଉତ୍ପାଦ ଟିକସ ୧୫.୮୩ ଟଙ୍କାରୁ ୩୧.୮ ଟଙ୍କାକୁ ବଢ଼ିଛି। ବର୍ତ୍ତମାନର ବିତ୍ତୀୟ ସ୍ଥିତିକୁ ନଜରରେ ରଖି ଉତ୍ପାଦ ଟିକସ ବୃଦ୍ଧି କ୍ଷେତ୍ରରେ ବିଭିନ୍ନ ନିଷ୍ପତ୍ତି ହେଉଛି। ସେହିଭଳି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢୁଥିବାରୁ ଏହା ଭାରତ ବଜାର ଉପରେ ପ୍ରଭାବ ପକାଉଥିବା ସେ ମତ ଦେଇଛନ୍ତି।

## ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ**
ଅଟକି ରହିଥିବା କାମଗୁଡ଼ିକ ଯୋଗୁ ମାନସିକ ଶାନ୍ତି ବ୍ୟାହତ ହେବ। କର୍ମକ୍ଷେତ୍ର, ବ୍ୟବସାୟ, ପରିବହନ, ରାଜନୀତି, ସଭାସମିତି ଓ କଳା ପାଇଁ ଚାପ କ୍ରମଶଃ ବଢ଼ିପାରେ। ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ନିଜ ଲୋକମାନଙ୍କୁ ଦାୟୀ କରିବେ। ମାତ୍ରାଧିକ ଭ୍ରମଣ, ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ପରୋକ୍ଷ ଶତ୍ରୁତାରୁ ଦୋଷୀ ରୂପେ ପରିଗଣିତ ହେବେ। କେତେକ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଏହା ଘଟିବାର ସମ୍ଭାବନା ଅଧିକ ରହିଛି। ଅର୍ଥ କିମ୍ବା ଆବଶ୍ୟକତା ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବ। ଏକ ସାଧାରଣ ପରିସ୍ଥିତିରେ ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ।

**ମିଥୁନ**
ସ୍ୱାସ୍ଥ୍ୟରେ ଉନ୍ନତି, ଗୃହରେ ଶାନ୍ତି, ଜମିଜମା ବିବାଦର ସମାଧାନ ହେତୁ ମନ ପ୍ରଫୁଲ୍ଲ ରହିବ। ବାଣିଜ୍ୟ, ପରିବହନ, ସଭାସମିତି, ବନ୍ଧୁ ସମ୍ପର୍କ ଓ ପାରିବାରିକ ଦିଗରୁ ଅନୁକୂଳ ଫଳ ପାଇବେ। ମାଲି ମକଦ୍ଦମା, ଆଲୋଚନା, ଗବେଷଣା, ପ୍ରେସ୍ ପବ୍ଲିକେଶନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହେବେ।

**କର୍କଟ**
ଆଜି କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସଙ୍ଗକୁ ଭ୍ରମଣ ସୁଯୋଗ, ସତ୍ସଙ୍ଗ ଯୋଗୁ ମନ ଖୁସି ରହିବ। ପାରିବାରିକ ଅସ୍ଥିରତା, ଅର୍ଥାଭାବ, କାର୍ଯ୍ୟସିଦ୍ଧିରେ ବିଳମ୍ବ ଓ ମାନସିକ ଦ୍ୱନ୍ଦ୍ୱ ଭିତରେ ସମୟ କଟାଇବେ। ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ବାଣିଜ୍ୟ, ବ୍ୟବସାୟ ଏପରି କି ଯୋଗାଣ କାରବାରରେ ଉନ୍ନତି କରିବେ।

**ସିଂହ**
ଆଜି ଦିନଟିରେ ପୂର୍ବାପେକ୍ଷା ପରିସ୍ଥିତି କେତେକାଂଶରେ ଭଲ ହେଲେ ମଧ୍ୟ ପ୍ରତ୍ୟେକ କାମରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗି ରହିବ। ଅବଶ୍ୟ ଆଜି ସଂଗୀତ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ବିଶେଷ ଭ୍ରମଣଜନିତ ସ୍ୱାସ୍ଥ୍ୟ ବିଗିଡ଼ି ଯାଇପାରେ।

**କନ୍ୟା**
ବିଳମ୍ବିତ ସମୟରେ ଅପେକ୍ଷା କରିଥିବା ଖବରଟି କିମ୍ବା ଅଭିଳଷିତ ଜିନିଷଟି ପାଇବେ। ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେଇ ପାରେ। ଋଣ ସୂତ୍ରରେ ଅର୍ଥଲାଭ ପାଇଁ ପ୍ରଯତ୍ନ କରିବେ ଓ ଏଥିପାଇଁ ବନ୍ଧୁଙ୍କୁ ନେହୁରା ହେବାକୁ ପଡ଼ିବ। ସନ୍ଧ୍ୟା ସମୟରେ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ତୁଳା**
ଆପଣ ଯେତେ ଅନ୍ୟମାନଙ୍କର ମନ ନେଇ କାମ କଲେ ମଧ୍ୟ ନିଜର ଲୋକମାନେ ଈର୍ଷା ପରାୟଣ ହେବେ। ଅର୍ଥ ସଂଗ୍ରହରେ ତତ୍ପର ହେବେ, କିନ୍ତୁ ସମ୍ପୂର୍ଣ୍ଣ ସଫଳତା ପାଇବେ ନାହିଁ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ଭ୍ରମଣ ପାଇଁ ମନ ବଳାଇବେ ଓ ବନ୍ଧୁ ମିଳନ ଘଟିବ। ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**
ଶାରୀରିକ ସ୍ୱାସ୍ଥ୍ୟ ବିଗିଡ଼ିବା ସହ ବନ୍ଧୁଙ୍କ ସହ ମତାନ୍ତରର ସମ୍ଭାବନା ରହିଛି। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ ଓ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅପରାହ୍ନରେ କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ଅର୍ଥଲାଭ, ସମ୍ମାନ ପ୍ରାପ୍ତି, କାର୍ଯ୍ୟସିଦ୍ଧି ହେତୁ ମନ ମଧ୍ୟ ପ୍ରଫୁଲ୍ଲ ରହିବ। ଯେକୌଣସି କ୍ଷେତ୍ର ହେଉନା କାହିଁକି ଆପଣ ବିଚାର ବିନା ସରଳ ବିଶ୍ୱାସ କଲେ ହଇରାଣରେ ପଡ଼ିବେ। ରୋଗପୀଡ଼ା ଉପଶମ ହେତୁ ଖୁସି ରହିବେ। ଲେଖାପଢ଼ା ତଥା ପ୍ରକାଶନ, ପ୍ରଶାସନ, ଯୋଗାଯୋଗ କ୍ଷେତ୍ରରେ ଶୁଭଫଳ ପାଇବେ।

**ମକର**
ସକାଳୁ ବନ୍ଧୁଙ୍କ ଦୁଃଖରେ ସମବେଦନା ପୂର୍ବକ ମନରେ ଭାବାନ୍ତର ସୃଷ୍ଟି ହୋଇପାରେ। ଯାତ୍ରା, ବାଣିଜ୍ୟ, ସ୍ତ୍ରୀ ସମ୍ପର୍କ, ବିବାଦୀୟ ଘଟଣା, ନିର୍ମାଣ ଓ ପରିବହନରେ ସମସ୍ୟା ହେବ। ନିଜସ୍ୱ ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ।

**କୁମ୍ଭ**
ଆଜି ନୂତନ ଗୃହ, ଯାନ ବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାର ପ୍ରଭୃତି ମୂଲ୍ୟବାନ ଜିନିଷ ପାଇଁ ମନ ବଳାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। ବ୍ୟବସାୟ ଓ ପରିବହନରେ ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ସାମାନ୍ୟ ଝଟକା ଲାଗିପାରେ। ଆର୍ଥିକ ସମସ୍ୟା, ଜମିଜମା, ପିଲାଙ୍କ ବିବାହ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିବ।

**ମୀନ**
ଆଜି ବନ୍ଧୁଙ୍କ ମଧୁର ବ୍ୟବହାର ସଙ୍ଗକୁ ଅର୍ଥଲାଭ ମନକୁ ପ୍ରଫୁଲ୍ଲିତ କରିବ। ସାଧାରଣ କଥାକୁ କେନ୍ଦ୍ରକରି ପରିବାର ମଧ୍ୟରେ ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେବେ ଓ ସଭାସମିତିରେ ପ୍ରଶଂସିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ସତ୍ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ।

ଆଜି ଫାଲ୍ଗୁନ ଶୁକ୍ଳ ତୃତୀୟା ମଙ୍ଗଳବାର, ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ରାଶି ନକ୍ଷତ୍ର- ଅଶ୍ୱିନୀ/ମେଷ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତଚନ୍ଦ୍ର, ମକର ରାଶିର ଘାତବାର, ସକାଳ ଘ.୦୮.୨୦ମି. ଗତେ ଘ.୧୦.୪୩ମି. ମଧ୍ୟେ, ଘ.୦୧.୦୬ମି. ଗତେ ଘ.୦୨.୪୨ମି. ମଧ୍ୟେ, ଘ.୦୩.୦୨ମି. ଗତେ ଘ.୦୫.୦୫ମି. ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୨.୫୪ମି. ଗତେ ଘ.୦୪.୨୩ମି. ମଧ୍ୟେ ରାହୁକାଳ।


# classifieds Everyday
**0674-2580101, 2549302**



**SALE**

Bhubaneswar ସୁନ୍ଦରପଦାରେ ଘରବାରି ପ୍ଲଟ୍ sqft.-950/-, 350/- କାଟେଣୀରେ 650/- LIPSA-9853150290. D-70812

**40Acres Plotting Township Near Sumhospital Now Phase-2 open. We provide Facilities are 30ft. concrete road Park,Temple,Electricity with streetlight in every road children's playarea. For more details SHREE KRISHNA DEVELOPER, 8337900880/8337900881.** D-20241

ଜଗତ୍ସିଂହପୁର ଡିଷ୍ଟ୍ରିକ୍ଟ କୋର୍ଟ ନିକଟ, ତରଡ଼ାପଡ଼ା ମୌଜା ମେନ୍ ରୋଡ୍ ପାଖରେ ପ୍ରତ୍ୟେକ ପ୍ଲଟ୍କୁ ବିଦ୍ୟୁତ୍ ସଂଯୋଗ ଓ 20 ରାସ୍ତା ଥାଇ ଘରବାରି ଜାଗା ବିକ୍ରିହେବ। ଯୋଗାଯୋଗ- **7325800846.** D-70556

Genuine plot for sale with Bank Loan facility in Sundarpada, AIIMS. 8118050420. D-20210

**Bhubaneswar Baliantaର ସାଇଫନ୍ ଛକ ନିକଟରେ residential plot sqft.900/- ବିକ୍ରିହେବ। 8018242542, 6370621085.** D-70808

3BHK Flat near Lingaraj Station,, Bhubaneswar, immediate sale 56 Lakh. 7008005490. D-59983

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity, with 30ft. road, sqft.650/-ରେ ମିଳୁଛି। Contact: 7008045582, 7749800648.** D-20177

Fully furnished 2BHK Flat Sale, Puri Bypass road at Krupajal College near Hyundai Showroom, Bhubaneswar. Contact- 9861037729, 9040337729. D-20245

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Saibhihar Colonyରେ 30' ରାସ୍ତା ଥାଇ Rangabazar, BJEM-2 ରେ 1500sqft. 780000ରେ ମିଳୁଛି। 9853415415.** D-20248

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

**GENERAL**

**SALE**

Two 1.5ton carrier window A.C. domestically used in good running condition, sale Rs. 18,000/- each. Contact Mo-8458080690. D-20205



**Tolet opening shortly suitable for Bank, Office & Clinic, Central A/c hall, A/c Cabin, Attached L./Bathroom, 24hours Hot/ Cold water, all area under CCTV, Night Security guard, 24hour power backup, Location- Gandibed-Oupada road (Mishra Dokan), 1km from Gandibed Bazar, 6km from Oupada Bazar, Contact: 9437041836.** D-20246

**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997



New opening Saikrupa Panchakarma and SPA jointpain, fullbody massage, 8984068077. D-65913

Get good massage for your health the best therapy. 7749997224. D-70438

Zen SPA positively health benefits with experts therapeutic genuinely massage. 7205084157. D-70554

Swarna SPA newly open positively health benefits with expert therapist. 9556978408. D-70559

**BUSINESS**

**Install white lable ATM in your free space and monthly earn 20000/- to 80,000/- (Agent invited). 7064182517.** D-70553

SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000-35000/- +Laptop+ Mobile + other facilities free (Part/fulltime). 9667693638, 9667693639. D-70558

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



HONDA
The Power of Dreams
ଘଟ କରିଦେବା ଖୁସ୍
ଯିଏ ରହେ ସର୍ବଦା ଆଡଭାନ୍ସଡ
ପ୍ରସ୍ତୁତ କରୁଛୁ SP 125
ଫାର୍ଷ୍ଟ-ଇନ୍-କ୍ଲାସ୍ ଫିଚର୍ସର ସହିତ,
ସେହି ମାନଙ୍କ ପାଇଁ ଯେଉଁମାନେ ସର୍ବଦା ରହିଥାନ୍ତି ଆଗରେ।
SP125
ଫାର୍ଷ୍ଟ-ଇନ୍-କ୍ଲାସ୍*
ACG ର ସହିତ ସାଇଲେଣ୍ଟ ଷ୍ଟାର୍ଟ
ଶାର୍ପ LED DC ହେଡଲ୍ୟାମ୍ପ
ଫୁଲ୍ ଡିଜିଟାଲ୍ ମିଟର
ଇଞ୍ଜିନ୍ ଷ୍ଟାର୍ଟ/ଷ୍ଟପ୍ ସ୍ୱିଚ୍
ଇଣ୍ଟିଗ୍ରେଟେଡ ହେଡଲ୍ୟାମ୍ପ ବୀମ୍ ଏବଂ ପାସିଙ୍ଗ୍ ସ୍ୱିଚ୍
BOOK ONLINE NOW!
www.honda2wheelersindia.com
CLICK BOOK RELAX
କମ୍ ROI 6.5%#
ଫାଇନାନ୍ସ 100%# ପର୍ଯ୍ୟନ୍ତ
ଆଧୁନିକ ଫିଚର୍ସ ଡିଷ୍ଟାନ୍ସ-ଟୁ-ଏମ୍ପଟି ଇଣ୍ଡିକେଟର | ରିୟଲ୍-ଟାଇମ୍ ମାଇଲେଜ ଇଣ୍ଡିକେଟର | ଏଭରେଜ୍ ମାଇଲେଜ୍ ଇଣ୍ଡିକେଟର* | ଇକୋ ସ୍ପିଡ୍ ଇଣ୍ଡିକେଟର | ଗିୟର ପୋଜିଶନ୍ ଇଣ୍ଡିକେଟର | 5-ସ୍ପିଡ୍ ଟ୍ରାନ୍ସମିଶନ
ଏ କ୍ୱାଇଟ ରିଭୋଲ୍ୟୁସନ
eSP ENHANCED SMART POWER
HET BS-VI
PGM-FI FUEL INJECTION
ALWAYS WEAR A HELMET WHILE RIDING
Follow us on
ହୋଣ୍ଡା ହିଁ HONDA
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com
Honda Exclusive Authorized Dealerships: ANGUL: Laxmi Honda - 8908010431, 8908025000; TALCHER: Anupama Honda - 06760-242181, 7852930592; DHENKANAL: Ganpati Honda - 7852949320, 7852949310; Parjang Hari om Honda - 7381899927; ANANDPUR: Pritam Honda - 9437876766, 7504045272; PARJANG: Hari Omm Honda - 8917420998.
For Bulk/Institutional enquiries, please write us at: institutionalsales@honda2wheelersindia.com




MARUTI SUZUKI ARENA
The New 2021
SWIFT
LIMITLESS THRILL
STUNNING LOOKS
BELIMITLESS
ଆଇଡଲ ଷ୍ଟାର୍ଟ-ଷ୍ଟପ ସହିତ ନେକ୍ସଟ ଜେନ K ସିରିଜ ଇଞ୍ଜିନ
କ୍ରୁଜ କଣ୍ଟ୍ରୋଲ
ଅଟୋ ଗିୟର ଶିଫ୍ଟ
5ଟି ଆକର୍ଷକ ଫାଇନାନ୍ସ-ଅଫର୍ସ
• ଏବେ କିଣନ୍ତୁ, ପରେ ଟଙ୍କା ଦେବେ^ • 100% ଅନ-ରୋଡ୍ ଲୋନ ଉପଲବ୍ଧ^
• 7.1% କମ୍ ସୁଧର ହାର^ • ଅତିକମର ଅଗ୍ରିମ ଚୁକତି^ • ₹899 ର କମ ମାସିକ କିସ୍ତି^
SWIFT
SAVE UP TO
₹39 000*
SWIFT
Test drive today | Call 1800 102 1800 | www.marutisuzuki.com/swift | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in
JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. BARIPADA: 9798190190. BHADRAK: 9798190190. NAYAGARH: 9798190190. BALASORE: 9798190190.
NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626 JAGATSINGHPUR: 9583022090 PARADEEP: 9583022034/48 PURI: 9583022035.
ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.
TUSHI MOTORS
CUTTACK: 9078076450.
SKY AUTOMOBILES
BHUBANESWAR: 9776645711. CUTTACK: 9776677771, 7381873818. DHENKANAL: 9776900005. JAJPUR: 9776900777.
*Offer includes consumer offer, exchange bonus and corporate offer (wherever applicable) on selected models/variants. *^Terms and conditions apply. ^Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. ^Low interest rate at 7.1% is provided by Bank of Baroda. Accessories and features shown in the pictures may not be a part of the standard equipment and may vary according to the variant. Colors shown may vary from actual body colors due to printing on paper. Images used are for illustration purposes only. Maruti Suzuki India Limited reserves the right to discontinue offers without notice. Terms and conditions are subject to change without any prior notice. All offers are brought to you by Maruti Suzuki authorized dealers only. Offers may vary from city to city and variant to variant. All offers are valid till 31st March, 2021

ଧରିତ୍ରୀ
DHARITRI
ମଙ୍ଗଳବାର, ୧୬ ମାର୍ଚ୍ଚ, ୨୦୨୧

ତୁମ ଆଧାରର ଗୋଟିଏ ପାଖରେ ବା ଗୋଟାଏ ଅଂଶରେ ଯଦି ତୁମେ ସତ୍ୟ ଆଡକୁ ନିଜକୁ ଖୋଲିଧର – ଅନ୍ୟଦିଗରେ ସର୍ବଦା ହିଁ ବିରୋଧୀ ଶକ୍ତି (ସଇତାନୀ ଶକ୍ତି) ନିମିତ୍ତ ଦ୍ୱାର ଖୋଲା ରଖ– ତେବେ ଭଗବତୀ କରୁଣା ତୁମ ସହିତ ସ୍ଥାୟୀ ହୋଇ ରହିବ ବୋଲି ଆଶା କରିବା ବୃଥା। –ଶ୍ରୀଅରବିନ୍ଦ



# ୫ ନିର୍ବାଚନ

ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି। ଏଥିମଧ୍ୟରୁ ପଶ୍ଚିମବଙ୍ଗର ନିର୍ବାଚନ ଫଳାଫଳ ଉପରେ ସମଗ୍ର ଦେଶର ନଜର ରହିଛି। ଏହି ରାଜ୍ୟର ନିର୍ବାଚନ ଦେଶରେ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ। ଫେବ୍ରୁୟାରୀ ୨୬ରେ ନିର୍ବାଚନ କମିଶନ (ଇସି) ତାରିଖ ଘୋଷଣା କରିବା ଦିନ ସୂଚାଇ ଦେଇଥିଲେ। ଇସିଙ୍କ ନିକଟରେ ତାମିଲନାଡୁ, କେରଳ ଓ ପୁଡୁଚେରୀ ଲାଗି ଏପ୍ରିଲ ୬ ମତଦାନ ଦିବସ ରଖାଯାଇଛି। ଅର୍ଥାତ୍ ଗୋଟିଏ ଦିନରେ ଏଭଳି ରାଜ୍ୟଗୁଡ଼ିକରେ ଭୋଟ ଗ୍ରହଣ ଶେଷ କରିବାର ଦକ୍ଷତା ଇସି ରଖିଛନ୍ତି ବୋଲି ସମସ୍ତେ ଜାଣି ଖୁସି ହେଲେ। ଏଇ ଗୋଟେ ଖୁସି ହେଲା ବେଳକୁ ପଶ୍ଚିମବଙ୍ଗର ଖବର ସ୍ଥିତିକୁ ମଳିନ ପକାଇଦେଇଥିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ ଯେତେବେଳେ ଖବର ମିଳିଲା ଯେ ପଶ୍ଚିମବଙ୍ଗରେ ୮ଟି ପର୍ଯ୍ୟାୟରେ ଭୋଟ କରାଯିବ। ଆସାମରେ ୩ ପର୍ଯ୍ୟାୟରେ ଭୋଟ ଗ୍ରହଣ ସ୍ୱାଭାବିକ ମନେହେଉଛି, କାରଣ ସେଠାରେ ପାହାଡ଼ିଆ ଅଞ୍ଚଳ ରହିଛି। କିନ୍ତୁ ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟରେ ମତଦାନ କଥା ଯିଏ ବୁଝିବା ଲୋକ ଉଦ୍ଦେଶ୍ୟ ବୁଝିଲେ।

ପଶ୍ଚିମବଙ୍ଗରେ ଯେଉଁଭଳି ଭୋଟଗ୍ରହଣ ବ୍ୟବସ୍ଥା କରାଯାଇଛି, ସେଥିରୁ ପର୍ଯ୍ୟବେକ୍ଷକଙ୍କ କହିବା ଅନୁଯାୟୀ ଇସି ଏକତରଫା ଭାବେ ଭାଜପା ସମର୍ଥନରେ କାର୍ଯ୍ୟ କରୁଛି। ଉଲ୍ଲେଖଯୋଗ୍ୟ ଯେ, ଆଜି ଭାରତରେ ପ୍ରାୟ ସମସ୍ତ ସାମ୍ବିଧାନିକ ସଂସ୍ଥା କେନ୍ଦ୍ର ସରକାରଙ୍କ ମିଜାଜ୍ ଅନୁଯାୟୀ କାର୍ଯ୍ୟ କରୁଛନ୍ତି। ଯେତେବେଳେ ନିର୍ବାଚନ ପରିଚାଳନାର ବୃହତ୍ ସଂସ୍ଥାକୁ ମୋଡ଼ିବାରେ କେନ୍ଦ୍ର ସରକାର ସକ୍ଷମ ହେଉଛନ୍ତି, ସେତେବେଳେ ଆଗକୁ ଅନେକ ଅସ୍ୱାଭାବିକ ସ୍ଥିତି ଉପୁଜିବା ନେଇ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ପଶ୍ଚିମବଙ୍ଗ ଦୀର୍ଘ ବର୍ଷ ଧରି ବାମପନ୍ଥୀ ଶାସନାଧୀନ ଥିଲା। ୨୦୧୧ରେ ମମତା ବାନାର୍ଜୀ ବାମପନ୍ଥୀଙ୍କୁ ହଟାଇ ତୃଣମୂଳ କଂଗ୍ରେସକୁ କ୍ଷମତାରେ ବସାଇ ଦେଇଥିଲେ। ପାଖାପାଖି ୮ ବର୍ଷ ଶାସନରେ ବସିବା ପରେ ୨୦୧୯ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ତୃଣମୂଳକୁ ଧକ୍କା ଦେଇ ଭାଜପା ୪୨ ଲୋକ ସଭା ଆସନରୁ ୧୮ ଆସନରେ ବିଜୟୀ ହୋଇଥିଲା। ସେହି ବିଜୟରୁ ଉତ୍ସାହିତ ହୋଇ ଭାଜପା ତା'ର କଳବଳ କୌଶଳକୁ ପଶ୍ଚିମବଙ୍ଗରେ ଲଗାଇଚାଲିଛି। ଏଥିରେ ଭାଜପାର ଏକ ବୃହତ୍ ଉଦ୍ଦେଶ୍ୟ ରହିବା ସ୍ୱାଭାବିକ। ଦେଖିବାକୁ ଗଲେ ଆଜିର ଭାରତରେ ମମତା ବାନାର୍ଜୀଙ୍କ ବ୍ୟତୀତ ଅନ୍ୟ କୌଣସି ମୁଖ୍ୟମନ୍ତ୍ରୀ ସିଧାସଳଖ ମୋଦିଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକୁ ଲୋକଲୋଚନକୁ ଆଣିବାରେ ସତ୍‌ସାହସ ଦେଖାଇ ପାରୁନାହାନ୍ତି। ଯେପର୍ଯ୍ୟନ୍ତ ଗୋଟିଏ ମମତା ବାନାର୍ଜୀ କ୍ଷମତାରେ ରହିପାରିବେ, ସେ ପର୍ଯ୍ୟନ୍ତ ଭାରତରେ ଏକଚ୍ଛତ୍ରବାଦର ପ୍ରତିଷ୍ଠା ଜଟିଳ ଅବା ଦୁଷ୍କର ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦିଅନ୍ତି। ପଶ୍ଚିମବଙ୍ଗରେ ଭାଜପାର କୌଣସି ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଏବେ ଲୋକକଣ୍ଠରେ ଆସିପାରି ନାହାନ୍ତି। ତେବେ ମହାରାଷ୍ଟ୍ରରେ ଦେବେନ୍ଦ୍ର ଫଡ଼ନବିଶ୍, ହରିୟାଣାରେ ମନୋହର ଲାଲ୍ ଖଟ୍ଟର, ଉତ୍ତରାଖଣ୍ଡରେ ତୀରଥ ସିଂ ରାୱତଙ୍କ ଭଳି କୌଣସି ଜଣେ ଅଜଣା ଅଚିହ୍ନା ସ୍ୱୟଂସେବକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇଦେଇ ପାରନ୍ତି। କାରଣ ପୂର୍ବରୁ କଂଗ୍ରେସ ଯେମିତି କରୁଥିଲା ଆଜି ଭାଜପା ମଧ୍ୟ ସେହିପ୍ରକାର ଚରିତ୍ର ପ୍ରଦର୍ଶନ କରୁଛି। କଂଗ୍ରେସ ଯେଉଁଭଳି ସବୁ ଭିତ୍ତିଭୂମିର ନାମକରଣ ଗାନ୍ଧୀ ପରିବାର ସଦସ୍ୟଙ୍କ ନାମରେ କରୁଥିଲା, ଭାଜପା ମଧ୍ୟ ସେମିତି ସର୍ଦ୍ଦାର ପଟେଲଙ୍କ ନାମକୁ ସ୍ୱାହା କରି ନରେନ୍ଦ୍ର ମୋଦିଙ୍କ ନାମରେ ନାମିତ କରୁଛି, ତଦନୁଯାୟୀ ଇତିହାସରେ କଂଗ୍ରେସ ଭଳି ଭାଜପା ତା'ର ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ ରଖିବାକୁ ଚାହେଁନାହିଁ। ସମ୍ପୃକ୍ତ ବ୍ୟକ୍ତିବିଶେଷ ଯେତେ ଅଧିକ ଅଜଣା ଅଶୁଣା ହୋଇଥିବେ ସେତେ ଅଧିକ ଉଚ୍ଚ ପଦବୀ ମଣ୍ଡିତ କରିବାକୁ ଯୋଗ୍ୟ ବିବେଚିତ ହେବେ।

ଆସାମରେ ମଧ୍ୟ ଏହି ନିର୍ବାଚନ ପରେ ହେମନ୍ତ ବିଶ୍ୱଶର୍ମା ମୁଖ୍ୟମନ୍ତ୍ରୀ ଆସନ ପାଇବା ଅସମ୍ଭବ ହୋଇଯିବ। ଯଦି ସର୍ବାନନ୍ଦ ସୋନୱାଲଙ୍କ ରାଜନୈତିକ ଆୟୁଷ ପୂରିଲାଣି ତେବେ ତାଙ୍କରି ଭଳି ଅନାମଧେୟ ଉପରୁ ଖୋଜାହୋଇ ଆସିବେ। ଯେମିତି ପଶ୍ଚିମବଙ୍ଗରେ ମିଥୁନ ଚକ୍ରବର୍ତ୍ତୀ କିମ୍ବା ଶୁଭେନ୍ଦୁ ଅଧିକାରୀ ଭାଜପାର ମୁଖ୍ୟମନ୍ତ୍ରୀ ହେବା ସମ୍ଭବପର ହେବନାହିଁ, ସେହିପରି କେରଳରେ ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନ ଭାଜପା ଜିଣିଲେ କେବେହେଲେ ମୁଖ୍ୟମନ୍ତ୍ରୀ ଗାଦିରେ ବସିପାରିବେ ନାହିଁ। କୁହାଯାଉଛି ହାତୀର ଦେଖେଇବା ଦାନ୍ତଠାରୁ ଖାଇବା ଦାନ୍ତ ଭିନ୍ନ। ସେହିଭଳି ଭାଜପା ରାଜନୀତିରେ ଏହି ନବାଗତମାନେ କେବଳ ଦେଖେଇବା ଦାନ୍ତ ହୋଇପାରିବେ।

ତାମିଲନାଡୁ ରାଜନୀତିକୁ ଦେଖିଲେ ଦୀର୍ଘ ବର୍ଷ ପରେ ଟାଣୁଆ ନେତାଙ୍କ ଅବର୍ତ୍ତମାନରେ ଡିଏମ୍‌କେ ଓ ଏଆଇଏଡିଏମ୍‌କେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବେ। ଏଆଇଏଡିଏମ୍‌କେର ଜୟଲଳିଥା ଓ ଡିଏମ୍‌କେର ଏମ୍. କରୁଣାନିଧିଙ୍କ ଦେହାନ୍ତ ପରେ ଦୁଇ ରାଜନୈତିକ ଦଳ ଯଥାକ୍ରମେ ଇ. କେ. ପାଲାନିସ୍ୱାମୀ ଏବଂ ଏମ୍. କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱରେ ଲଢ଼ିବାକୁ ଯାଉଛି। ସେଠାରେ ୫ ବର୍ଷରେ ଥରେ ପଟପରିବର୍ତ୍ତନ ହୋଇଥାଏ। କିନ୍ତୁ ଗତଥର ଜୟଲଳିଥା ପ୍ରଥା ଭାଙ୍ଗି ଲାଗ୍ ଲାଗ୍ ଦୁଇଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ରାଜନୀତିରେ ଭାଜପାର ବାରମ୍ବାର ହସ୍ତକ୍ଷେପ ଦଳର ଭାବମୂର୍ତ୍ତିକୁ ନିକଟରେ ପାଣିଚିଆ କରିଦେଇଛି। ଏପରିକି ସେଠାକାର ଉପରାଜ୍ୟପାଳ ଥିବା କିରଣ ବେଦୀଙ୍କୁ ଅସ୍ୱାଭାବିକ ପରିସ୍ଥିତିରେ ବିଦା କରିଦିଆଗଲା।

ଏହିଭଳି ବିଭିନ୍ନ ସମୟରେ ରାଜ୍ୟଗୁଡ଼ିକର ନିର୍ବାଚନ ହେଉଥିବାରୁ ଭାରତର ଗଣତନ୍ତ୍ର ସୁଦୃଢ଼ ହେଉଛି। ସାଧାରଣରେ ଅଣଗଣତାନ୍ତ୍ରିକ ଶକ୍ତିମାନେ ସବୁ ନିର୍ବାଚନକୁ ଏକସଙ୍ଗେ କରିଦେବା ପାଇଁ ପସନ୍ଦ କରିଥାନ୍ତି। 'ଗୋଟିଏ ଦେଶ, ଗୋଟିଏ ନିର୍ବାଚନ' ଧ୍ୱନି ଦେଉଥିବା ବ୍ୟକ୍ତିମାନେ ପାଦେ ଆଗକୁ ଯାଇ ଗୋଟିଏ ଭାଷା, ଗୋଟିଏ ସଂସ୍କୃତି, ଗୋଟିଏ ଠାକୁର ଭଳି ଅସ୍ୱାଭାବିକ ମନ୍ତବ୍ୟ ଦେଇଥାନ୍ତି। ଏଭଳି ମାନସିକତା ହେଉଛି ସମ୍ପୂର୍ଣ୍ଣ ଭାବେ ଭାରତୀୟ ଆତ୍ମା ବିରୋଧୀ।

# ଡିଜିଟାଲ ମିଡିଆକୁ ଏତେ ଭୟ କାହିଁକି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଦେଶରେ ଡିଜିଟାଲ ମିଡିଆ ରୂପେ ପରିଚିତ ସୋସିଆଲ ମିଡିଆ ଓ ୱେବ୍ ଚ୍ୟାନେଲଗୁଡ଼ିକୁ ନିଜର ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ସରକାର ଏବେ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ନିକଟରେ ସରକାରଙ୍କ ପକ୍ଷରୁ ଏନେଇ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ନିୟମ-୨୦୨୧ ନାମରେ ଏକ ନିର୍ଦ୍ଦେଶାବଳୀ ଜାରି ହେବା ପରେ ଏହା ପଛରେ ରହିଥିବା ଉଦ୍ଦେଶ୍ୟ ନେଇ ଅନେକ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି। ତେବେ ଡିଜିଟାଲ ମିଡିଆ ନେଇ ପୂର୍ବରୁ କେନ୍ଦ୍ରୀୟ ମନ୍ତ୍ରୀ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ରିପୋର୍ଟଟି ଏନେଇ ଆଶଙ୍କାକୁ ଦୃଢ଼ୀଭୂତ କରିଛି। ସେଥିରେ ଦେଶରେ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବାକୁ ସ୍ପଷ୍ଟ ଭାବେ କୁହାଯାଇଛି।

ସରକାରଙ୍କ ଏଭଳି ନିଷ୍ପତ୍ତି ପଛରେ ଡିଜିଟାଲ ମିଡିଆ ଜରିଆରେ ପ୍ରଚାର କରାଯାଉଥିବା ଅନେକ ମିଥ୍ୟା ଖବର, ଗୁଜବ, ବିଦ୍ୱେଷ ଓ ହିଂସା ଉଦ୍ରେକକାରୀ ଖବରକୁ ରୋକିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି। ଏଠାରେ ପ୍ରଶ୍ନ ଉଠେ, ଡିଜିଟାଲ ମିଡିଆରେ ବିଶେଷକରି ସାମାଜିକ ଗଣମାଧ୍ୟମରେ ମିଥ୍ୟା ତଥା ଘୃଣା ଏବଂ ସାମ୍ପ୍ରଦାୟିକତା ଉଦ୍ରେକକାରୀ ଖବର ଏବଂ ଭିଡିଓକୁ ପ୍ରଚାର କରିବାରେ ସରକାରୀ ଦଳର ଆଇଟି ସେଲ୍ ଏବଂ ସେମାନଙ୍କ ସମର୍ଥକମାନେ ସବୁଠାରୁ ଆଗରେ ରହିଛନ୍ତି। ଦିଲ୍ଲୀ ଦଙ୍ଗା ପୂର୍ବରୁ କପିଳ ମିଶ୍ର ତଥା ଅନ୍ୟ କିଛି ଭାଜପା ନେତାଙ୍କ ସାମ୍ପ୍ରଦାୟିକତା ଉଦ୍ରେକକାରୀ ଭିଡିଓ ସୋସିଆଲ ମିଡିଆରେ ଘୂରି ବୁଲିବା ନେଇ ଅନେକ ପ୍ରତିବାଦ ହୋଇଥିଲେ ମଧ୍ୟ ପୋଲିସ ପକ୍ଷରୁ ଏଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଅତଏବ ସୋସିଆଲ ମିଡିଆ ଜରିଆରେ କୌଣସି ହିଂସା ଓ ବିଦ୍ୱେଷକାରୀ ପ୍ରଚାର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଆମର ଆଇନରେ ବର୍ତ୍ତମାନ ବି ଅନେକ ବ୍ୟବସ୍ଥା ରହିଥିଲେ ମଧ୍ୟ ସେସବୁର ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନି। ସରକାରଙ୍କ ଇଚ୍ଛାଶକ୍ତି ଅଭାବ ଏଭଳି ପରିସ୍ଥିତି ପାଇଁ ସଂପୂର୍ଣ୍ଣ ରୂପେ ଦାୟୀ ବୋଲି କୁହାଯାଇପାରେ। ଏଭଳି ପରିସ୍ଥିତିରେ ଡିଜିଟାଲ ମିଡିଆ ଉପରେ ଅଙ୍କୁଶ ଲଗାଇବାକୁ ସରକାର ଯେଉଁ ଚିନ୍ତା କରୁଛନ୍ତି, ତାହା ଏକଦମ୍ ହାସ୍ୟାସ୍ପଦ ମନେହୁଏ।

କେବଳ ଡିଜିଟାଲ ମିଡିଆ ନୁହେଁ, ଉଭୟ ଟିଭି ଏବଂ ଖବରକାଗଜରେ ମଧ୍ୟ ଏଭଳି ଉତ୍ତେଜକ ଏବଂ ହିଂସା ଉଦ୍ରେକକାରୀ ନ୍ୟୁଜ୍‌ର କୌଣସି ଅଭାବ ନାହିଁ। ଗତ କିଛି ବର୍ଷ ମଧ୍ୟରେ ଜାତୀୟ ମିଡିଆର ବଡ଼ ଭାଗଟି ଶାସକ ଦଳର ସ୍ତାବକ ପାଲଟି ଗୋଦି ମିଡିଆରେ ପରିଣତ ହେବା ସହିତ ଏଭଳି ଉତ୍ତେଜକ, ବିଦ୍ୱେଷକାରୀ ତଥା ହିଂସା ଉଦ୍ରେକକାରୀ ଖବର ପରିବେଷଣ କରିବାର ମୁଖ୍ୟ ବାହକ ସାଜିଛି। ନିକଟ ଅତୀତରେ ମୁମ୍ବାଇ ହାଇକୋର୍ଟ ଏବଂ ସୁଦର୍ଶନ ଟିଭି ମାମଲାରେ ସୁପ୍ରିମ୍‌କୋର୍ଟ ମଧ୍ୟ ଟିଭିରେ ପ୍ରସାରିତ ଏଭଳି ଉତ୍ତେଜକ, ସାମ୍ପ୍ରଦାୟିକ ବିଦ୍ୱେଷକାରୀ ଖବର ପରିବେଷଣ ନେଇ ନିଜର ଉଦ୍‌ବେଗ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଟିଭି ଓ ଖବରକାଗଜମାନଙ୍କରେ ପ୍ରସାରିତ ଖବରକୁ ତଦାରଖ କରିବାକୁ ରହିଥିବା ନିୟାମକ ସଂସ୍ଥାର ଉଲ୍ଲେଖ କରି ସରକାର ଡିଜିଟାଲ ମିଡିଆ ପାଇଁ ବି ସେଭଳି ଏକ ସଂସ୍ଥାର କଥା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଟିଭି ଚ୍ୟାନେଲ ଓ ଖବରକାଗଜମାନଙ୍କ ଉପରେ ନିୟନ୍ତ୍ରଣ କରିବାକୁ ଯେଉଁ ସବୁ ସଂସ୍ଥା ରହିଛନ୍ତି, ସେମାନଙ୍କର ନା ସେଭଳି କୌଣସି କ୍ଷମତା ରହିଛି ନା ସେଥିରେ ସବୁ ଚ୍ୟାନେଲ ସଦସ୍ୟ ରହିଛନ୍ତି। ବିଶେଷକରି ସରକାର ସପକ୍ଷବାଦୀ ଚ୍ୟାନେଲ୍‌ଗୁଡ଼ିକରେ ପ୍ରସାରିତ ଏକତରଫା, ହଟଚମଟକାରୀ ଏବଂ ଉତ୍ତେଜକ ଖବର ପରିବେଷଣ ଉପରେ କୌଣସି ପ୍ରକାର ରୋକ ଲଗାଇବାରେ ଏସବୁ ସଂସ୍ଥା ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏମାନଙ୍କ ଉପସ୍ଥିତି ସତ୍ତ୍ୱେ ପ୍ରେସ୍ ସ୍ୱାଧୀନତା ମାମଲାରେ ଆମେ ବିଶ୍ୱରେ ପ୍ରତିବର୍ଷ ତଳକୁ ତଳକୁ ଯାଉଛେ। ଏଭଳି ପରିସ୍ଥିତିରେ ସରକାର ଟିଭି ଓ ଖବରକାଗଜ ଉପରେ ରହିଥିବା ଉପରୋକ୍ତ ତଥାକଥିତ ଏବଂ ଦନ୍ତହୀନ ନିୟାମକ ସଂସ୍ଥାର ଉଦାହରଣ ଦେଇ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବାକୁ ଯେଉଁ ନିୟାମକ ସଂସ୍ଥା କରିବାକୁ ଯାଉଛନ୍ତି, ତାହା ତାଙ୍କର କଥିତ ଉଦ୍ଦେଶ୍ୟକୁ ହାସଲ କରିବାରେ ସମ୍ପୂର୍ଣ୍ଣ ବିଫଳ ହେବାକୁ ଯାଉଛି।

ସରକାର ଯାହା କୁହନ୍ତୁ ନା କାହିଁକି, ଏଭଳି ନିୟମ ଆଣିବା ପଛରେ ସ୍ପଷ୍ଟ ଉଦ୍ଦେଶ୍ୟଟି ହେଲା, ଡିଜିଟାଲ ମିଡିଆକୁ ନିୟନ୍ତ୍ରଣରେ ରଖିବା। କାରଣ ଏହି ସରକାରକୁ ଅତୀତରେ କ୍ଷମତାକୁ ଆଣିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ଡିଜିଟାଲ ମିଡିଆ ଏବେ ଖୋଦ୍ ସରକାର ଓ ଶାସକ ଦଳ ପାଇଁ ଏକଦମ୍ ଭସ୍ମାସୁରରେ ପରିଣତ ହୋଇଯାଇଛି। କାରଣ ପ୍ରାୟତଃ କର୍ପୋରେଟ୍ ନିୟନ୍ତ୍ରଣରେ ରହିଥିବା ମୁଖ୍ୟଧାରାର ଗଣମାଧ୍ୟମକୁ ସରକାର ନିଜର କ୍ଷମତା ଓ ପ୍ରଭାବକୁ ବ୍ୟବହାର କରି ନିଜର ବୋଲକରା କରି ସାରିଛନ୍ତି। ସେମାନଙ୍କ ଭାବମୂର୍ତ୍ତି ଜନଗଣଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି ଏବଂ ସେମାନଙ୍କୁ ତାଚ୍ଛଲ୍ୟ କରି ଲୋକେ ଗୋଦି ମିଡିଆ ବୋଲି କହୁଛନ୍ତି। ସେମାନଙ୍କ ପଟୁ ସରକାରଙ୍କ ପାଇଁ କୌଣସି ପ୍ରକାର ବିପଦ ନାହିଁ।

ବରଂ ଗୋଦି ମିଡିଆର ବିକଳ୍ପ ଭାବେ ଡିଜିଟାଲ ମିଡିଆ ଆଜି ବେଶ୍ ଲୋକପ୍ରିୟ ହେବା ସହ ସେମାନଙ୍କ ପ୍ରଭାବ ଖୁବ୍ ଜୋରରେ ବଢ଼ିବାରେ ଲାଗିଛି। ଅତ୍ୟନ୍ତ ଛୋଟ ଛୋଟ ଉଦ୍ୟମରେ ଚାଲିଥିବା ଏସବୁ ମିଡିଆକୁ ନିୟୁତ ନିୟୁତ ଦର୍ଶକ ଦେଖୁଛନ୍ତି। ନିଜର ପ୍ରସଙ୍ଗଗୁଡ଼ିକୁ ସ୍ଥାନିତ କରୁଥିବାରୁ ଏବଂ ସରକାରଙ୍କୁ ପ୍ରଶ୍ନ କରିବାର ସାହସ କରୁଥିବାରୁ ସାଧାରଣ ଲୋକେ ଏଭଳି ମିଡିଆକୁ ଖୋଜିବା ସହିତ ଅନେକ ସମୟରେ ସେମାନଙ୍କୁ ଛୋଟ ବଡ଼ ଆର୍ଥିକ ସହାୟତା କରୁଥିବା ବି ଦେଖିବାକୁ ମିଳିଛି। ଦେଶରେ ପ୍ରସାରିତ ଅନେକ ନିଉଜ୍ ପୋର୍ଟାଲ ଏବଂ ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ଦର୍ଶକମାନଙ୍କୁ ଏକ ମଜଭୁତ ବିକଳ୍ପ ଦେବାକୁ ସମର୍ଥ ହୋଇ ଚାଲିଛନ୍ତି।

ଲୋକେ କର୍ପୋରେଟ୍ ପୁଞ୍ଜି ଏବଂ ସରକାରୀ ନିୟନ୍ତ୍ରଣରୁ ବାହାରେ ରହିବା ଫଳରେ ଡିଜିଟାଲ ମିଡିଆଗୁଡ଼ିକ ଅତ୍ୟନ୍ତ ସ୍ପଷ୍ଟ ଭାବେ ନିଜର ମତ ପ୍ରକାଶ କରିବାକୁ ସମକ୍ଷ ହେବା ସହିତ ସରକାରଙ୍କ ତ୍ରୁଟି ବିଚ୍ୟୁତିକୁ ମଧ୍ୟ ଲଗାତାର ଉଜାଗର କରିପାରୁଛନ୍ତି। ଯାହା ମୁଖ୍ୟଧାରାର ମିଡିଆରେ ଆସୁନି ତାକୁ ଲୋକେ ସୋସିଆଲ ମିଡିଆରେ ପାଉଛନ୍ତି। ଏଭଳି ପରିସ୍ଥିତିରେ ତଥାକଥିତ ମୁଖ୍ୟଧାରାର ଗଣମାଧ୍ୟମରେ ନିଜକୁ ଅସହାୟ ମନେକରୁଥିବା ସାଧାରଣ ଲୋକଟି ପାଇଁ ଡିଜିଟାଲ ମିଡିଆ ଏକ ମଜଭୁତ ବିକଳ୍ପ ଠିଆ ହୋଇଛି। ବିଶେଷକରି ଅତ୍ୟନ୍ତ କ୍ଷୁଦ୍ରସ୍ତରରେ ଗାଁରେ, ଛୋଟ ଛୋଟ ସହରରେ ଏପରିକି ଜଣେ ଦୁଇ ଜଣ ଉତ୍ସାହୀ ବ୍ୟକ୍ତିଙ୍କୁ ନେଇ ଆରମ୍ଭ ହୋଇଥିବା ଶହ ଶହ ଡିଜିଟାଲ ପ୍ଲାଟ୍‌ଫର୍ମ ଏବେ ନିରପେକ୍ଷ ଏବଂ ଜନପକ୍ଷଧର ସାମ୍ବାଦିକତାର ଏକ ମଜଭୁତ ସ୍ତମ୍ଭ ଭାବେ ଠିଆ ହୋଇଛି। ଏକୁଟିଆ ଜଣେ ସାମ୍ବାଦିକଙ୍କଠାରୁ ଆରମ୍ଭ କରି ମାତ୍ର କିଛି ହାତଗଣତି ସାମ୍ବାଦିକ ଏବଂ କର୍ମଚାରୀଙ୍କୁ ନେଇ ଚାଲିଥିବା ୟୁଟ୍ୟୁବ୍ ଚ୍ୟାନେଲଗୁଡ଼ିକ ଅତ୍ୟନ୍ତ ସାହସିକତାର ସହିତ ଜନଗଣଙ୍କ ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଆଣିବା ସହିତ ସରକାରଙ୍କ ନୀତିକୁ ପ୍ରଶ୍ନ କରିବାର ସାମର୍ଥ୍ୟ ରଖୁଛନ୍ତି। ଅତଏବ ସରକାରଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଥିବା ଉପରୋକ୍ତ ଡିଜିଟାଲ ମିଡିଆଗୁଡ଼ିକୁ ବାଟକୁ ଆଣିବାକୁ ସରକାର ଚାହୁଁଛନ୍ତି।

ଆମ ଦେଶରେ ଏହିକ୍ଷଣି, ହ୍ୱାଟ୍ସଆପ୍‌ର ୫୩ କୋଟି ଏବଂ ଫେସ୍‌ବୁକ୍‌ର ୪୧ କୋଟି ବ୍ୟବହାରକାରୀ ରହିଛନ୍ତି। ଏହାର ଅର୍ଥହେଲା ଦେଶର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଲୋକ ଏସବୁ ସାମାଜିକ ଗଣମାଧ୍ୟମକୁ ଏବଂ ତା'ରି ଜରିଆରେ ୟୁଟ୍ୟୁବ୍‌କୁ ବ୍ୟବହାର କରୁଛନ୍ତି। ଜନସଂଖ୍ୟାର ଏତେବଡ଼ ଭାଗ ସାମିଲ ଥିବା ଏହି ସାମାଜିକ ଗଣମାଧ୍ୟମକୁ ନିୟନ୍ତ୍ରଣ କରିବାକୁ ନିଷ୍ପତ୍ତି ନେବା ପୂର୍ବରୁ ସରକାର ସେମାନଙ୍କ ମତାମତ ନେବାର ଥିଲା। କିନ୍ତୁ ଖୋଦ୍ ସୂଚନା ପ୍ରସାରଣ ମନ୍ତ୍ରୀଙ୍କ ବକ୍ତବ୍ୟ ଅନୁଯାୟୀ, ସରକାର ନିଜର ନିର୍ଦ୍ଦେଶାବଳୀ ଉପରେ ମାତ୍ର ୧୭୧ଟି ମତ ଏବଂ ୮୦ଟି ବିରୋଧକୁ ନେଇ ନିଜର ନୀତି ପ୍ରଣୟନ କରିଛନ୍ତି। ଅସଲ କଥା ହେଲା, ସରକାର ନିଜର ଖରାପ ଉଦ୍ଦେଶ୍ୟ ନେଇ ଜନଗଣଙ୍କୁ ଅନ୍ଧାରରେ ରଖିବାକୁ ଚାହୁଁଛନ୍ତି।

ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବାକୁ ସରକାରଙ୍କ ଉଦ୍ୟମଟି ଦେଶର ଗଣତନ୍ତ୍ର, ପ୍ରେସ୍ ସ୍ୱାଧୀନତା ଏବଂ ସର୍ବୋପରି ଜନଗଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଅତ୍ୟନ୍ତ ବିପଜ୍ଜନକ। ଏହି ନୀତି ଫଳରେ ଆଗାମୀ ଦିନରେ ସରକାରଙ୍କ ନୀତିକୁ ପ୍ରଶ୍ନ କରୁଥିବା ଅନେକ ୱେବ୍ ଚ୍ୟାନେଲ ଅଚିରେ ବନ୍ଦ ହୋଇଯିବ। ମୁଖ୍ୟଧାରାର ଗଣମାଧ୍ୟମ ପରି ଡିଜିଟାଲ ମିଡିଆରେ ବି ସରକାରଙ୍କ ବୋଲକରା ଆଉ ଏକ ଗୋଦି ମିଡିଆ ହିଁ ଯେ ରହିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ: ୯୪୩୭୧୬୬୩୯୧
bhalachandra.odisha@gmail.com

# ବସନ୍ତ ଓ ଯୌବନ



ଉପେନ୍ଦ୍ର ବିଶ୍ୱାଳ

ଆମ୍ର ମୁକୁଳର ଆବେଗିକ ଆମନ୍ତ୍ରଣରେ ସମ୍ମୋହନ ହୋଇଉଠେ ବସନ୍ତ। ଅଧୀର ହୋଇ ଅନେଇଥାଏ ବାଗ୍‌ଦେବୀଙ୍କ ଆଗମନୀକୁ। ବିଦ୍ୟାଦାତ୍ରୀଙ୍କ ଆବାହନୀ ହେଲାକ୍ଷଣି ଧରାପୃଷ୍ଠକୁ ଓହ୍ଲାଇ ଆସେ ବସନ୍ତ। ସେଇଠୁ ସର୍ବତ୍ର ସ୍ନିଗ୍ଧତା ସବୁଜିମାର ସୁନ୍ଦର ସମାବେଶ ସହିତ ମନ୍ଦ ମଳୟର ମତୁଆଲା ସ୍ପର୍ଶ। ବେଶ୍ ବାରିହୁଏ ବସନ୍ତର କୋମଳ ଓ କମନୀୟ କାନ୍ତି। ସୁଖର ପସରା ନେଇ ଆସିଥିବା ବସନ୍ତ, ମନ୍ତ୍ରମୁଗ୍ଧ କରେ ସଭିଙ୍କୁ। ଋତୁରାଜଙ୍କ ସ୍ୱାଗତ ବନ୍ଦନା କରେ କୋଇଲି। ମନ ମତାଣିଆ ସେ କୁହୁତାନ। ସତେ ଯେମିତି ଯମୁନା ତଟର ସେଇ କୁହୁକ ବଂଶୀ ସ୍ୱନ; କାନରେ ବାଜିଲା କ୍ଷଣି ଅଥୟ ହେଉଥିଲେ ଗୋକୁଳର ଗୋପାଙ୍ଗନାଗଣ। ନାଚି ଉଠୁଥିଲା ଯମୁନାର ପାଣି। କୁହୁକ ବଂଶୀ ସ୍ୱନପରି କୋଇଲିର ସଙ୍ଗୀତ ରାଗିଣୀରେ ଏତେ ମଧୁରତା ଭରି ରହିଥାଏ ଯେ ସ୍ୱୟଂ ରାଧା-କୃଷ୍ଣ ବି ଓହ୍ଲାଇ ଆସନ୍ତି ଏ ମର୍ତ୍ତ୍ୟକୁ। ଆଉ, ପାଲିଙ୍କିରେ ବୁଲି ବୁଲି ଦେଖନ୍ତି ବସନ୍ତର ବର୍ଣ୍ଣାଳୀକୁ, ତା' ମନଲୋଭା ବିଭାକୁ। ମନ୍ତ୍ରମୁଗ୍ଧ ହୋଇ ଶୁଣନ୍ତି କୋଇଲିର ପଞ୍ଚମ ତାନକୁ। ରକ୍ତିମ ଆଭାରେ ମଣ୍ଡିତ ହୋଇ ପଳାଶ ବି ତୋଳିଧରେ ବସନ୍ତର ବିଜୟ ଧ୍ୱଜାକୁ, ନିଜ ଚୂଳାରେ। ଏହିପରି ସମୟର ଗୀତ ଲେଖେ ବସନ୍ତ। ସାଧନା ଓ ସାନ୍ତ୍ୱନାର ସମୟ ହେଉଛି ବସନ୍ତ। ସେମିତି ବି ଯୌବନ ହେଉଛି ଜୀବନର ବସନ୍ତ। ଅର୍ଥାତ୍ ଯୌବନ ହେଉଛି ତାହା, ଯେଉଁଠି ଥାଏ ସୁନ୍ଦରତା ଆଉ ମଧୁରତା। ଯହିଁ ବିରାଜିତ ବିନମ୍ର ଭାବ ଓ କୋମଳ ଶୋଭା। ଯୁବା ହେଉଛି ସିଏ, ଯେ ବଳ-ବୁଦ୍ଧି-ଚରିତ୍ରର ଉପାସକ। ଯୁବା ସିଏ, ଯିଏ ସୁସ୍ଥ ସମାଜଟିଏ ପାଇଁ ସମର୍ପିତ। ଯୁବ ମନ ହେଉଛି ଶିବ ମନ, ଯିଏ ସଦା ସମାଜ ହିତୈଷୀ। ଜଗତର କଲ୍ୟାଣ ନିମନ୍ତେ କେବେ ଗରଳ ପାନ କରିପାରନ୍ତି ତ ଆଉ କେବେ ମୁଣ୍ଡ ବି ପତେଇ ଦେଇଥାନ୍ତି, ଭାରି ବୋଝକୁ (ଗଙ୍ଗା ମାତାଙ୍କ ପରି) ଧରି ରଖିବାକୁ। ଆଉ, ପୁଣି କେବେ ତାଣ୍ଡବ ବି ରଚିପାରନ୍ତି ଦାନବ ସଂହାର ପାଇଁ। ବୟସ ନୁହଁ, ଶୋଭା ହିଁ ସ୍ୱୀକୃତି ଦିଏ ଯୁବାର।

ବଳ ଅପେକ୍ଷା ଲକ୍ଷଣ ହିଁ ସୂଚାଇଥାଏ ଯୁବା ପରିଚୟ। ଅତଏବ, ବଢ଼ି ଚାଲୁଥିବା ପାପାଚାର, ହିଂସା, ଅନୀତି, ଅନାଚାର ବିରୋଧରେ ଲଢ଼ିବା ପାଇଁ ଯିଏ ତତ୍ପର, ସିଏ ହେଉଛି ଅସଲରେ ଯୁବା। ମାତ୍ର ଆଜିର ଦିନରେ ଯୁବ ମାନସିକତା ଏଥିରୁ ଲକ୍ଷ୍ୟଚ୍ୟୁତ। ଯେଉଁଥିପାଇଁ କି ଗାନ୍ଧିଜୀ ବି ଦିନେ ଚିନ୍ତାବ୍ୟକ୍ତ କରିଥିଲେ। ଗାନ୍ଧିଜୀଙ୍କୁ ଥରେ ପଚରା ଯାଇଥିଲା – ଆପଣଙ୍କ ଦୃଷ୍ଟିରେ ଭାରତର ଆଶା ଓ ନିରାଶାର ଉତ୍ସ କ'ଣ? ତାଙ୍କର ମତ ଏମିତି ଥିଲା – ଯାବତୀୟ ଷଡ଼ଯନ୍ତ୍ର, ଶୋଷଣ, କଷଣ, ଅତ୍ୟାଚାର, ଚକ୍ରାନ୍ତ ସତ୍ତ୍ୱେ, ଆଜି ବି ଆଧ୍ୟାତ୍ମିକତା ଆମ ସମାଜରେ ଅକ୍ଷୁଣ୍ଣ ରହିଛି। ଏହା ହିଁ ଆମ ପାଇଁ ଆଶା ଓ ଆଶ୍ୱାସନାର ବିଷୟ। ମାତ୍ର, ଦିନକୁ ଦିନ ଭାରତୀୟ ତରୁଣ ନିଜର ସ୍ୱାଭିମାନ ଓ ଆତ୍ମପ୍ରତ୍ୟୟ ଭୁଲିଯିବାରେ ଲାଗିଛି। ତା' ଠାରେ ନପୁଂସକତା, ସ୍ୱାର୍ଥପରତା ଗ୍ରାସ କରିବାରେ ଲାଗିଛି। ଏହା ହିଁ ନିରାଶାର ପ୍ରମୁଖ କାରଣ। ଯୁବ ସମାଜର ଚିର ଆଦର୍ଶ ସ୍ୱାମୀ ବିବେକାନନ୍ଦଙ୍କ ଯୁବ ସମାଜ ପ୍ରତି ଆହ୍ୱାନ ଓ ଆବେଦନ, ପ୍ରସଂଗକ୍ରମେ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେ ହୁଏ। ତାଙ୍କ ଶବ୍ଦରେ "ବଳ ଓ ସାହସ ହିଁ ଜୀବନ। ଦୁର୍ବଳତା ହିଁ ଭୀରୁ। ସାମର୍ଥ୍ୟ ହିଁ ପୁରୁଷାର୍ଥ। ଏଣୁ ହେ ଯୁବା ବର୍ଗ, ପୁରୁଷାର୍ଥର ଉପାସନା କର। ଅନ୍ଧକାର ଆସିଲେ ଡର ନାହିଁ। ବରଂ ଅନ୍ଧାର ହଟେଇବାକୁ ଚେଷ୍ଟା କର। ପାରୁଛ ଯଦି ଆଦିତ୍ୟ ସମ ନିଜକୁ ପ୍ରତିଭାତ କର। ଈର୍ଷା ଓ ସ୍ୱାର୍ଥପରତାଠାରୁ ମୁକ୍ତ ରୁହ। ସତ୍ୟ ଓ ମାନବତାକୁ ସାଥିକରି ଚିରକାଳ ମାତୃଭୂମି ପ୍ରତି ନିଷ୍ଠାବାନ୍ ହୋଇ ରୁହ। ଦେଖିବ, ସାରା ସଂସାର ତୁମକୁ ସହସ୍ର ସହସ୍ର ସଲାମ ମାରିବ।" ଯୁବାଙ୍କ ଠାରେ ଯେକୌଣସି କାମକୁ ପୂରା କରିପାରିବାର ଶକ୍ତି ରହିଛି। ସେମାନେ ଯେପରି ଚାହିଁବେ, ସେପରି କରିପାରିବେ। ଖାଲି, ଚାହିଁଲେ ହିଁ ହେଲା। ଯୁବା ସେହି ବ୍ୟକ୍ତି, ଯାହା ମଧ୍ୟେ ଏପରି ଉତ୍ସାହ ଥିବ, ଉଚ୍ଛ୍ୱାସ ଥିବ। ଯେ କୌଣସି କାମ ପାଇଁ ପ୍ରସ୍ତୁତ ଥିବ। କିଛି କରି କି ଦେଖାଇବାର ଦୃପ୍ତ ମାନସିକତା ଥିବ।

ଯୌବନର ଉପଯୋଗ ହିଁ ଉତ୍କର୍ଷର ଉତ୍ସ। ଯୌବନର ସାଧନା ହିଁ ସିଦ୍ଧି ପ୍ରାପ୍ତିର ମାର୍ଗ। ବସନ୍ତର ଉଚ୍ଛ୍ୱାସ ଓ ଉତ୍ସବ ଯେମିତି କ୍ଷଣିକ, ଯୌବନ ମଧ୍ୟ ସେମିତି। ଜନ୍ମ ସହିତ ଯୌବନ ଆସେନି କି ମୃତ୍ୟୁ ସହିତ ଯାଏନି। ଏହା ଆସିଥାଏ ଜୀବନର ମଝି ରାସ୍ତାରେ। ଏହାକୁ ବେପରୁଆ ଭାବେ ଅତିବାହିତ କରିବା ହେଉଛି ମୂର୍ଖାମି। ଜୀବନର ଏହି ମହାର୍ଘ୍ୟ ମୁହୂର୍ତ୍ତ ହେଉଛି ଏକ ପ୍ରକାର ଅତିଥି। ଅତିଥିର ଯଥାର୍ଥ ସତ୍କାରରେ ଆମର ଗରିମା ଯେପରି ବଢ଼ିଥାଏ, ଠିକ୍ ସେପରି, ଠିକ୍ ଢଙ୍ଗରେ ଓ ଖୁବ୍ ସତର୍କତାର ସହିତ ଯୌବନର ସତ୍କାର କଲେ, ଯଶବାନା ଉଡ଼େ ଜୀବନ ଦେଉଳରେ। ଆମ ସାମ୍ନାରେ ଦୁଇଟି ରାସ୍ତା – ବିଳାସ, ବ୍ୟସନ ପ୍ରତି ବିକଳ ହୋଇ ଦୌଡ଼ିବା ଅବା ଯୌବନର ସାମର୍ଥ୍ୟକୁ ଠିକ୍ ଉପଯୋଗ କରି ଜୀବନର ଜୟଗୀତି ରଚିବା। ଆମକୁ ଧ୍ୟାନ ଦେବାକୁ ହେବ ଯେ, ଘାସ ଉପୁଜାଇବା ପାଇଁ ଯତ୍ନବାନ ହେବା ଅପେକ୍ଷା ଫସଲ ଉତ୍ପନ୍ନ ପାଇଁ ଯତ୍ନଶୀଳ ହେଲେ ତାହା ଅଧିକ ଉତ୍କର୍ଷ ବର୍ଦ୍ଧକ ହେବ। ଅର୍ଥାତ୍ ତଥାକଥିତ ସୁଖ-ସଉକ, ଆମୋଦ-ପ୍ରମୋଦରେ ନ ମାତି, ସମୟ ଓ ଶକ୍ତିର ଠିକ୍ ଉପଯୋଗ କରି ସୁକୀର୍ତ୍ତି ପାଇଁ ଯତ୍ନବାନ ହେବା ଉଚିତ।

ଏ ଭୂମିରେ ଯୌବନର ଅମ୍ଳାନ ଗାଥା, ଗୌରବ ଗୀତି ଅନନ୍ୟ, ସୂର୍ଯ୍ୟସମ ଚିର ଭାସ୍ୱତ। ଏଇ ଯେମିତି, ପ୍ରାୟ ଅଢେଇ ଲକ୍ଷ ଯୁବା ବିଳାସ-ବ୍ୟସନକୁ ବେଖାତିର କରି, ଯୌବନର ଉଲ୍ଲାସକୁ ପଦ ଦଳିତ କରି, ସାଜିଲେ ବୌଦ୍ଧ ସନ୍ନ୍ୟାସୀ। ବୃହତ୍ତର ଲକ୍ଷ୍ୟରେ ବୌଦ୍ଧ ସଂଘ ଓ ଧର୍ମର ପ୍ରସାର ପାଇଁ ଖେଦିଗଲେ ସାରା ଜଗତକୁ। ଯେଉଁମାନଙ୍କର ଉତ୍କର୍ଷତାର ଆଭା ବଳରେ ସେ ସବୁ ସ୍ଥାନରେ ଉଦ୍ଭାସିତ ହୋଇ ଚାଲିଛି ଭାରତୀୟ ଜୀବନ ଦର୍ଶନ। ବିଶାଳ ଯୁବା ବର୍ଗର ଉତ୍କର୍ଷତାର ଉପଲବ୍ଧି ସ୍ୱରୂପ, ହିନ୍ଦୁ ଧର୍ମର ଅତ୍ୟନ୍ତ ଅନୁରାଗୀ, ବୌଦ୍ଧ ଶାଖାର ପ୍ରାୟ ଦଶଟି ଭୂଖଣ୍ଡ ଛିଡା ହୋଇପାରିଲା ସାରା ପୃଥିବୀରେ। ଜାଜ୍ୱଲ୍ୟଭରା ଯୁବା ଦୁନିଆରେ ଏମିତି ଅନେକ ଦୃଷ୍ଟାନ୍ତ ଭିତରୁ ଦୀନବନ୍ଧୁ ଆଣ୍ଡରୁଜ ହେଉଛନ୍ତି ଏକ ଆଦରଣୀୟ ଆଭା। ଅପରାଧୀଙ୍କ ବସ୍ତି ରୂପେ ଜଣାଶୁଣା ଥିଲା ଲଣ୍ଡନର କୁଲବର୍ଥ କ୍ଷେତ୍ର। ଏଠାକାର ଅଧିକାଂଶ ନିବାସୀ ଥିଲେ, ନିର୍ଦ୍ଧନ ଓ ଅଶିକ୍ଷିତ। ସେଠାକାର ପିଲାମାନେ ମଧ୍ୟ କୁସଂସ୍କାରୀ ହୋଇ ଯାଇଥିଲେ। ଏମିତି ଏକ ସମୟରେ ସେଠାରେ ଯାଇ ପହଞ୍ଚିଲେ ଅତି ଉଚ୍ଚଶିକ୍ଷିତ ଯୁବକ ଜଣେ। ସୁପ୍ରସିଦ୍ଧ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଉଚ୍ଚତମ ଡିଗ୍ରୀ ପ୍ରାପ୍ତ ତରୁଣଟି ସେଠାକୁ ଆସି ଲୋକଙ୍କ ସାଥିରେ ଅତ୍ୟନ୍ତ ଆତ୍ମୀୟତାର ସହିତ ମିଶିଲେ ଏବଂ ବିନା ପାରିଶ୍ରମିକରେ ସେମାନଙ୍କ ପିଲାଙ୍କୁ ପାଠ ପଢେଇ ଚାଲିଲେ। ଆପରାଧିକ ଦୁନିଆର ଅଶିକ୍ଷିତ ଥିବା ଏହି ପିଲାମାନେ, ସେଇ ଯୁବକଙ୍କର ସ୍ନେହରେ ବାନ୍ଧି ହେବା ସହିତ ଶିକ୍ଷାପ୍ରତି ଅଧିକରୁ ଅଧିକ ମନୋନିବେଶ କଲେ। ସମ୍ପୃକ୍ତ ଯୁବକଙ୍କର ପ୍ରଭାବରେ ସମୁଦାୟ ଅଞ୍ଚଳବାସୀ ଧୀରେ ଧୀରେ ପରିବର୍ତ୍ତିତ ହେବାକୁ ଲାଗିଲେ। ଯୁବକଙ୍କ ପ୍ରତି ଲୋକଙ୍କ ବିଶ୍ୱାସ ଯେମିତି ବଢିବଢି ଚାଲିଲା, ସେମିତି ବି ଯୁବକଟିର ବିଚାରରେ ନିଜକୁ ସେମାନେ ବଦଳାଇବାକୁ ଲାଗିଲେ। ଏମିତି ଏକ ସୁଦିନ ଆସିଲା, ଅପରାଧୀଙ୍କ ଇଲାକା ଭାବେ ଅପଖ୍ୟାତ ଥିବା ଅଞ୍ଚଳଟି ସମ୍ପୂର୍ଣ୍ଣ ଭାବେ ଅପରାଧ ମୁକ୍ତ ହୋଇଗଲା। ସେଇଠୁ ସେ କ୍ଷେତ୍ରର ମହକ ବ୍ୟାପିବାକୁ ଲାଗିଲା ଚାରିଆଡକୁ। ତା'ପରେ ସେହି ସମାଜ ସୁଧାରକ, ଯୁବପ୍ରାଣଟି ଭାରତକୁ ବାଛିନେଲେ ଭବିଷ୍ୟତ ଜୀବନର ବାସସ୍ଥାନ ଭାବେ। ଦୀନବନ୍ଧୁ ଆଣ୍ଡରୁଜ ନାମରେ ପ୍ରସିଦ୍ଧି ଲଭିଲେ ସେ ଏ ଭୂଖଣ୍ଡରେ। ବାସ୍ତବରେ ଏହା ହିଁ ହେଉଛି, ଜୀବନ-ବସନ୍ତର ଅମ୍ଳାନ କଥା ଓ ଯୌବନର ଯଶଗାଥା।

ଗୋଡିଶୂଳ, ସଜନାଗଡ଼, ବାଲେଶ୍ୱର।
ମୋ-୯୪୩୭୪୩୬୦୭୩
unbiswal05@gmail.com

## ଏଇ ଭାରତରେ

ଲତା କଚ୍ଛୱା ନିଜର ନିଷ୍ଠା ଓ ନିରନ୍ତର ପ୍ରୟାସ ବଳରେ ମେଘୱାଲା ସମ୍ପ୍ରଦାୟର ୧୫,୦୦୦ ମହିଳାଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି। ପାରମ୍ପରିକ ଏମ୍ବ୍ରୋଡୋରି 'କାସିଦାକରି' କାର୍ଯ୍ୟ ମାଧ୍ୟମରେ ସେ ଏହା କରିପାରିଛନ୍ତି। ମେଘୱାଲା ସମ୍ପ୍ରଦାୟର ଲୋକମାନେ ୧୯୭୧ରେ ପାକିସ୍ତାନରୁ ଆସି ରାଜସ୍ଥାନର ବରମର ଜିଲାର ବିଭିନ୍ନ ଗାଁରେ ରହିଥିଲେ। ୧୯୮୫ରୁ ଲତା ଯୋଧପୁରରୁ ଆସି ବାରମର ଜିଲାରେ ରହୁଥିବା ଗ୍ରାମଗୁଡ଼ିକରେ ପହଞ୍ଚି ଥିଲେ। ସେତେବେଳେ ତାଙ୍କ ବୟସ ଥିଲା ୨୨। ସେବେଠୁ ଲତା 'ସୋସାଇଟି ଟୁ ଅପ୍‌ଲିଫ୍ଟ ରୁରାଲ ଇକୋନୋମି' ନାମକ ଏନ୍‌ଜିଓ ମାଧ୍ୟମରେ ସେମାନଙ୍କୁ ସଶକ୍ତ କରୁଛନ୍ତି। ମହିଳାମାନଙ୍କୁ ଶାଲ୍, ରୁମାଲ, ବେଡ୍‌କଭର, ପରଦା, ବ୍ୟାଗ୍‌ରେ କାଶିଦାକରି ଏମ୍ବ୍ରୋଡୋରି କାର୍ଯ୍ୟରେ ନିୟୁକ୍ତ କରିବାରେ ଲାଗିଛନ୍ତି। ଲତା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଡିଜାଇନର ସହଯୋଗରେ ବି ଏହାକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ଏହି ଏମ୍ବ୍ରୋଡୋରିକୁ ନେଇ ୨୫୦ରୁ ଅଧିକ ଡିଜାଇନ ଏବକାର ଫ୍ୟାଶନ ଟ୍ରେଣ୍ଡରେ ସାମିଲ କରିଛନ୍ତି। ପରେ ଟେକ୍ସଟାଇଲ ମନ୍ତ୍ରଣାଳୟ ସାହାଯ୍ୟରେ ଏହାକୁ ସେ ଜର୍ମାନୀ, ଜାପାନ, ସିଙ୍ଗାପୁର ଏବଂ ଶ୍ରୀଲଙ୍କାକୁ ପଠାଉଛନ୍ତି। ଏହି କାର୍ଯ୍ୟରେ ଏବେ ଜଣେ ମହିଳା ମାସକୁ ୫,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ମାର୍ଚ୍ଚ ୧୯୯୬

- ହଂକଂରେ ବାସ କରୁଥିବା ଭାରତୀୟମାନଙ୍କୁ ଚାଇନା ସରକାର ହଂକଂ ହସ୍ତାନ୍ତର ପରେ ହଂକଂ ଚାଇନା ନାଗରିକ ଭାବେ ସ୍ୱୀକୃତି ଦେବେ ବୋଲି ଆଶ୍ୱାସନା ଦେଇଛନ୍ତି।
- ପଶ୍ଚିମ ଓଡ଼ିଶାର ବିଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର ପ୍ରତିମୂର୍ତ୍ତିକୁ ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ ସ୍ଥାପନ କରିବାକୁ 'ସାଧାରଣ ବିଧି କମିଟି' ମଞ୍ଜୁରୀ ପ୍ରଦାନ କରିଛି।

## ଚିରନ୍ତନୀ

ଆଦର୍ଶ ଯାହାର ମହା ସାମ୍ୟ-ନୀତି ନାହିଁ ଭେଦଜ୍ଞାନ,
ମାନବ-ଶିଶୁର ଯହିଁ ନାହିଁ ଜାତି ଦ୍ୱେଷ ଅପମାନ,
କବୀର, ନାନକ, ବୁଦ୍ଧ, ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ ସକଳ ଧର୍ମର,
ଲେଖିଲେ ଏ ପାଷାଣର ଗତେ
"ସକଳ ଯେ ସମାନ ଜଗତେ"
ସବୁ ବଡ଼ ସାନ
ଦୀନ ଧନବାନ
ନତ ମୁଣ୍ଡ
ଏଥିରୁଣ୍ଡ। –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମା' ପ୍ରସାଦର ମୂଲ୍ୟ କେତେ

ମହାଶୟ,

ଖବରକାଗଜଗୁଡ଼ିକରେ ସୂପକାର ନିଯୋଗ ମା'ପ୍ରସାଦର ଦର ତାଲିକା ଦେଇଛନ୍ତି। ପୁଣି ପରିବର୍ତ୍ତନଶୀଳ ମୂଲ୍ୟ ବୃଦ୍ଧି ଘଟିଲେ ମୂଲ୍ୟ ପରିବର୍ତ୍ତିତ ହୋଇପାରେ ବୋଲି ଉଲ୍ଲେଖ କରିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ପ୍ରସାଦ ଦେଲାପରେ ପ୍ରସାଦ କ୍ଷେତ୍ରପାଳିନୀ ମା' ବିମଳାଙ୍କୁ ଅର୍ପଣ ହୁଏ, ଯାହାକୁ ସର୍ବଜନ ମହାପ୍ରସାଦ କହନ୍ତି, ତାହାର କେବେ ମୂଲ୍ୟାୟନ ହୋଇପାରିବ ନାହିଁ। ତଥାପି ଜନସାଧାରଣ ଏହା ମହରଗ ବୋଲି କହିବାରୁ ଏହାର ମୂଲ୍ୟ ନିର୍ଦ୍ଧାରଣ କରିବାର ବ୍ୟବସ୍ଥା ସ୍ୱାଗତଯୋଗ୍ୟ ପଦକ୍ଷେପ, ମାତ୍ର ଏହାର ବିଭିନ୍ନ ମାପ/ଓଜନ ତଦାରଖ କିଏ କରିବେ ଏହା ଧାର୍ଯ୍ୟ ହେଉ। ଗୁଣବତ୍ତା ସ୍ୱାସ୍ଥ୍ୟଭିତ୍ତିକ ବୋଲି ସୂପକାରମାନେ ମନେକରି ଏହି ମହତ୍ କାର୍ଯ୍ୟ ସମ୍ପାଦନ କରନ୍ତୁ। ମା' ପ୍ରସାଦ ବ୍ୟବସାୟୀକରଣ ବୋଲି ମନେକରିବା ଉଚିତ ନୁହେଁ।

–ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | | | C | D | | | 4 | 2 | | | | | |
| | | | | 9 | 0 | 7 | B | | | 8 | C | | | 5 |
| | | | | | A | D | 3 | | 5 | | B | 2 | 4 | |
| | A | | 3 | | | 5 | | | | | | | | |
| | 0 | | 6 | B | | | | | | | | | | 8 |
| | | 4 | | | C | E | | 7 | | B | | | 9 | |
| | 8 | 5 | 9 | | | 3 | | | | 2 | | | | |
| | D | | | 8 | | 4 | 5 | 0 | | | 6 | | 7 | |
| 0 | | 6 | | 5 | | | | 9 | 8 | | | | | 4 |
| A | | | 4 | 1 | | | | | 9 | | 3 | | | C |
| | 4 | E | 5 | D | | | A | | 1 | | | | | |
| | 6 | | B | | 1 | | | | | D | | | | |
| | | | | 0 | | | | | | A | | E | C | |
| | 7 | | E | | | 1 | | | B | | 2 | | | 3 |
| | 2 | B | | | | 9 | | 3 | 4 | | 8 | | | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 9 | 8 | 6 | 2 | B | C | 3 | 0 | 1 | 7 | E | 5 | A | 4 |
| A | B | 5 | 1 | 0 | 3 | 4 | E | 7 | 8 | 2 | 9 | D | 6 | C |
| 0 | 3 | 2 | 5 | 8 | A | 6 | 9 | 1 | D | 4 | C | B | 7 | E |
| 1 | 6 | C | E | 7 | 4 | D | 8 | A | 5 | B | 3 | 2 | 0 | 9 |
| 7 | 4 | E | D | 9 | C | 2 | B | 5 | 0 | 6 | A | 3 | 1 | 8 |
| 8 | 1 | A | 7 | 6 | D | 5 | 0 | B | 2 | C | 4 | 9 | E | 3 |
| 5 | C | 3 | 9 | A | 0 | E | 6 | 4 | 7 | D | 1 | 8 | 2 | B |
| E | D | 0 | C | B | 5 | 9 | 7 | 2 | 6 | 3 | 8 | A | 4 | 1 |
| 6 | 7 | B | 2 | 4 | 8 | 1 | A | 3 | 9 | E | 5 | 0 | C | D |
| 4 | 2 | 9 | 3 | 1 | E | 8 | C | D | B | A | 0 | 7 | 5 | 6 |
| C | 8 | 4 | A | 5 | 7 | 3 | 2 | 9 | E | 1 | D | 6 | B | 0 |
| 9 | E | 7 | 4 | 3 | 6 | 0 | 5 | C | A | 8 | B | 1 | D | 2 |
| 3 | 0 | 6 | B | D | 1 | A | 4 | 8 | C | 5 | 2 | E | 9 | 7 |
| B | 5 | D | 0 | C | 2 | 7 | 1 | E | 3 | 9 | 6 | 4 | 8 | A |
| 2 | A | 1 | 8 | E | 9 | B | D | 6 | 4 | 0 | 7 | C | 3 | 5 |

ଗତକାଲିର ଉତ୍ତର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୨,୦୫,୬୮,୮୦୩ | ୨୬,୬୭,୫୨୮ | ୯,୭୧,୧୩,୮୮୪ |
| ଭାରତ | ୧,୧୪,୦୭,୮୫୦ | ୧,୫୮,୭୯୮ | ୧,୧୦,୨୪,୧୬୩ |
| ଓଡ଼ିଶା | ୩,୩୮,୨୫୮ | ୧୯୧୮(+୫୩) | ୩,୩୫,୬୬୦ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# କୃଷି କ୍ଷେତ୍ର ସଞ୍ଜୀବନୀ ପରି ଅର୍ଥନୀତିକୁ ଶକ୍ତି ଦେଇଛି: ମୁଖ୍ୟମନ୍ତ୍ରୀ

## ଆରମ୍ଭ ହେଲା 'କୃଷି ଓଡ଼ିଶା ୨୦୨୧'


ଭୁବନେଶ୍ୱର, ୧୫।୩(ବ୍ୟୁରୋ)

କରୋନା ଦେଶର ଅର୍ଥନୀତିକୁ ବିଶେଷ ଭାବେ ପ୍ରଭାବିତ କରିଛି। କିନ୍ତୁ ଆମ କୃଷି କ୍ଷେତ୍ର ହିଁ ସଞ୍ଜୀବନୀ ପରି ଆମ ଅର୍ଥନୀତିକୁ ଶକ୍ତି ଦେଇଛି। ତେଣୁ ଚାଷୀର ପରିଶ୍ରମ ଓ ତ୍ୟାଗକୁ ମୁଁ ସମ୍ମାନ ଜଣାଉଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସୋମବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆଠାରେ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୧'କୁ ଭର୍ଚୁଆଲରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ କହିଛନ୍ତି, ଚାଷୀ ଯେପରି ତା'ର ଉତ୍ପାଦିତ ଜିନିଷର ଉଚିତ ମୂଲ୍ୟ ପାଇବ, ଠିକ୍ ସମୟରେ ସାର, ବିହନ ଓ ଋଣ ସହାୟତା ପାଇବ ତା' ଉପରେ ମୁଁ ସବୁବେଳେ ଗୁରୁତ୍ୱ ଦେଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଚାଷୀମାନଙ୍କୁ ୨୦ହଜାର କୋଟିରୁ ଅଧିକ ଟଙ୍କା ଋଣ ଆକାରରେ ଯୋଗାଇ ଦିଆଯାଇଛି। ନିକଟରେ କାଳିଆ ଯୋଜନାରେ ୧,୨୭୨ କୋଟି ଟଙ୍କା ସହାୟତା ଦିଆଯାଇଛି। ଏମ୍‌ଏସ୍‌ପି ବୃଦ୍ଧି ପାଇଁ ଆମ ଲଢ଼େଇ ଜାରି ରହିଛି ଓ ରହିବ। ସରକାରଙ୍କ ବିଭିନ୍ନ ଯୋଜନାର ସୁଯୋଗ ନେବା ସହିତ ନୂଆ ବୈଷୟିକ କୌଶଳର ପ୍ରୟୋଗ ପାଇଁ ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କୁ ଅନୁରୋଧ କରିଛନ୍ତି। 'କୃଷି ଓଡ଼ିଶା' ଆମର ସଫଳ ଚାଷୀଙ୍କର ଏକ ସୁନ୍ଦର ସମାବେଶ। ଖୁସିର କଥା, ପ୍ରତିବର୍ଷ ଏଥିରେ ଅଧିକରୁ ଅଧିକ ଚାଷୀ ଭାଗ ନେଉଛନ୍ତି। ଆମର ଚାଷୀ ଭଉଣୀଭାଇଙ୍କ ଦକ୍ଷତା ଓ ସଫଳତାକୁ ପ୍ରତିପାଦିତ କରିବା ପାଇଁ 'କୃଷି ଓଡ଼ିଶା' ଏକ ସୁଯୋଗ ସୃଷ୍ଟି କରିଛି। ବର୍ତ୍ତମାନ ଚାଷୀଭାଇଙ୍କ ସଫଳ କାହାଣୀ ଖବରକାଗଜରେ ସ୍ଥାନ ପାଉଛି। କେତେକ ସ୍ଥାନରେ ଲୋକମାନେ ଚାକିରି ଛାଡ଼ି ଚାଷକୁ ପସନ୍ଦ କରୁଥିବା ଖବର ମଧ୍ୟ ଆସୁଛି। ବିଶେଷକରି ଉଦ୍ୟାନ କୃଷି ଫସଲ ଅଧିକ ଲାଭଜନକ ହୋଇପାରୁଛି। ମିଲେଟ୍ ମିଶନରେ ଆମ ରାଜ୍ୟ ସାରା ଦେଶରେ ଦୃଷ୍ଟି ଆକର୍ଷଣ କରିପାରିଛି। କଳାହାଣ୍ଡିର ଚାଷୀ ମାଛଚାଷରେ ସାରା ଦେଶରେ ପ୍ରଥମ ହୋଇଛି। ଆମର ଚାଷୀଭାଇଙ୍କ ସଫଳତା ପାଇଁ ମୁଁ ଗର୍ବିତ। ଓଡ଼ିଶାର ଚାଷୀ କାହାଠାରୁ କମ୍ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି) ସହଯୋଗିତାରେ ଆୟୋଜିତ ଏହି କୃଷି ମହୋତ୍ସବର ବିଷୟବସ୍ତୁ ରହିଛି 'ସମନ୍ୱିତ ଚାଷ, ଚାଷୀର ବିକାଶ'। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ସଭାପତିତ୍ୱ କରି କହିଲେ, ଆମ ରାଜ୍ୟ ଗତ ୨୦ବର୍ଷ ମଧ୍ୟରେ ୩୩ଟି ପ୍ରାକୃତିକ ଦୁର୍ବିପାକ ଦେଖିଛି। ତଥାପି କୃଷି ଉତ୍ପାଦନରେ ବୃଦ୍ଧି ପାଇଛି। ପାଳଛତୁ ଚାଷରେ ଆମ ରାଜ୍ୟ ଦେଶରେ ପ୍ରଥମ ସ୍ଥାନରେ ଥିବାବେଳେ ଛତୁ ଉତ୍ପାଦନରେ ଦ୍ୱିତୀୟରେ ରହିଛି। ସମ୍ମାନିତ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଯୋଗଦେଇ କୃଷି ଓ କୃଷକ ବିନା ଦେଶ ଅଗ୍ରଗତି ଅସମ୍ଭବ ବୋଲି ଗୁରୁତ୍ୱାରୋପ କରିଥିଲେ। କୃଷି ଉତ୍ପାଦନ କମିଶନ ରାଜ୍ କୁମାର ଶର୍ମା ଯୋଗଦେଇ ଦେଶରେ କୃଷକଙ୍କ ଆୟ ୩.୭% ଥିବାବେଳେ ଓଡ଼ିଶାରେ ଏହା ୮.୪% ରହିଥିବା କହିଥିଲେ। ଫିକିର ସେକ୍ରେଟେରୀ ଜେନେରାଲ ଦିଲୀପ ଚେନୟ ଆଗାମୀ ଦିନରେ କୃଷିର ବିକାଶ ତଥା କୃଷକଙ୍କ ଆୟ ବୃଦ୍ଧି ପାଇଁ ଫିକି ସର୍ବଦା ଓଡ଼ିଶା ସରକାରଙ୍କୁ ସହାୟତା କରିବ ବୋଲି କହିଛନ୍ତି। ବିଭାଗର ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ସ୍ୱାଗତ ଭାଷଣରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅତିଥିମାନେ କୃଷି ଓଡ଼ିଶାର ସ୍ମରଣିକା ଉନ୍ମୋଚନ କରିବା ସହିତ ୩୦ଜଣ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ କମିଶନର ତଥା ସଚିବ ଆର୍. ରଘୁ ପ୍ରସାଦ ଧନ୍ୟବାଦ ଦେଇଥିଲେ। ଏହି ମହୋତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ।



'କୃଷି ଓଡ଼ିଶା-୨୦୨୧' ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ କୃଷି ଓଡ଼ିଶାର ସ୍ମରଣିକା ଉନ୍ମୋଚନ କରୁଛନ୍ତି।




# ସ୍ପେଶାଲ ଡ୍ରାଇଭ୍: ୩୯୮୮ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୧୫।୩:** ରାଜ୍ୟ ପୋଲିସ ପକ୍ଷରୁ ଜାମିନ ବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ)ବଳରେ ଗତ ୭ରୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ପେଶାଲ ଡ୍ରାଇଭ୍ କରାଯାଇଥିଲା। ଦୀର୍ଘଦିନ ଧରି ଅପରାଧ ଘଟାଇ ଆତ୍ମଗୋପନ କରିଥିବା ଅଥବା କୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୁକ୍ତଙ୍କ ବିରୋଧରେ ଏହି ଡ୍ରାଇଭ୍ ହୋଇଥିଲା। ଜେନେରାଲ ରେଜିଷ୍ଟର୍ (ଜିଆର୍) ଏବଂ ସେଶନ୍ ଟ୍ରାଏଲ୍ (ଏସ୍‌ଟି) ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ଟାର୍ଗେଟ୍ କରାଯାଇଥିଲା। ଏହି ଘଟଣାରେ ରାଜ୍ୟର ସମସ୍ତ ଜିଲାରୁ ୩୯୮୮ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏକ ସପ୍ତାହ ମଧ୍ୟରେ ଏତେ ସଂଖ୍ୟକ ଅଭିଯୁକ୍ତଙ୍କୁ ଗିରଫ କରିଥିବାରୁ ସମସ୍ତ ଜିଲାର ଏସ୍‌ପିଙ୍କୁ ଡିଜିପି ଅଭୟ ସାଧୁବାଦ ଜଣାଇଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୪୫୨, କେନ୍ଦ୍ରାପଡ଼ା ଜିଲାରୁ ୩୦୭ ଏବଂ ବାଲେଶ୍ୱର ଜିଲାରୁ ୨୯୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଏସ୍‌ପି, ରେଜିଷ୍ଟ୍ରାରଙ୍କୁ ଓଏଚ୍‌ଆର୍‌ସିଙ୍କ ନୋଟିସ


### ଭୀମ୍‌ସାର ର୍‍ୟାଗିଂ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ):** ବୁର୍ଲାସ୍ଥିତ ଭୀମ୍‌ସାର କ୍ୟାମ୍ପସରେ ଗତ ୧୦ ତାରିଖରେ ର୍‍ୟାଗିଂ ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ସୋମବାର ର୍‍ୟାଗିଂ ଫ୍ରି କ୍ୟାମ୍ପସ ଅଭିଯାନର ଆବାହକ ତେଜେଶ୍ୱର ପରିଡା ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। କମିଶନ ଅଧକ୍ଷ ବିକେ ପଟେଲ ଓ ଅସୀମ ଅମିତାଭ ଦାସଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନର ଶୁଣାଣି କରି ସମ୍ବଲପୁର ଏସ୍‌ପି ଓ ଭୀମ୍‌ସାର ରେଜିଷ୍ଟ୍ରାରଙ୍କୁ ନୋଟିସ ଜାରି କରିଛନ୍ତି। ଏଥିସହ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୬ରେ ହେବ।

## ରାଜିନ୍ଦର ପିଆଇବି ଓଡ଼ିଶା ମୁଖ୍ୟ

**ଭୁବନେଶ୍ୱର, ୧୫।୩:** ଭାରତୀୟ ସୂଚନା ସେବା (ଆଇଆଇଏସ୍)ର ବରିଷ୍ଠ ଅଧିକାରୀ ରାଜିନ୍ଦର ଚୌଧୁରୀ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଓଡ଼ିଶା ମୁଖ୍ୟ ତଥା ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପିଆଇବି ଭୁବନେଶ୍ୱର ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱରର ମୁଖ୍ୟ ଭାବେ କାର୍ଯ୍ୟ କରିବେ। ସେ ମଧ୍ୟ ଆର୍‌ଏନ୍‌ଆଇର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଭାବେ କାର୍ଯ୍ୟଭାର ତୁଲାଇବେ।

ପୂର୍ବରୁ ଚୌଧୁରୀ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟରେ ମୁଖ୍ୟ ଗଣମାଧ୍ୟମ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ୧୯୯୭ ବ୍ୟାଚ୍‌ର ଅଧିକାରୀ ଚୌଧୁରୀ ପୂର୍ବରୁ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ବିଭାଗରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିସାରିଛନ୍ତି। ସେ ପ୍ରକାଶନ ବିଭାଗର ନିର୍ଦ୍ଦେଶକ, ନୂଆଦିଲ୍ଲୀସ୍ଥିତ ପିଆଇବିରେ ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିସାରିଛନ୍ତି। ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟର ଉପସଚିବ ଥିବାବେଳେ ତାଙ୍କ ନେତୃତ୍ୱରେ ଉପଭୋକ୍ତା ସଚେତନତା ଲାଗି ଲୋକପ୍ରିୟ ହୋଇଥିବା 'ଜାଗୋ ଗ୍ରାହକ ଜାଗୋ' ଅଭିଯାନ ଆରମ୍ଭ ହୋଇଥିଲା। ଦାୟିତ୍ୱ ଗ୍ରହଣ ବେଳେ ପିଆଇବି ଭୁବନେଶ୍ୱରର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ ଜଣାଇଥିଲେ।


ରାଜିନ୍ଦର ଚୌଧୁରୀ

# ଗୁଳିମାଡ଼ରେ ଟ୍ରଲର ମାଲିକଙ୍କ ମୃତ୍ୟୁ

ବାଲେଶ୍ୱର ଅଫିସ,୧୫।୩


- ପ୍ରଥମେ ଭୁଜାଲି, ଖଣ୍ଡାରେ ଆକ୍ରମଣ କଲେ
- ପଲ୍‌ସରରେ ଆସିଥିଲେ ୪ କଳାମୁଖା ପିନ୍ଧା ଦୁର୍ବୃତ୍ତ

ବାଲେଶ୍ୱର ଜିଲା ମେରାଇନ୍ ଥାନା ବଳରାମଗଡ଼ି ନିକଟ ନାଉପାଳଗଡ଼ିରେ ସୋମବାର ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ଟ୍ରଲର ମାଲିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଇଞ୍ଚା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଘୋଡ଼ାପଦା ଅଞ୍ଚଳର ବିଜୟ କୁମାର ପ୍ରଧାନ (୫୨)। ୪ରୁ ୫ ଦୁର୍ବୃତ୍ତ ଅତର୍କିତ ଭାବେ ତାଙ୍କୁ ପ୍ରଥମେ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଭୟରେ ସେ ଟ୍ରଲର ଭିତରକୁ ପଶି ଯାଉଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଉପରକୁ ୪ ରାଉଣ୍ଡ ଗୁଳି ଚଳାଇଥିଲେ। ଦୁଇ ରାଉଣ୍ଡ ଗୁଳି ଛାତି ଓ ବେକରେ ବାଜିବାରୁ ଘଟଣାସ୍ଥଳରେ ବିଜୟଙ୍କ ମୃତ୍ୟୁ ଘଟିଥିଲା। ମେରାଇନ୍ ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଆଖପାଖରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଯାଞ୍ଚ କରି ପୋଲିସ ଦୁର୍ବୃତ୍ତମାନଙ୍କୁ ଠାବ କରିବା ପାଇଁ ଚେଷ୍ଟା ଜାରି ରଖିଛି।

ସୂଚନା ଅନୁଯାୟୀ, ବିଜୟଙ୍କର ୪ଟି ଟ୍ରଲର ରହିଛି। ଅପରାହ୍ନ ୪ଟା ବେଳେ 'ଦୀପା ତାରିଣୀ' ନାମକ ଟ୍ରଲର ସମୁଦ୍ରରୁ ମାଛ ନେଇ ନାଉପାଳଗଡ଼ିରେ ଲାଗିଥିଲା। ବିଜୟଙ୍କ ଉପସ୍ଥିତିରେ ମାଛ ଧରାଳିମାନେ ଟ୍ରଲରରୁ ମାଛ ବାହାର କରୁଥିଲେ। ଏହି ସମୟରେ ୪ରୁ ୫ଜଣ ଯୁବକ ସେଠାରେ ପହଞ୍ଚି ବିଜୟଙ୍କ ସହିତ ଯୁକ୍ତିତର୍କ ଓ ଗଣ୍ଡଗୋଳ ଆରମ୍ଭ କରିଥିଲେ। ପରେ ସେମାନେ ଗୁଳିମାଡ଼ କରି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବ ଶତ୍ରୁତାରୁ ଏପରି ଘଟଣା ଘଟିଥିବା ଆଶଙ୍କା କରାଯାଉଛି। ଏ ସମ୍ପର୍କରେ ମେରାଇନ୍ ଥାନା ଅଧିକାରୀ ଗୋପାଳ ଚନ୍ଦ୍ର ସିଂଙ୍କୁ ପଚାରିବାରୁ ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ପୋଲିସ ସେଠାରେ ପହଞ୍ଚିଥିଲା। ଦୁଇଟି ପଲ୍‌ସର ବାଇକ୍‌ରେ କଳାମୁଖା ପିନ୍ଧା ୪ ଦୁର୍ବୃତ୍ତ ଆସି ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି। ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅପରାଧୀମାନଙ୍କୁ ଧରାଯିବ ବୋଲି ସେ କହିଛନ୍ତି। ଚାନ୍ଦିପୁର ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ, ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ତଦନ୍ତ କାର୍ଯ୍ୟରେ ସହଯୋଗ କରୁଛନ୍ତି।


ବିଜୟ କୁମାର ପ୍ରଧାନ(ଫାଇଲ୍ ଫଟୋ)

# ଜିଏସ୍‌ଟି କମିଲେ କାର୍ ବିକ୍ରି ବଢ଼ିବ



**କୋଭିଡ୍-୧୯ ଅଟୋ ଉଦ୍ୟୋଗ ସମେତ ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରିଛି। ମହାମାରୀ ଆସିବାର ବର୍ଷକ ପରେ ଏବେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ମନେହୁଏ। ଯାନବାହନ କ୍ଷେତ୍ରରେ ଲୋକଙ୍କ ଚାହିଦା ମଧ୍ୟ ବଢ଼ିଲାଣି। ଅଟୋ ଉଦ୍ୟୋଗର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଧରିତ୍ରୀ ସହ ଆଲୋଚନା କରିଥିଲେ ଗୁଗ୍‌ନାନୀ ହୋଣ୍ଡା ମ୍ୟାନେଜିଂ ପାର୍ଟନର ରାଜନ ଗୁଗ୍‌ନାନୀ।**

**▶ ମହାମାରୀର ପ୍ରଭାବ କିପରି ଥିଲା?**
ଅଟୋ ଉଦ୍ୟୋଗ ପାଇଁ ମହାମାରୀର ପ୍ରଥମ ୯ ମାସ ଖୁବ୍ କଷ୍ଟକର ଥିଲା। ଆମକୁ ସମସ୍ତ ପ୍ରକାର କ୍ଷତି ସହିବାକୁ ପଡ଼ିଥିଲେ ବି କର୍ମଚାରୀମାନଙ୍କୁ ଦରମା ଦେବା କେବେ ବନ୍ଦ କରି ନ ଥିଲୁ। ମୁଁ ଭାବୁଛି, ସବୁଠାରୁ ଦୁଃସମୟ ଅତିବାହିତ ହୋଇଯାଇଛି ଏବଂ ଏବେ ବିକ୍ରିରେ କ୍ରମାଗତ ଅଭିବୃଦ୍ଧି ଲକ୍ଷ୍ୟ କରାଯାଉଛି। ଭବିଷ୍ୟତରେ ବ୍ୟବସାୟ ପାଇଁ ଅଧିକ ଭଲ ସୁଯୋଗକୁ ଅପେକ୍ଷା କରିଛୁ।

**▶ ଅଟୋ ଉଦ୍ୟୋଗର ବର୍ତ୍ତମାନ ସ୍ଥିତି ସମ୍ପର୍କରେ କ'ଣ କହିବେ?**
ଅଟୋମୋବାଇଲକ୍ଷେତ୍ରରେକୋଭିଡ୍-୧୯ରପ୍ରଭାବସାଂଘାତିକଥିଲା। ତଥାପି ଏବେ ବ୍ୟବସାୟରେ ସୁଧାର ଆସୁଛି। ମହାମାରୀ ଭଳି ପ୍ରତିବନ୍ଧକ ସତ୍ତ୍ୱେ ଏହି ସେକ୍ଟର ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି। ଦେଶର ଅଭିବୃଦ୍ଧି ପାଇଁ ଅଟୋ ଉଦ୍ୟୋଗ ଏବଂ ରାସ୍ତାର ଭିତ୍ତିଭୂମି ବିକାଶ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସ୍କ୍ରାପେଜ୍ ପଲିସି ଯାନବାହନ ବିକ୍ରିକୁ ବଢ଼ାଇବ ବୋଲି ଆମର ବିଶ୍ୱାସ।

**▶ ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଲାଗି କି ପଦକ୍ଷେପ ନିଅନ୍ତି?**
ସେବା ଦ୍ୱାରା ଗ୍ରାହକଙ୍କୁ ସନ୍ତୁଷ୍ଟ କରିବା ଗୁଗ୍‌ନାନୀ ହୋଣ୍ଡାର ମୂଳମନ୍ତ୍ର। ଗ୍ରାହକଙ୍କ ଆବଶ୍ୟକତା ଏବଂ ସେମାନଙ୍କୁ ସୁହାଉଥିବା ବ୍ୟବସ୍ଥା ସହ ଗୁଗ୍‌ନାନୀ ହୋଣ୍ଡା ସବୁବେଳେ ରହିଥାଏ। ସେମାନେ ସବୁବେଳେ ଆମ ସେବାକୁ ନେଇ ଖୁସି ପ୍ରକାଶ କରନ୍ତି ଏବଂ ଅନ୍ୟମାନଙ୍କୁ ଏ ସମ୍ପର୍କରେ ସୂଚନା ମଧ୍ୟ ଦେଇଥାନ୍ତି। ଗ୍ରାହକଙ୍କ ସହ ବ୍ୟକ୍ତିଗତ ଭାବ ବିନିମୟରେ ବିଶ୍ୱାସ କରୁ, ଯଦ୍ୱାରା ବଜାରରେ ପ୍ରତିଷ୍ଠିତ ହେବା ଆମ ପାଇଁ ସହଜ ହୋଇପାରିଛି। ଆମେ ସବୁ ସ୍ଥାନରେ ଗ୍ରାହକଙ୍କ ଚାହିଦା ମୁତାବକ ପ୍ରତ୍ୟେକ ଜିନିଷ ଯୋଗାଇପାରୁ। ଆମ ସେବା ଖୁବ୍ ଗୁଣାତ୍ମକ। ଅଭିଜ୍ଞ ଟେକ୍ନିସିଆନ୍‌ମାନେ ମଧ୍ୟ ଆମ ସହିତ ରହିଛନ୍ତି।

**▶ ଗୁଗ୍‌ନାନୀ ହୋଣ୍ଡା ପାଇଁ ଏ ସହରର ବଜାର କିପରି ଅଛି ?**
ଭୁବନେଶ୍ୱର ଏକ ଭଲ ବଜାର ଏବଂ ଏହାର ଦ୍ରୁତ ଅଭିବୃଦ୍ଧି ଘଟୁଛି। ଆମେ ଏ ସହରରେ ଖୁବ୍ ବଡ଼ବଡ଼ ପରିବର୍ତ୍ତନ ଦେଖିଛୁ। ରାଜ୍ୟ ସରକାର ମଧ୍ୟ ବେଶ୍ ସହଯୋଗୀ ମନୋଭାବ ପୋଷଣ କରନ୍ତି।

**▶ ଅଟୋ ଉଦ୍ୟୋଗରେ ଜିଏସ୍‌ଟି ସମ୍ପର୍କରେ ଆପଣଙ୍କ ମତ କ'ଣ ?**
ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ସବୁବେଳେ ଅଟୋ ଉଦ୍ୟୋଗ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଜିଏସ୍‌ଟିରେ କିଛି ହ୍ରାସ କରାଗଲେ ଏହି ଉଦ୍ୟୋଗ ଉପରେ ସକାରାତ୍ମକ ପ୍ରଭାବ ପଡ଼ିବ। ଏସ୍‌ୟୁଭିଗୁଡ଼ିକ ଉପରେ ପ୍ରାୟ ୫୦% ଜିଏସ୍‌ଟି ଲଗାଯାଇଛି। ଭାରତରେ ଗୋଟିଏ ମାସରେ ୧୦ ଲକ୍ଷ ମୋଟରସାଇକେଲ ବିକ୍ରି ହେଉଥିବାବେଳେ ଆମେରିକାରେ ମାସକ ମଧ୍ୟରେ ୧୦ ଲକ୍ଷ କାର୍ ବିକ୍ରି ହୋଇପାରୁଛି। ଭାରତରେ ଆମେ ମାତ୍ର ୨-୩ ଲକ୍ଷ କାର୍ ବିକ୍ରି କରିପାରୁଛୁ। ଏ ବ୍ୟବଧାନ କେବଳ ଜିଏସ୍‌ଟି ପାଇଁ। ଯଦି ଜିଏସ୍‌ଟି ହ୍ରାସ କରାଯାଏ, ତେବେ କାର୍ ବିକ୍ରି ବଢ଼ିପାରିବ।

**▶ ବୈଦ୍ୟୁତିକ ଗାଡ଼ି ପାଇଁ କିପରି ପ୍ରସ୍ତୁତ ହେଉଛନ୍ତି?**
ବୈଦ୍ୟୁତିକ ଗାଡ଼ି ଅଟୋମୋବାଇଲ ଇଣ୍ଡଷ୍ଟ୍ରିର ଭବିଷ୍ୟତ। ତେବେ କେତେକ ପ୍ରସଙ୍ଗରେ ଅଭାବ ରହିଛି, ଯାହା ଯୋଗୁ ଏହାର ସମ୍ପୂର୍ଣ୍ଣ ପରିଚାଳନାରେ ଆଉ କିଛି ସମୟ ଲାଗିବ। ମୁଁ ଆଶା କରୁଛି, ଆଉ ୧୦ ବର୍ଷ ମଧ୍ୟରେ ରାସ୍ତାରେ ବୈଦ୍ୟୁତିକ ଗାଡ଼ି ଗଡୁଥିବା ଦେଖାଯିବ।

**▶ ଓଡ଼ିଶା ବଜାରକୁ କିପରି ଦେଖନ୍ତି?**
ଓଡ଼ିଶା ଏକ ବିକାଶଶୀଳ ରାଜ୍ୟ। ବହୁ ସୁଯୋଗ ଥିବାରୁ କାମ କରିବା ପାଇଁ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ସବୁଠୁ ଭଲ ଲାଗେ। ବ୍ୟବସାୟର ସ୍ଥିତି ଭଲ ଥିବାରୁ ଆମେ ଏଠାରେ ଏଯାବତ୍ କୌଣସି ସମସ୍ୟା ଭୋଗିନାହୁଁ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# କଠିନ ଅଧ୍ୟବସାୟରୁ ସଫଳତା



**ପାଞ୍ଚ ଦଶନ୍ଧି ତଳେ ଭୁବନେଶ୍ୱର କହିଲେ ହାତଗଣତି କିଛି ବଜାର ଓ ଅଞ୍ଚଳକୁ ବୁଝାଉଥିଲା। ୧୯୭୦ ମସିହାରେ ଜଣେ ସଫଳ ବ୍ୟବସାୟୀ ଭାବେ ଖ୍ୟାତି ଅର୍ଜନ କରିଥିଲେ ସ୍ୱର୍ଗତ ସୁକାନ୍ତ ଚନ୍ଦ୍ର ସାମନ୍ତରାୟ। ସେତେବେଳେ ସେ ଆରମ୍ଭ କରିଥିବା ତୃପ୍ତି ପେଟ୍ରୋଲ ପମ୍ପ୍ ଆଜି ଏକ ବୃହତ୍ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ ହୋଇଛି। ବାପାଙ୍କ ପଦାଙ୍କ ଅନୁସରଣ କରି ତୃପ୍ତି ଗ୍ରୁପ୍ ଅଫ୍ କମ୍ପାନିଜ୍‌କୁ ସଫଳତାର ଶୀର୍ଷକୁ ନେଇପାରିଛନ୍ତି ତାଙ୍କ ସୁପୁତ୍ର ତଥା ଏହାର ପରିଚାଳନା ନିର୍ଦ୍ଦେଶକ ଇଂ. ବଦ୍ରି ନାରାୟଣ ସାମନ୍ତରାୟ।**

**➥ ଅଟୋ ଉଦ୍ୟୋଗକୁ ମହାମାରୀ କିପରି ପ୍ରଭାବିତ କରିଛି?**
୨୦୨୦-୨୧ ଆର୍ଥିକ ବର୍ଷ ଆରମ୍ଭରୁ ନଭେମ୍ବର ପର୍ଯ୍ୟନ୍ତ କରୋନା ଓ କାରବାରକୁ ନେଇ ଚିନ୍ତିତ ଥିଲୁ। ମହାମାରୀ ଯୋଗୁ ଦେଶର ଅଟୋ ଶିଳ୍ପ ମଧ୍ୟ ଅନିଶ୍ଚିତତା ମଧ୍ୟରେ ରହିଥିଲା। ଉତ୍ପାଦନରୁ ନେଇ ସେବା ଯୋଗାଣ ପର୍ଯ୍ୟନ୍ତ ସବୁ ଠିକ୍ ହେଲେ କାରବାର ଚାଲେ। ବ୍ୟାଙ୍କ ପ୍ରିମିୟମ୍, କର୍ମଚାରୀଙ୍କ ଦରମା, ସଂସ୍ଥାର ବିଭିନ୍ନ କାର୍ଯ୍ୟାଳୟ ଓ ସର୍ଭିସ୍ ପଏଣ୍ଟର ଭଡ଼ା ଭଳି ଅନେକ କଥା ରହିଛି। ମହାମାରୀ ବେଳେ ସେ ସବୁର ସମାଧାନ ପାଇଁ ସଂସ୍ଥା କଠିନ ସମୟ ଦେଇ ଗତି କରିଛି।

**➥ ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ କ'ଣ ସବୁ ଯୋଜନା ପ୍ରସ୍ତୁତ କରିଛନ୍ତି?**
ଗତବର୍ଷର କ୍ଷତିକୁ ଭରଣା କରିବା ପାଇଁ ଚଳିତବର୍ଷ ବଜାର ବ୍ୟବସ୍ଥାକୁ ଆହୁରି ଅତ୍ୟାଧୁନିକ ଓ ବ୍ୟାପକ କରାଯିବ। ଭୁବନେଶ୍ୱର ସମେତ ଅନୁଗୋଳ ଓ ସମ୍ବଲପୁରରେ ସଂସ୍ଥାର ନୂଆ ଶାଖା, ଶୋ'ରୁମ୍ ଏବଂ ସର୍ଭିସ ଷ୍ଟେଶନ ଖୋଲିବା ପାଇଁ ଯୋଜନା ରହିଛି। ଚଳିତ ବର୍ଷରୁ ଆମେ କୃଷି ଜାତୀୟ ବ୍ୟବସାୟରେ ପଦାର୍ପଣ ପାଇଁ ଯୋଜନା କରିଛୁ। ସାରା ଓଡ଼ିଶା ଏପରି କି ପଡ଼ୋଶୀ ରାଜ୍ୟଗୁଡ଼ିକରେ ଆମ ଗ୍ରାହକ ଓ ସଂସ୍ଥାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେହି ପରିଚୟ ଓ ଗ୍ରାହକ ସମ୍ପର୍କକୁ ନେଇ ଆଗକୁ ବଢ଼ିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି।

**➥ ମହାମାରୀ ସମୟରେ କର୍ମଚାରୀମାନେ କିଭଳି ପ୍ରଭାବିତ ହୋଇଥିଲେ?**
ତୃପ୍ତି ଗ୍ରୁପ ହେଉଛି ୫୦ ବର୍ଷର ସଂସ୍ଥା। ମୋ ବାପାଙ୍କ ସାଙ୍ଗରେ କାମ କରୁଥିବା କର୍ମଚାରୀ ଆଜି ବି ମୋ ସହ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସଂସ୍ଥା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୫୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଜଡ଼ିତ। ମହାମାରୀ ବେଳେ ସେମାନଙ୍କୁ ସବୁ ପ୍ରକାର ସହଯୋଗ ଦେଇଥିଲି।

**➥ ଚଳିତ ବଜେଟକୁ କିପରି ଦେଖୁଛନ୍ତି?**
ଏହି ବଜେଟ ଅଟୋ ଶିଳ୍ପର ଆଧୁନିକୀକରଣରେ ସହାୟକ ହେବ। ନୂଆ ମାନଦଣ୍ଡ ହିସାବରେ କାରବାର ମଧ୍ୟ ସହଜ ହେବ ବୋଲି ଆଶା ରହିଛି। ସରକାରଙ୍କ ନିୟମ ଏବଂ ଗ୍ରାହକଙ୍କ ପସନ୍ଦ ଓ ଚାହିଦାକୁ ନେଇ ବ୍ୟବସାୟ କରିବା ଆମର ମୂଳଲକ୍ଷ୍ୟ।

**➥ ରାଜ୍ୟର ଅଟୋ ଉଦ୍ୟୋଗକୁ କିପରି ଦେଖୁଛନ୍ତି?**
ବ୍ୟବସାୟ କାହାକୁ ଅନୁସରଣ କରି କରାଯାଏ ନାହିଁ। ବଜାର ଚାହିଦା ଓ ଗ୍ରାହକଙ୍କ ବିଶ୍ୱାସକୁ ନେଇ ବିକ୍ରି ପରବର୍ତ୍ତୀ ସେବା ଦେବା ଆମର ଲକ୍ଷ୍ୟ। ସେବା ଦେଲେ ସଫଳତା ମିଳେ ଆଉ ଯେଉଁମାନେ ସେବା ଦେବେ ନାହିଁ ସେମାନେ ଅନ୍ୟକୁ ଅଙ୍ଗୁଳି ଦେଖାଇବେ। ପ୍ରକୃତ ବ୍ୟବସାୟୀ କାହା ସହ ପ୍ରତିଦ୍ୱନ୍ଦ୍ୱିତା ନ କରି ନିଜ ବ୍ୟବସ୍ଥା ଓ ବ୍ୟବସାୟର ମାନବୃଦ୍ଧି ପାଇଁ ଦିନରାତି କଠିନ ଅଧ୍ୟବସାୟ କରି ସଫଳତା ପାଇବାକୁ ଚେଷ୍ଟା କରନ୍ତି।

**➥ ସଫଳତା ପାଇଁ କାହାକୁ ଶ୍ରେୟ ଦେବେ?**
ଗୋଟିଏ ସଂସ୍ଥାର ସଫଳତା ସମସ୍ତଙ୍କୁ ନେଇ ଏବଂ ସମସ୍ତ ପାଇଁ ମିଳିଥାଏ। ମୋ ବାପା, ମା'ଙ୍କ ଆଶୀର୍ବାଦ ଓ ସହଧର୍ମିଣୀଙ୍କ ସହଯୋଗ ଯୋଗୁ ଏସବୁ ସମ୍ଭବ ହୋଇପାରିଛି। ପ୍ରଭୁ ଜଗନ୍ନାଥଙ୍କ କୃପା, ତୃପ୍ତି ଗ୍ରୁପକୁ ଭଲ ପାଉଥିବା ଅଗଣିତ ଗ୍ରାହକ, କର୍ମଚାରୀଙ୍କ ନିଷ୍ଠାପରତା ସହ ପରିଶ୍ରମ ଓ ସୁସମ୍ପର୍କ ଏହି ସଫଳତା ଆଣିଦେଇଛି ବୋଲି ମୁଁ ଅନୁଭବ କରିଥାଏ।

**➥ ତୃପ୍ତି ଗ୍ରୁପ୍‌ରେ ପରିଚଳାନା ଅନୁଭୂତି କେମିତି ରହିଛି?**
୭୦ ଦଶକରୁ ଅଦ୍ୟାବଧି ଅନେକ ଅନୁଭୂତି ରହିଛି। ବର୍ତ୍ତମାନ ସଂସ୍ଥାର ପେଟ୍ରୋଲ ପମ୍ପ୍, ଦୁଇଚକିଆ ହୋଣ୍ଡା ଶୋ'ରୁମ୍, ଚାରିଚକିଆ ଶୋ'ରୁମ୍, ବୁଲେଟ୍ ଶୋ'ରୁମ୍, ଇ-ବାଇକ୍ ଶୋ'ରୁମ୍ ଆଦି ରହିଛି। ରାଜ୍ୟର ପ୍ରମୁଖ ସହରରେ ସଂସ୍ଥାର ଶାଖା ଓ ସର୍ଭିସ ଷ୍ଟେଶନ ଆଦିକୁ ନେଇ ତୃପ୍ତି ଗ୍ରୁପ୍ ସୃଷ୍ଟି ହୋଇଛି। ବଡ଼ ବଡ଼ କମ୍ପାନୀର ଡିଲରଶିପ୍ ସହ ବିଶ୍ୱାସ ଯୋଗୁ ଆମେ ଆଜି ସଫଳ ହୋଇପାରିଛୁ। ଭଗବାନଙ୍କ କୃପା, କମ୍ପାନୀର ପ୍ରଶଂସାପତ୍ର ଓ ଗ୍ରାହକଙ୍କ ବିଶ୍ୱାସ ପାଇଥିବାରୁ ସବୁକିଛି ସୁଚାରୁ ରୂପେ ପରିଚାଳନା କରିପାରିଛି।

ଧରିତ୍ରୀ | OrissaPOST BUSINESS EMINENCE AWARDS

## ପରିବାରର ୫ ଦଗ୍ଧ

ବିହାରର କିଷାନଗଞ୍ଜ ଜିଲାରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ୫ ଜଣ ଜିଅନ୍ତା ଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ସଲାମ କଲୋନି ବାସିନ୍ଦା ନୂର୍ ଆଲମ୍ ଓ ତାଙ୍କ ୪ରୁ ୧୨ ବର୍ଷର ଚାରି ଜଣ ସନ୍ତାନ। ଅନ୍ୟଜଣେ ଗୁରୁତର ଅଛନ୍ତି। ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ନୂର୍‌ଙ୍କ ଘର ନିକଟରେ ଥିବା ଆଉ ୪ ବଖରା ଘର ଜଳିଯାଇଛି।

### ସଂକ୍ଷେପରେ

## ୩୨ ସଂସ୍ଥା ଉପରେ ସାଇବର ଆକ୍ରମଣ

**ନୂଆଦିଲ୍ଲୀ, ୧୫।୩(ଆଇଏନ୍‌ଏସ୍):** ମାଇକ୍ରୋସଫ୍ଟ ଇମେଲ୍ ସର୍ଭର ମାଧମରେ ଭାରତର ୩୨ ସଂସ୍ଥା ଉପରେ ସାଇବର ଆକ୍ରମଣ ହୋଇଛି। ବିଶେଷ କରି ବିତ୍ତୀୟ ଓ ବ୍ୟାଙ୍କିଙ୍ଗ୍ ସଂସ୍ଥାକୁ ସର୍ବାଧିକ ଥର ହ୍ୟାକର୍ସ ଟାର୍ଗେଟ କରିଥିବା ସୋମବାର ପ୍ରକାଶିତ ଏକ ନୂଆ ରିପୋର୍ଟରୁ ଜଣାପଡ଼ିଛି। ଏହାସହ ସରକାରଙ୍କ ମିଲିଟାରି ବା ସେନା ସଙ୍ଗଠନ, ନିର୍ମାଣ, ବୀମା ସଂସ୍ଥା ଉପରେ ସାଇବର ଆଟାକ୍ ହୋଇଥିବା ଚେକ୍ ପଏଣ୍ଟ ରିସର୍ଚ୍ଚ ରିପୋର୍ଟରେ ଦର୍ଶାଇଛି। ସର୍ଭରରେ ଥିବା ଦୁର୍ବଳତା ବା ତ୍ରୁଟି ଉପରେ ହ୍ୟାକର୍ସଙ୍କ ନଜର ରହିଛି। ସାଇବର ଆକ୍ରମଣର ସମ୍ମୁଖୀନ ହେଉଥିବା ଦେଶଗୁଡ଼ିକ ମଧ୍ୟରେ ଆମେରିକା ପ୍ରଥମରେ ଥିବାବେଳେ, ଏହା ତଳକୁ ନେଦରଲାଣ୍ଡ, ତୁର୍କୀ ଓ ଭାରତ ରହିଛି। ବିଶେଷ କରି ସେନା ଓ ସରକାରୀ ସଙ୍ଗଠନ, ନିର୍ମାଣକାରୀ ସଂସ୍ଥା, ସଫ୍ଟୱେର କମ୍ପାନୀ ଅଧିକ ମାତ୍ରାରେ ଏଭଳି ଆକ୍ରମଣର ଶିକାର ହେଉଛନ୍ତି। ପ୍ରାୟ ୫ ହ୍ୟାକର୍ସ ଗ୍ରୁପ ମାଇକ୍ରୋସଫ୍ଟର ଇ-ମେଲ୍ ସର୍ଭରକୁ ହ୍ୟାକ୍ କରିବାକୁ ଉଦ୍ୟମ କରୁଥିବା ରିପୋର୍ଟରୁ ଜଣାପଡ଼ିଛି।

## ଏବର୍ଷ ଥରେ ହେବ ଏନ୍‌ଇଇଟି


ରମେଶ ପୋଖରିୟାଲ 'ନିଶଙ୍କ'

**ନୂଆଦିଲ୍ଲୀ, ୧୫।୩:** ଚଳିତ ବର୍ଷ ଗୋଟିଏ ଥର ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା(ଏନ୍‌ଇଇଟି) ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ 'ନିଶଙ୍କ' ସୋମବାର ସୂଚନା ଦେଇଛନ୍ତି। ଲୋକ ସଭାରେ ମନ୍ତ୍ରୀ କହିଲେ, ଡାକ୍ତରୀ ପାଠ୍ୟକ୍ରମ ଏମ୍‌ବିବିଏସ୍‌ରେ ନାମ ଲେଖାଇବା ପାଇଁ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ଆଲୋଚନା କରାଯାଇ ଏହି ପରୀକ୍ଷା ଆୟୋଜନ ହେଉଛି। ଏ ବାବଦରେ କୌଣସି ପ୍ରସ୍ତାବ ପାଇ ନ ଥିବା ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ଆସନ୍ତା ଅଗଷ୍ଟ ୧ରେ ଏନ୍‌ଇଇଟି ହିନ୍ଦୀ, ଇଂଲିଶ ସମେତ ୧୧ ଭାଷାରେ ଅନୁଷ୍ଠିତ ହେବ।

## ଏନ୍‌କାଉଣ୍ଟରରେ ଜୈଶ୍ କମାଣ୍ଡର ନିହତ

**ଶ୍ରୀନଗର,୧୫।୩(ପି.ଟି.):** ଜମ୍ମୁ-କଶ୍ମୀରର ଶୋପିଆନ ଜିଲାରେ ସୋମବାର ସୁରକ୍ଷା କର୍ମୀଙ୍କ ଏନ୍‌କାଉଣ୍ଟରରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର କମାଣ୍ଡର ବିଲାୟତ ହୁସେନ୍ ଲୋନ୍ ନିହତ ହୋଇଛନ୍ତି। ଲୋନ୍ ଓରଫ ସାଜ୍ଜଦ ଆଫଗାନି କଶ୍ମୀରରେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଥିଲେ। ରାୱାଲପୋରାରେ ଶନିବାରଠାରୁ ଚାଲିଥିବା ଆତଙ୍କବାଦ ନିରୋଧୀ ଅଭିଯାନରେ ଲୋନ୍ ନିହତ ହୋଇଥିବା ପୋଲିସ କହିଛି। ରବିବାର ସୁରକ୍ଷା କର୍ମୀଙ୍କ ଗୁଳିରେ ଲଶ୍କର-ଇ-ତୋଇବା ଆତଙ୍କବାଦୀ ଜାହାଙ୍ଗୀର ଅହମଦ ୱାନି ନିହତ ହୋଇଥିଲେ।

## ସଂକ୍ରମିତ ଥାଇ ଶୁଟିଂ



କରୋନାରେ ସଂକ୍ରମିତ ଥାଇ ଶୁଟିଂ କରିବା ଅଭିଯୋଗରେ ଅଭିନେତ୍ରୀ ଗୌହର ଖାଁଙ୍କ ନାମରେ ସୋମବାର ମାମଲା ରୁଜୁ କରିଛି ବୃହନ୍‌ମୁମ୍ବାଇ ମହାନଗର ନିଗମ(ବିଏମ୍‌ସି)। କରୋନା ଟେଷ୍ଟ ରିପୋର୍ଟ ପଜିଟିଭ୍ ଆସିବା ସତ୍ତ୍ୱେ ଆଇସୋଲେଶନରେ ରହିବା ପରିବର୍ତ୍ତେ ସେ ଏକ ଫିଲ୍ମର ଶୁଟିଂ କରୁଥିଲେ। ବିଏମ୍‌ସି ଅଫିସ୍ କର୍ମଚାରୀ ତାଙ୍କ ଘର ବାହାରେ କ୍ୱାରାଣ୍ଟାଇନ୍ ଷ୍ଟାମ୍ପ ମାରିବାକୁ ଯାଇଥିବାବେଳେ ଗୌହର ଗେଟ୍ ଖୋଲିବାକୁ ମନା କରିଦେଇଥିଲେ। ଏପରିକି ପଜିଟିଭ୍ ରିପୋର୍ଟ ଆସିବା ପରଠାରୁ ସେ ଘରେ ନ ଥିବା ମଧ୍ୟ ଅଭିଯୋଗ ରହିଛି।

## ସିଂହକୁ ଡ୍ରଗ୍ସ ଦେଇ ଫଟୋଶୁଟ୍



ବିବାହବେଳେ ବରକନ୍ୟା ଏକ ସିଂହ ଛୁଆ ସହ ଫଟୋଶୁଟ୍ କରିଛନ୍ତି। ସେହି ସିଂହ ଛୁଆକୁ ଡ୍ରଗ୍ସ ଦିଆଯାଇଥିବା ଜଣାପଡ଼ିଛି। ଘଟଣା ପାକିସ୍ତାନରେ ଦେଖିବାକୁ ମିଳିଥିବାବେଳେ ଫଟୋଗୁଡ଼ିକ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସିଂହଟି ବରକନ୍ୟାଙ୍କ ସହ ବସିଥିବା ଦେଖାଯାଇଛି। ଏ ନେଇ ପଞ୍ଜାବର ୱାଇଲ୍ଡଲାଇଫ୍ ଡିପାର୍ଟମେଣ୍ଟ ପକ୍ଷରୁ ନୋଟିସ ଜାରିକରାଯିବା ସହ ସମ୍ପୃକ୍ତ ବିବାହ ଯୋଡ଼ିଙ୍କୁ ଖୋଜା ଚାଲିଛି। ବାହାଘରକୁ ନିଆରା କରିବା ସହ ପ୍ରସିଦ୍ଧ ହେବାକୁ ଉକ୍ତ ଦମ୍ପତି ଏଭଳି ଢଙ୍ଗରେ ସିଂହ ଛୁଆ ସହ ଫଟୋ ଉଠାଇଥିବା କୁହାଯାଉଛି।

# ଚିନ୍ତା ବଢ଼ାଇଲାଣି ସଂକ୍ରମଣ

**ନୂଆଦିଲ୍ଲୀ,୧୫।୩**

କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୋମବାର ଗୋଟିଏ ଦିନରେ ଦେଶରେ ମୋଟ ୨୬,୨୯୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୧୧୮ ଜଣଙ୍କ ଜୀବନ ଯାଇଛି। ନୂଆ ମାମଲାର ୭୮.୪୧ ପ୍ରତିଶତ କେବଳ ୫ଟି ରାଜ୍ୟରେ ଦେଖିବାକୁ ମିଳିଛି। ସେଗୁଡ଼ିକ ହେଲେ ମହାରାଷ୍ଟ୍ର, ପଞ୍ଜାବ, କର୍ନାଟକ,

- ୫ ରାଜ୍ୟରେ ୭୮% ନୂଆ ମାମଲା
- ଦିନକରେ ୨୬,୨୯୧ ସଂକ୍ରମିତ
- କୋଭିଡ୍ ନିୟମ ନ ମାନିବା ସଂକ୍ରମଣ ବୃଦ୍ଧିର କାରଣ: ହର୍ଷବର୍ଦ୍ଧନ

ଗୁଜରାଟ ଓ ତାମିଲନାଡୁ। ମହାରାଷ୍ଟ୍ରରେ ଗୋଟିଏ ଦିନରେ ସର୍ବାଧିକ ୧୬,୬୨୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଯାହା ମୋଟ ସଂକ୍ରମଣର ୬୩.୨୧ ପ୍ରତିଶତ। ଏହା ପଛକୁ କେରଳରେ ୧,୭୯୨ ଏବଂ ପଞ୍ଜାବରେ ୧,୪୯୨ ଜଣ ସଂକ୍ରମିତ ହୋଇଛନ୍ତି। ମଧ୍ୟପ୍ରଦେଶ, ଦିଲ୍ଲୀ, ହରିୟାଣାରେ ମଧ୍ୟ ସଂକ୍ରମଣ ବଢୁଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେରଳରେ କିଛିଦିନ ସଂକ୍ରମଣ ବଢ଼ିବା ପରେ ଏବେ ଖସିବା ଆରମ୍ଭ କରିଛି।


ଭାରତରେ ମୋଟ ସକ୍ରିୟ ମାମଲା ସଂଖ୍ୟା ୨,୧୯,୧୬୨ ରହିଛି, ଯାହା ମୋଟ ସଂକ୍ରମଣର ୧.୯୩ ପ୍ରତିଶତ। କେବଳ ମହାରାଷ୍ଟ୍ରରେ ସକ୍ରିୟ ମାମଲା ସଂଖ୍ୟା ୫୮ ପ୍ରତିଶତ ରହିଛି। ଜନସାଧାରଣ ସାମାଜିକ ଦୂରତ୍ୱ ନ ମାନିବା ଓ ଅନ୍ୟାନ୍ୟ ଗାଇଡ୍‌ଲାଇନ ପାଳନ ନ କରିବା ସଂକ୍ରମଣ ବୃଦ୍ଧିର କାରଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ କହିଛନ୍ତି। ଗତବର୍ଷ ଭଳି ଏବର୍ଷ ମଧ୍ୟ କୋଭିଡ୍-୧୯ ପ୍ରତି ସମାନ ସତର୍କତା ଅବଲମ୍ବନ କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

କ୍ରମାଗତ ୭ ଦିନ ହେଲା ଦେଶରେ ସଂକ୍ରମଣ ସଂଖ୍ୟା ୨୦ ହଜାର ଉପରେ ରହିଛି। ଗତବର୍ଷ ଡିସେମ୍ବର ୨୦ରେ ନୂଆ ସଂକ୍ରମଣ ୨୬,୬୨୪ ଥିଲା। ପରେ ଏହି ସଂଖ୍ୟା କମିବା ଆରମ୍ଭ କରିଥିଲା। କରୋନା ସଂକ୍ରମଣରେ ଭାରତ ତୃତୀୟ ସ୍ଥାନରେ ରହିଛି। ଆମେରିକା ପ୍ରଥମ ସ୍ଥାନରେ ରହିଥିବାବେଳେ ଶନିବାର ବ୍ରାଜିଲ ଭାରତକୁ ଟପି ଦ୍ୱିତୀୟ ସ୍ଥାନରେ ପହଞ୍ଚିଛି। ସଂକ୍ରମଣର ମୁକାବିଲା ପାଇଁ ଭାରତରେ ଟିକାକରଣକୁ ଜୋର୍‌ଦାର କରାଯାଇଛି। ସୋମବାର ସୁଦ୍ଧା ଦେଶରେ ମୋଟ ୩.୧୫ କୋଟି କୋଭିଡ୍ ଟିକା ଦିଆଗଲାଣି। ୭୩,୫୫,୭୫୫ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରଥମ ଡୋଜ୍ ଏବଂ ୪୩,୦୫,୧୧୮ ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ସେହିପରି ୭୩,୪୦,୪୨୩ ଆଗଧାଡ଼ିର କର୍ମଚାରୀ ପ୍ରଥମ ଡୋଜ୍ ଏବଂ ୧୧,୫୦,୫୩୫ ଜଣ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ଅନ୍ୟାନ୍ୟ ରୋଗ ଥିବା ୧୪,୬୪,୦୧୪ ଜଣ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ୮୨,୯୨,୧୯୩ ଜଣ ଟିକାର ପ୍ରଥମ ଡୋଜ୍ ନେଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି।


କୋଭିଡ୍ ପରୀକ୍ଷା ପାଇଁ ବେଙ୍ଗାଲୁରୁର ଏକ କଲେଜରେ ଛାତ୍ରୀମାନଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଉଛି।

## ୧୭ରେ ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେବେ ମୋଦି

**ନୂଆଦିଲ୍ଲୀ,୧୫।୩**



ଦେଶର ୮ ରାଜ୍ୟରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରୋନା ସ୍ଥିତି ଓ ଟିକାକରଣ ଅଭିଯାନ ସମ୍ପର୍କରେ ୧୭ ତାରିଖରେ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀମାନଙ୍କ ସହ କଥା ହେବେ। ଟିକାକରଣ ବଢ଼ାଇବାକୁ କେନ୍ଦ୍ର ସରକାର ଚାହୁଁଛନ୍ତି। ବୁଧବାର ମଧ୍ୟାହ୍ନ ୧୨ଟା ୩୦ରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପ୍ରଧାନମନ୍ତ୍ରୀ ସମସ୍ତ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ। ମହାମାରୀ ବେଳେ ମୋଦି ଅନେକ ଥର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ଟିକାକରଣ ପୂର୍ବରୁ ଜାନୁୟାରୀରେ ଶେଷ ଥର ପାଇଁ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଗଧାଡ଼ିର କୋଭିଡ୍ ଯୋଦ୍ଧାମାନଙ୍କ ଟିକାକରଣ ଖର୍ଚ୍ଚ ସରକାର ବହନ କରିବେ ବୋଲି ସେତେବେଳେ ପ୍ରଧାନମନ୍ତ୍ରୀ କହିଥିଲେ।

## ଷଡ଼ଯନ୍ତ୍ର ମୋତେ ରୋକି ପାରିବ ନାହିଁ: ମମତା

**କୋଲକାତା,୧୫।୩**

କୌଣସି ଷଡ଼ଯନ୍ତ୍ର ତାଙ୍କୁ ରାଜ୍ୟରେ ନିର୍ବାଚନ ପ୍ରଚାରରୁ ଅଟକାଇପାରିବ ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ଅଧ୍ୟକ୍ଷା ମମତା ବାନାର୍ଜୀ ସୋମବାର କହିଛନ୍ତି। ହୃଦ୍‌ସ୍ପନ୍ଦନ ଚାଲୁଥିବାଯାଏ ଭାଜପା ବିରୋଧରେ ଲଢ଼େଇ ଜାରି ରଖିବେ। ନିର୍ବାଚନ ଜିତିବାକୁ ଭାଜପା ଦିଲ୍ଲୀରୁ ନେତା ଆଣିଛି। ହେଲେ ସେମାନେ କଦାପି ପଶ୍ଚିମବଙ୍ଗରେ ଜିତିପାରିବେ ନାହିଁ। ଗତ ୧୦ ବର୍ଷ ମଧ୍ୟରେ ତାଙ୍କ ସରକାର ରାଜ୍ୟରେ ଅନେକ ବିକାଶ ଓ ଜନହିତକର କାର୍ଯ୍ୟ କରିଛି। ଭାଜପା ପ୍ରଧାନମନ୍ତ୍ରୀ ଦେଶ ଚଳାଇପାରୁ ନାହାନ୍ତି। ସେ ସମ୍ପୂର୍ଣ୍ଣ ଅଯୋଗ୍ୟ ବୋଲି ମମତା କହିଥିଲେ।

ପୁରୁଲିଆ ରାଲିରେ ମମତା କହିଥିଲେ, ଲୋକଙ୍କ ଯନ୍ତ୍ରଣା ତାଙ୍କ ଯନ୍ତ୍ରଣାଠାରୁ ଅଧିକ। ଭଙ୍ଗାଗୋଡ଼ରେ ପ୍ରଚାର ପାଇଁ ସେ ବାହାରି ପାରିବେ ନାହିଁ ବୋଲି କେତେଜଣ ଭାବିଥିଲେ। ଭାଗ୍ୟ ଭଲ ସେ ବଞ୍ଚିଯାଇଛନ୍ତି। ହୁଇଲ୍ ଚେୟାରରେ ପ୍ରଚାର ଜାରି ରଖିବେ ବୋଲି ମମତା କହିଛନ୍ତି।

## ମମତା ଅପରାଧ ମାମଲା ଲୁଚାଇଛନ୍ତି: ଶୁଭେନ୍ଦୁ

**କୋଲକାତା,୧୫।୩**

ନନ୍ଦିଗ୍ରାମରୁ ପ୍ରାର୍ଥୀ ହୋଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ତାଙ୍କ ନାଁରେ ଥିବା ୬ଟି ଅପରାଧ ମାମଲା ସମ୍ପର୍କରେ ଉଲ୍ଲେଖ କରି ନାହାନ୍ତି। ଏହା ବିରୋଧରେ ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ନିର୍ବାଚନ କମିଶନଙ୍କ ନିକଟରେ ଅଭିଯୋଗ କରିବା ସହ ତାଙ୍କ ପ୍ରାର୍ଥୀପତ୍ର ନାକଚ କରିବାକୁ ଅନୁରୋଧ କରିଛନ୍ତି। ମମତାଙ୍କ ବିରୋଧରେ ଆସାମରେ ୫ଟି ଏତଲା ଓ ସିବିଆଇ ଗୋଟିଏ ଏତଲା ଦାଏର କରିଥିଲା।

### ଗ୍ରାମୀ ଆୱାର୍ଡ ୨୦୨୧

## ଇତିହାସ ରଚିଲେ ବେୟନ୍ସ

**ଲସ୍ ଏଞ୍ଜେଲ୍ସ, ୧୫।୩**

ଆମେରିକାର ଲସ୍ ଏଞ୍ଜେଲ୍ସଠାରେ ପ୍ରସିଦ୍ଧ ଗ୍ରାମୀ ଆୱାର୍ଡର ୬୩ତମ ସଂସ୍କରଣ ଆୟୋଜିତ ହୋଇଯାଇଛି। ମ୍ୟୁଜିକ୍ ଇଣ୍ଡଷ୍ଟ୍ରିରେ ସଫଳ କଳାକାରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ମହାମାରୀ ଯୋଗୁ ଚଳିତ ଥର ଉତ୍ସବ ବିଳମ୍ବରେ ଆୟୋଜିତ ହୋଇଛି। ବିଭିନ୍ନ ବର୍ଗରେ ବିଜେତା କଳାକାରମାନଙ୍କ ନାମ ଘୋଷଣା କରାଯାଇଛି। ପୁଣି ଥରେ ବିଜେତା ତାଲିକାରେ ସାମିଲ ହୋଇ ରେକର୍ଡ କରିଛନ୍ତି ଗାୟିକା ବେୟନ୍ସ। ଏହାକୁ ମିଶାଇ ୨୮ ଥର ଗ୍ରାମୀ ଆୱାର୍ଡ ହାସଲ କରିବାରେ ପ୍ରଥମ ମହିଳା ଗାୟିକା ଭାବେ ସେ ଇତିହାସ ରଚିଛନ୍ତି। ଚଳିତ ଥର ବେୟନ୍ସ ୨ଟି ଗ୍ରାମୀ ଆୱାର୍ଡ ପାଇଛନ୍ତି। ଏଥର ଅଧିକାଂଶ ବର୍ଗରେ ମହିଳା କଳାକାର ଏହି ଆୱାର୍ଡ ଛଡ଼ାଇ ନେଇଛନ୍ତି। ବେଷ୍ଟ ପପ୍ ଭୋକାଲ ଆଲ୍‌ବମ 'ଫ୍ୟୁଚର ନୋଷ୍ଟାଲଜିଆ' ପାଇଁ ଦୁଆ ଲିପା ବିଜେତା ଘୋଷିତ ହୋଇଛନ୍ତି। ସେହିପରି ବେଷ୍ଟ ର୍‌ୟାପ୍ ସଙ୍ଗ୍ 'ସାଭେଜ' ପାଇଁ ବେୟନ୍ସଙ୍କ ସହ ମେଗାନ୍ ଦି ଷ୍ଟାଲିୟନ, ସଙ୍ଗ୍ ଅଫ୍ ଦ ଇୟର ବର୍ଗରେ ଡର୍ନଷ୍ଟ ଏମିଲ ଦ୍ୱିତୀୟ ଏବଂ ଟିଆର ଥୋମାସ ବିଜେତା ତାଲିକାରେ ସାମିଲ ହୋଇଛନ୍ତି। ଅନ୍ୟାନ୍ୟ ବର୍ଗରେ ଗ୍ରାମୀ ଆୱାର୍ଡ ପାଇବାକୁ ବିଲି ଇଲିଶ୍, ଟେଲର ସ୍ୱିଫ୍ଟ, ଜନ୍ ମେୟର, ମିରାଣ୍ଡା ଲମ୍ବର୍ଟ, ଜେମ୍ସ ଟେଲର, କେଟ୍ରାନାଡା ପ୍ରମୁଖଙ୍କ ନାଁ ଘୋଷଣା କରାଯାଇଛି।



## ଚାଷୀଙ୍କୁ ମେଘାଳୟ ରାଜ୍ୟପାଳଙ୍କ ସମର୍ଥନ


**ନୂଆଦିଲ୍ଲୀ,୧୫।୩**


ସତ୍ୟପାଲ୍ ମଲିକ

କୃଷି ଆଇନ ବିରୋଧରେ ଆନ୍ଦୋଳନରତ ଚାଷୀଙ୍କୁ ମେଘାଳୟ ରାଜ୍ୟପାଳ ସତ୍ୟପାଲ୍ ମଲିକ ସମର୍ଥନ କରିଛନ୍ତି। ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଅନୁରୋଧ କରିଛନ୍ତି। ୟୁପିର ବାଗପତ୍‌ଠାରେ ଏକ ଉତ୍ସବରେ ଉଦ୍‌ବୋଧନ ଦେବା ଅବସରରେ ସତ୍ୟପାଲ କହିଥିଲେ, କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ କଲେ ଚାଷୀ ଆଶ୍ୱସ୍ତ ହେବେ। କୃଷକ ନେତା ରାକେଶ ଟିକାଏତ୍‌ଙ୍କୁ ଗିରଫ କରାଯିବା ନେଇ ଶୁଣିବା ପରେ ସତ୍ୟପାଲ ଏହାକୁ ଅଟକାଇଥିଲେ ବୋଲି କହିଛନ୍ତି। ସେ ଚାଷୀମାନଙ୍କ ବିରୋଧରେ ଆଇନଗତ ବଳ ପ୍ରୟୋଗ ନ କରିବାକୁ ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। କୌଣସି ଆଇନ ଚାଷୀଙ୍କ ସପକ୍ଷରେ ଯାଉ ନାହିଁ। କୃଷକ ଓ ସୈନିକ ସନ୍ତୁଷ୍ଟ ନ ହେଲେ ଦେଶ ଆଗେଇପାରିବ ନାହିଁ ଓ ସୁରକ୍ଷିତ ରହିପାରିବ ନାହିଁ। ତେଣୁ ସେମାନଙ୍କୁ ସନ୍ତୁଷ୍ଟ କରି ରଖିବା ଆବଶ୍ୟକ ବୋଲି ମେଘାଳୟ ରାଜ୍ୟପାଳ କହିଛନ୍ତି। ପ୍ରତି ୩ ବର୍ଷରେ ସରକାରୀ କର୍ମଚାରୀମାନଙ୍କ ବେତନ ବଢ଼ିଚାଲିଥିବାବେଳେ ଚାଷୀମାନେ ଦିନକୁ ଦିନ ଅଧିକ ଗରିବ ହେଉଛନ୍ତି। ଚାଷୀ ଯେକୌଣସି ସ୍ଥାନରେ ଫସଲ ବିକିପାରିବ ବୋଲି କୁହାଯାଉଛି। ଏହା ୧୫ ବର୍ଷର ପୁରୁଣା ଆଇନ। ହେଲେ ମଥୁରା ଚାଷୀ ଗହମ ନେଇ ପଲୱାଲ ଗଲେ ସେଠାରେ ଲାଠିଚାର୍ଜର ସମ୍ମୁଖୀନ ହେଉଛି। ଆଇନର ସଂଶୋଧନ ହେବା ସହ ଚାଷୀଙ୍କ ସମସ୍ୟାର ସମାଧାନ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

## ଅଧିକ ଭୋଟ ନୋଟାକୁ ଗଲେ ଫଳାଫଳ ରଦ୍ଦ ହେଉ

**ନୂଆଦିଲ୍ଲୀ,୧୫।୩(ପି.ଟି.)**




- ସାନି ନିର୍ବାଚନ ଲାଗି ପିଆଇଏଲ୍
- କେନ୍ଦ୍ର, ଇସିଙ୍କୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନିର୍ବାଚନରେ ଯଦି ସର୍ବାଧିକ ଭୋଟ ନୋଟା (ନନ୍ ଅଫ୍ ଦି ଏବଭ୍)କୁ ଯାଏ ତେବେ ଫଳାଫଳ ରଦ୍ଦ କରି ସାନି ନିର୍ବାଚନ କରାଇବା ପାଇଁ ନିର୍ବାଚନ କମିଶନ (ଇସି)ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ଏହା ଉପରେ ସର୍ବୋଚ୍ଚ ଅଦାଲତ ସୋମବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କୁ ଜବାବ ମାଗିଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ, ଜଷ୍ଟିସ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଏବଂ ଭାରତର ନିର୍ବାଚନ କମିଶନଙ୍କୁ ନୋଟିସ ଜାରି କରି ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆଇନଜୀବୀ ତଥା ଭାଜପା ନେତା ଅଶ୍ୱିନୀ କୁମାର ଉପାଧ୍ୟାୟ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିବାବେଳେ ତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମାନେକା ଗୁରୁସ୍ୱାମୀ ମାମଲା ପରିଚାଳନା କରୁଥିଲେ। ଫଳାଫଳ ରଦ୍ଦ ହେବା ପରେ ସମ୍ପୃକ୍ତ ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡ଼ିକୁ ସାନି ନିର୍ବାଚନରେ ଭାଗନେବା ଲାଗି ଅନୁମତି ନ ଦେବାକୁ ମଧ୍ୟ ଆବେଦନକାରୀ ଅନୁରୋଧ କରିଛନ୍ତି। ପ୍ରତ୍ୟାଖ୍ୟାନ ଅଧିକାର ଏବଂ ନୂତନ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ଅଧିକାରୀ ଲୋକଙ୍କୁ ମିଳିଲେ, ସେମାନେ ନିଜର ଅସନ୍ତୋଷ ବ୍ୟକ୍ତ କରିବାର କ୍ଷମତା ପାଇବେ। ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ ପୃଷ୍ଠଭୂମି ଓ ପ୍ରଦର୍ଶନରେ ଭୋଟର ଅସନ୍ତୁଷ୍ଟ ଥିଲେ ସେମାନେ ସମ୍ପୃକ୍ତ ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରି ନୂଆ ପ୍ରାର୍ଥୀଙ୍କୁ ନିର୍ବାଚିତ କରିବା ପାଇଁ ନୋଟାରେ ଭୋଟ ଦେଇଥାନ୍ତି। ତେଣୁ ନୋଟାକୁ ସର୍ବାଧିକ ଭୋଟ ଯାଇଥିଲେ, ଉକ୍ତ ନିର୍ବାଚନ ମଣ୍ଡଳୀର ଭୋଟ ଫଳାଫଳକୁ ରଦ୍ଦ କରି ୬ ମାସ ମଧ୍ୟରେ ସାନି ନିର୍ବାଚନ କରାଯିବା ନିମନ୍ତେ ଅଦାଲତ ଘୋଷଣା କରିପାରିବେ ବୋଲି ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି।

ପିଟିଶନରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ରାଜନୈତିକ ଦଳଗୁଡ଼ିକ ନିର୍ବାଚନ ଲଢ଼ିବା ଲାଗି ପ୍ରାର୍ଥୀମାନଙ୍କୁ ଅତ୍ୟନ୍ତ ଅଗଣତାନ୍ତ୍ରିକ ଉପାୟରେ ଚୟନ କରୁଛନ୍ତି। ଏଥିପାଇଁ ଭୋଟରମାନଙ୍କ ମତାମତ ନିଆଯାଉ ନାହିଁ; ଯେଉଁଥିପାଇଁ ଅନେକ ସମୟରେ ନିର୍ବାଚନ ମଣ୍ଡଳୀର ଭୋଟରମାନେ ପ୍ରାର୍ଥୀମାନଙ୍କ ପ୍ରତି ସମ୍ପୂର୍ଣ୍ଣ ଅସନ୍ତୁଷ୍ଟ ଥିବା ଦେଖାଯାଉଛି। ଏହି ସମସ୍ୟାର ସମାଧାନ ହୋଇପାରିବ ଯଦି ନୋଟା ସପକ୍ଷରେ ଅଧିକ ଭୋଟ ଗଲେ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ସାନି ନିର୍ବାଚନ ହୁଏ। ଏପରିସ୍ଥଳରେ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟାଖ୍ୟାତ ବିବେଚନା କରାଯିବା ସହ ସାନି ନିର୍ବାଚନରେ ସେମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଅନୁମତି ମିଳିବ ନାହିଁ। ଅପରାଧ ପୃଷ୍ଠଭୂମି ଥିବା ଅନେକ ପ୍ରାର୍ଥୀ ନିର୍ବାଚନ ଲଢ଼ି ପାର୍ଲାମେଣ୍ଟ ଓ ବିଧାନସଭାକୁ ଯାଉଛନ୍ତି। ସେମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାଦ୍ୱାରା ସାଧାରଣ ଜନତା କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ପ୍ରତ୍ୟାଖ୍ୟାନ ଅଧିକାର ଅନୁଚ୍ଛେଦ ୧୯ର ଅବିଚ୍ଛେଦ୍ୟ ଅଙ୍ଗ। କିନ୍ତୁ ନୋଟା ସପକ୍ଷରେ ସର୍ବାଧିକ ଭୋଟ ଗଲେ ମଧ୍ୟ ନିର୍ବାଚନକୁ ଅବୈଧ ଘୋଷଣା କରିବା ଲାଗି କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନ କିଛି କରୁନାହାନ୍ତି ବୋଲି ପିଟିଶନରେ ଦର୍ଶାଯାଇଛି।

## ସଂକ୍ଷେପରେ

### ୧୨୩ ଜଣଙ୍କୁ ଟିକା ପ୍ରଦାନ



**ବଇଣ୍ଡା,୧୫।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ବଇଣ୍ଡା ମେଡିକାଲ ଓ କିଶୋରନଗର ମେଡିକାଲରେ ସୋମବାର କୋରୋନା ଟିକା ପ୍ରଦାନ କରାଯାଇଛି। କିଶୋରନଗର ମେଡିକାଲରେ ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ସହ ୭୩ ଜଣ ବରିଷ୍ଠ ବ୍ୟକ୍ତିଙ୍କୁ ଟିକା ଦିଆଯାଇଥିଲା। କୋରୋନା ନିୟମକୁ ମାନି ଚଳିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଥିଲା। ସେହିପରି ବଇଣ୍ଡା ମେଡିକାଲଠାରେ ୫୦ ଜଣ ବୟସ୍କ ବ୍ୟକ୍ତିଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଏଥିରେ କିଶୋରନଗର ମେଡିକାଲର ଡା. ପ୍ରିୟବ୍ରତ ଦାସ, ବଇଣ୍ଡା ମେଡିକାଲର ଡା. ସରୋଜ କୁମାର ନନ୍ଦ, ସସ୍ମିତା ସାହୁ, ମିଲି ଚାଉଳିଆ, ନାରାୟଣ ଦେହୁରି, ସରୋଜ ସାହୁ, ମନୋଜ ପ୍ରଧାନ, ନିହାରିକା ନାୟକ, ସନ୍ତୋଷ ମହାରଣା, ପ୍ରମୁଖ ସହଯୋଗ କରିଥିଲେ।

### ଜେଇ, ଏମ୍‌ଇଙ୍କୁ ଆକ୍ରମଣ

**ବଇଣ୍ଡା,୧୫।୩(ଡି.ଏନ.ଏ.):** ଅନୁଗୋଳ ପୌରପାଳିକାର ଏମ୍‌ଇ ଦୁର୍ଗା ପଟ୍ଟନାୟକ ଓ ଆସିଷ୍ଟାଣ୍ଟ ଇଞ୍ଜିନିୟର ରବିନ ଦାସଙ୍କୁ ସୋମବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ସହରରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରି ବିଜୁ ମଇଦାନରୁ ଥାନା ଛକ ଦେଇ ପୌର କାର୍ଯ୍ୟାଳୟକୁ ଦୁଇ ଅଧିକାରୀ ଫେରୁଥିଲେ। ଏହି ସମୟରେ ଦୁଇ ଜଣ ଦୁର୍ବୃତ୍ତ ଗାଡିକୁ ଅଟକାଇ ଲୁହା ଛଡରେ ଆକ୍ରମଣ କରିଥିଲେ। ଦୁଇ ଅଧିକାରୀ ତଳେ ପଡିଯିବାରୁ ଦୁର୍ବୃତ୍ତମାନେ ବିଜୁ ମଇଦାନ ସମ୍ମୁଖ ଗଳି ଦେଇ ରାଧାରମଣପଡା ଆଡକୁ ଚାଲିଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କ୍ଷୋଭ ପ୍ରକାଶ କଲା ଜନଜୀବନ ସୁରକ୍ଷା କମିଟି

**ଅନୁଗୋଳ ଅଫିସ, ୧୫।୩**



ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସିଡିଏମ୍‌ଓଙ୍କ ସହ ଆଲୋଚନା କରାଯାଉଛି।

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ଧାରଣା, ଆନ୍ଦୋଳନ କରାଯାଉଛି। ପଦକ୍ଷେପ ନେବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏହାକୁ ନେଇ ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ସୋମବାର କ୍ଷୋଭ ପ୍ରକାଶ କରାଯିବା ସହ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଅତିରିକ୍ତ ଜିଲାପାଳଙ୍କୁ ଭେଟି ଆଲୋଚନା କରାଯାଇଛି।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଡାକ୍ତରଖାନାକୁ ଆସୁଥିବା ବିଶେଷଜ୍ଞ ଡାକ୍ତରଙ୍କୁ ମାସିକ ଚାରିଦିନ ବଦଳରେ ଦିନେ କରାଯାଇଥିବାରୁ ପ୍ରତିବାଦ କରି ଓ ଅନ୍ୟାନ୍ୟ ଦାବିରେ ଗତ ୨୨ ଫେବୃୟାରୀରେ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଅନଶନ କରାଯାଇଥିଲା। ଏ ନେଇ ଅତିରିକ୍ତ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ଏଥିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଥିବା ନେଫ୍ରୋଲୋଜି, ୟୁରୋଲୋଜି, ଗ୍ୟାଷ୍ଟ୍ରୋଲୋଜି ବିଶେଷଜ୍ଞ ଡାକ୍ତର ଆସିବାରେ କଟକଣା ପ୍ରତ୍ୟାହାର କରାଯାଇ ମାସକୁ ଦିନେ ବଦଳରେ ଦୁଇ ଦିନ ଆସିବା ପାଇଁ ସ୍ଥିର ହୋଇଥିଲା। ଏଥିସହିତ ରୋଗୀସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ନ୍ୟୁରୋଲୋଜି ଡାକ୍ତର ଦିନକୁ ଓଳିଏ ବଦଳରେ ଦୁଇ ଓଳି ରୋଗୀସେବା ଯୋଗାଇଦେବା,

**ପ୍ରତିଶ୍ରୁତି ପୂରଣରେ ଅବହେଳା**

ନୂତନ ଭାବେ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ଏଣ୍ଡୋସ୍କୋପି ବ୍ୟବସ୍ଥା କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ତିନି ସପ୍ତାହ ବିତି ଯାଇଥିଲେ ମଧ୍ୟ କୌଣସି ବାସ୍ତବ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନ, ଅଭିମନ୍ୟୁ ସ୍ୱାଇଁ, ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ବ୍ରଜବନ୍ଧୁ ସାହୁ, ନିରଦ ଚନ୍ଦ୍ର ପାଳ, ରମେଶ ସାହୁ, ମାନସ ପାଳ ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରି ଜିଲା ସ୍ୱାସ୍ଥ୍ୟ ବିଭାଗର ଅବହେଳା ପାଇଁ କ୍ଷୋଭ ପ୍ରକାଶ କରିଥିଲେ। ସେହିପରି ଅତିରିକ୍ତ ଜିଲାପାଳଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ।

# ଦଣ୍ଡନୃତ୍ୟ ପରିବେଷଣକୁ ଅନୁମତି ଦାବି



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘ କର୍ମକର୍ତ୍ତାମାନେ।

**ବଣରପାଳ,୧୫।୩(ଡି.ଏନ.ଏ.)**

ଆସନ୍ତା ଏପ୍ରିଲ ମାସରେ ପାଳନ ହେବାକୁ ଥିବା ଦଣ୍ଡବ୍ରତ ସହ ଦଣ୍ଡନୃତ୍ୟ ପାଇଁ ଅନୁମତି ପ୍ରଦାନ ନିମନ୍ତେ ଉତ୍କଳୀୟ ଦଣ୍ଡ ସଂସ୍କୃତି ସମାଜ ମଙ୍ଗଳ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ସଂଘରେ ୧୦୫ ଦଣ୍ଡନୃତ୍ୟ ଦଳ ସହ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କଳାକାର ଅଛନ୍ତି। ଗତବର୍ଷ ମହାମାରୀ କରୋନା ଯୋଗୁ ଦଣ୍ଡ କଳାକାରମାନେ ବ୍ରତ ପାଳନ ସହ ରୋଜଗାରରୁ ବଞ୍ଚିତ ହୋଇଥିଲେ। ତେଣୁ ଚଳିତ ବର୍ଷ ଦଣ୍ଡନୃତ୍ୟକୁ ଅନୁମତି ପ୍ରଦାନ କରିବାକୁ ସଭାପତି ହରମୋହନ ସାହୁ, ସମ୍ପାଦକ ବିପିନ ବିହାରୀ ପ୍ରଧାନ, ସନାତନ ନାୟକ, ପରିଚାଳକ ପ୍ରସନ୍ନ ପୁଷ୍ଟି, ବାମଦେବ ସେଠ, ସୁଜନ ସାହୁ, ମୋହିନୀ ସାହୁ, ବିଜୟ ବେହେରା, ବାବୁଲି ନାୟକ, ଟୁନା ବେହେରା, ରମେଶ ଚନ୍ଦ୍ର ଗଡନାୟକ ପ୍ରମୁଖ ଦାବି କରିଛନ୍ତି।

# ଖଣିଜ ପରିବହନ ନ ମିଳିଲେ ଆମରଣ ଅନଶନ

**କଣିହାଁ,୧୫।୩ (ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଆଞ୍ଚଳିକ ଟ୍ରକ୍ ମାଲିକ ସଂଘ ତରଫରୁ ସୋମବାର ଏକ ଖବରଦାତା ସମ୍ମିଳନୀ ପ୍ରଜାମଣ୍ଡଳ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ପ୍ରଶାସନ ଉପରେ କ୍ଷୋଭ ପ୍ରକାଶ କରାଯିବା ସହ ପରିବହନ ପାଇଁ ଖଣିଜ ନ ମିଳିଲେ ଆଗାମୀ ଦିନରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

ସଂଘ ପକ୍ଷରୁ କୁହାଯାଇଛି ଯେ, କଣିହାଁ ଅଞ୍ଚଳର ଯୁବକମାନେ ଋଣ କରି ଟ୍ରକ୍ କିଣିବା ସହ ଖଣିଜ ପରିବହନରେ ଲଗାଇଛନ୍ତି। କିନ୍ତୁ



ଖବରଦାତା ସମ୍ମିଳନୀରେ ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ।

୧ ବର୍ଷ ହେଲା କରୋନା କଟକଣା ଯୋଗୁ ତାଳଚେର ଅଞ୍ଚଳରୁ ପରିବହନ ପାଇଁ ଖଣିଜ ଦିଆଯାଉନାହିଁ। ଗାଡ଼ି ଗୁଡ଼ିକ ଛିଡ଼ା ହେବା ଫଳରେ ମାଲିକମାନେ ଋଣ ଅର୍ଥ ପରିଶୋଧ କରିପାରୁନାହାନ୍ତି। ତେଣୁ କଣିହାଁ କୋଇଲା ଖଣିରୁ ଡେରଙ୍ଗସ୍ଥିତ ଜେଆଇଟିପିଏଲକୁ କୋଇଲା ପରିବହନ ଦାବିକରି ସେମାନେ ଜିଲାପାଳ, ତାଳଚେର ଉପଜିଲାପାଳ, ତାଳଚେର ବିଧାୟକ, ତହସିଲଦାର, ଏମ୍‌ସିଏଲ୍ ଓ ଜେଆଇଟିପିଏଲ୍ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବିଧାୟକଙ୍କ ଜରିଆରେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। କୌଣସି ସମାଧାନ ନ ହେବାରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ସମାଧାନ ପାଇଁ ଆଲୋଚନା କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନାହିଁ। ତେଣୁ ସମସ୍ୟାର ସମାଧାନ ନ ହେଲେ ଆମରଣ ଅନସନ କରାଯିବ ବୋଲି ସଂଘ ସଭାପତି ଶ୍ୱାଶ୍ୱତ ପ୍ରଧାନ, ସମ୍ପାଦକ ଆଲୋକ ସାହୁ, କୋଷାଧ୍ୟକ୍ଷ କୁମର ପ୍ରଧାନ, ପରାମର୍ଶଦାତା ଉକାଲୁ ସାହୁ, ସବ୍ୟସାଚୀ ପାଣି ପ୍ରମୁଖ ଚେତାବନୀ ଦେଇଛନ୍ତି।

### ନଗେନ ସଭାପତି, ଗୋପବନ୍ଧୁ ସମ୍ପାଦକ

**ଛେଣ୍ଡିପଦା,୧୫।୩(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ସୋମବାର ଶେଷ ହୋଇଛି। ସଭାପତି ଭାବେ ନଗେନ କୁମାର ନନ୍ଦ, ଉପ ସଭାପତି ଗଣେଶ୍ୱର ଭୂତିଆ, ସାଧାରଣ ସମ୍ପାଦକ ଗୋପବନ୍ଧୁ ସାହୁ, ସହ ସମ୍ପାଦକ ସଞ୍ଜୟ କୁମାର ବେହେରା, ସାଂସ୍କୃତିକ ସମ୍ପାଦକ ସୁଶୀଲ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ବରିଷ୍ଠ ଆଇନଜୀବୀ ଲକ୍ଷ୍ମୀଧର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ।



ସଭାପତି ନଗେନ କୁମାର ନନ୍ଦ



ସମ୍ପାଦକ ଗୋପବନ୍ଧୁ ସାହୁ

# ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ



ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର,୧୫।୩ (ନି.ପ୍ର.)**

ତାଳଚେର ମେଡିକାଲ କଲେଜ ସଂଘର୍ଷ ସମିତି ପକ୍ଷରୁ ସୋମବାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ସରକାର ଓ ଏମ୍‌ସିଏଲ ଚୁକ୍ତିନାମା ମୁତାବକ ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ନିମନ୍ତେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ଚଳିତବର୍ଷରୁ ନାମଲେଖା ବ୍ୟବସ୍ଥା କରିବାକୁ ସମିତି ପକ୍ଷରୁ ଦାବି କରାଯାଇଛି। ଆବାହକ ଶରତ ଚନ୍ଦ୍ର ପ୍ରଧାନ, ସୌଭାଗ୍ୟ ଚନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ପାଣି, ଚୈତନ୍ୟ ପ୍ରଧାନ, ବୀରବର ସାହୁ, ସୁରେଶ ଚନ୍ଦ୍ର ବେହେରା ପ୍ରମୁଖ ରାଜ୍ୟପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

OFFICE OF
DISTRICT COLLECTOR, BOLANGIR
(EXCISE SECTION)
NOTICE INVITING APPLICATIONS
FOR SETTLEMENT OF IMFL 'OFF'
SHOPS OF BOLANGIR DISTRICT

No. 300 Date: 15.03.2021

Applications are invited for settlement of 26 (Twenty six) numbers of IMFL 'OFF' shops of Balangir district for the year 2021-22 onwards by way of lottery.

The persons interested to participate may apply online in "Form - B" through the portal https://stateexcise.odisha.gov.in from 16.03.2021 to 29.03.2021 (5.00 P.M.). Lottery will be held on 08.04.2021 at Conference Hall of Collectorate, Balangir from 10.00 A.M. onwards.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise, Balangir and Collectorate, Balangir.

Toll Free Number: 18003456713

Sd./- Collector, Bolangir

OFFICE OF THE CHIEF DISTRICT MEDICAL &
PUBLIC HEALTH OFFICER, GANJAM, BERHAMPUR
e-mail Address: cdmoganjam1@gmail.com, Phone No.: 0680-2225383
No. 4740/EC-VI.Veh.Estt./2021-22 Berhampur Dtd. the 15th March 2021
Cond.03/2021-22

CORRIGENDUM TO THIS OFFICE SEALED
TENDER NOTICE No. 3991 Dtd.02.03.2021

The Last date of receipt of quotations for disposal of condemned Govt. vehicles is here by extended upto 25th March 2021 (05.30 P.M.) & will be opened on 26th March 2021 (04.00 P.M.)
Other terms & conditions remain unaltered.

Sd./- Chief District Medical & Public Health Officer, Ganjam

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, KUCHINDA
E-mail:- eerw_kuchinda@yahoo.com
"e" Procurement Notice for Road Works
Identification No. Online Tender/08/RWD, Kuchinda/2020-21

No. O-1263:-
1. Name of the Work : Road works
2. Total Number of Works : 01 No.
3. Estimated Cost : Rs.26.55 Lakhs
4. Class of Contractor : Road Work (C & B Class of Contractor)
5. Period of Completion : 1 Month
6. Availability of Tender online for bidding : 17.03.2021 at 11.00 A.M. to 23.03.2021 upto 5.00 P.M.
7. Last date & time of seeking tender clarification : 24.03.2021 upto 5.00 P.M.
8. Date & time of opening of tender : 25.03.2021 (11.00 A.M.)

Further details can be seen from the website www.tendersodisha.gov.in

Sd./- Executive Engineer,
Rural Works Division, Kuchinda
OIPR-25151/11/0007/2021

GOVERNMENT OF ODISHA
OFFICE OF ENGINEER-IN-CHIEF
RURAL WATER SUPPLY AND SANITATION (RWSS)
Letter No: .......................... Date: 12.03.2021

Bid Identification No. EIC/RWSS/ 42 /2020-21
SHORT QUOTATION CALL NOTICE

No. O-1256:- Quotations are invited from the OEM or an Authorized Channel Partner in India for supply and installation of the Bentley WATERGEMS Perpetual 10000 pipes, STADD PRO & AUTOCAD software's for the Designs & Analysis, Modelling, Simulation of Bentley WATERGEMS Software in the OFFICE OF ENGINEER-IN-CHIEF, RURAL WATER SUPPLY AND SANITATION (RWSS) Panchayati Raj & Drinking Water Department.

1. The Bidder should be the OEM or an Authorized Channel Partner in India. In case of Authorized Channel Partner, valid Manufacturer's Authorization letter issued by the OEM on current date to be submitted along with bid.
2. The Bidder should be a company registered in India under the Indian Companies Act 1956 or as amended/ or registered under Partnership Act.
3. The Bidder should not have been blacklisted/ debarred by any State/ Central government organization in India in the last 3 years. The Bidder should provide self declaration in their company's letter head signed by the Authorized Signatory.
4. The authority reserves the right to accept or reject any or all quotations without assigning any reasons thereof. Besides, quotations received in incomplete forms or after due date and time will be liable for rejection.
5. The price quoted and the GST if any should be mentioned separately.
6. Interested bidders may download the RFP document from Government of Odisha website i.e. www.odishapanchayat.gov.in from 16.03.2021 to 23.03.2021. The last date for submission of bids is 23.03.2021 (11:00 AM).
7. The evaluation of accessibility of such materials lies solely with EIC, RWSS, Panchayati Raj & Drinking Water Department.
8. The document may be downloaded from www.odishapanchayat.gov.in

Sd/- 12.03.2021
OIPR-25040/11/0021/2021 Engineer-in-Chief, RWS&S

OFFICE OF THE
DISTRICT MAGISTRATE AND
COLLECTOR, BARGARH
NOTICE INVITING APPLICATIONS
FOR SETTLEMENT OF IMFL 'OFF'
SHOPS OF BARGARH DISTRICT

No. 394/Ex. Date: 15.03.2021

Applications are invited for settlement of 23 (Twenty three) numbers of IMFL 'Off' shops of Bargarh district for the year 2021-22 onwards by way of lottery.

The persons interested to participate may apply online in "Form - B" through the portal http://stateexcise.odisha.gov.in from 16.03.2021 to 29.03.2021. Lottery will be held on 06.04.2021 at DRDA Conference Hall, Bargarh from 11.00 A.M. onwards.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office and Collectorate, Bargarh.

Sd./- Collector, Bargarh

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଷ୍ଟ୍ରେସଡ୍ ଆସେଟସ୍ ରିକଭରି ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୨୧, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ: sbi.05174@sbi.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୩.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**
ପ୍ରତ୍ୟେକଙ୍କ ନିମନ୍ତେ ୫ମିନିଟ୍ ଅସିମୀତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ଋଣଗ୍ରହୀତାମାନେ: ୧) ଏସ୍‌ଆରଏମ୍ ରିଟେଲ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ.,** ଶ୍ରୀ ହିମାଂଶୁ ରାଉତରାଏ, ପିତା: ସଂଗ୍ରାମ କେଶରୀ ରାଉତରାଏ, **୨) ଶ୍ରୀମତୀ ଗୀତା ପ୍ରିୟଦର୍ଶିନୀ,** ସ୍ୱାମୀ: ଉମାକାନ୍ତ ପ୍ରିୟଦର୍ଶୀ, **୩) ଶ୍ରୀ ଦୀପାଂଶୁ ଶେଖର ମହାନ୍ତି,** ପିତା: ରବିନ୍ଦ୍ର କୁମାର ମହାନ୍ତି / **ଜାମିନ୍‌ଦାର: ଶ୍ରୀମତୀ ପ୍ରିୟଦର୍ଶିନୀ ରାଉତରାଏ (ମେସର୍ସ ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ.ର ନିର୍ଦ୍ଦେଶକ),** ସମସ୍ତଙ୍କ ଠିକଣା: ପ୍ଲଟ୍ ନଂ.: ୫୮, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯ | ଏସ୍‌ଆରଏମ୍ ଆର୍କିଟେକ୍ଚର ଆଣ୍ଡ କନଷ୍ଟ୍ରକସନ୍ ଲିଃ. ପରବର୍ତ୍ତୀ ସମୟରେ ଏହି କମ୍ପାନୀର ନାମ ପରିବର୍ତ୍ତିତ ହୋଇ **ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ.** ହେଲା ଏବଂ ପୁନଶ୍ଚ ଉକ୍ତ କମ୍ପାନୀର ନାମ ପରିବର୍ତ୍ତିତ ହୋଇ **ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ. (ଏସ୍‌ଆରଏମ୍ ଗ୍ଲୋବାଲ ଇନ୍‌ଫ୍ରା ଲିଃ.,** ଏସ୍‌ଆରଏମ୍ ରିଟେଲ୍ ଆଣ୍ଡ ହସ୍ପିଟାଲିଟି ସର୍ଭିସେସ୍ ଲିଃ. ପାଇଁ କର୍ପୋରେଟ ଗ୍ୟାରେଣ୍ଟି ଦେଇଛି) ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଘୁନାଥପୁର, ପ୍ଲଟ୍ ନଂ.: ୩/୬୯୬ ଏବଂ ଖାତା ନଂ.: (୧୭୧/୧୯) ୫୭୯, କ୍ଷେତ୍ର: ଏକର୦.୦୯୫ଡିସିମିଲି ଏବଂ ପ୍ଲଟ୍ ନଂ.: ୪/୩୩୬/୭୪୮, ଖାତା ନଂ.: ୧୭୧/୧୦୩, କ୍ଷେତ୍ର: ଏକର୦.୦୧୬ଡିସିମିଲି, କିସମ: ଘରବାରୀ | ୩୦.୦୬.୨୦୧୯ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୨୫,୫୫,୩୬୨/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୧.୦୨.୨୦୧୯ | ଟ.୨,୮୧,୩୬,୦୦୦/-<br>ଟ.୨୮,୧୩,୬୦୦/-<br>ଟ.୨୫,୦୦୦/- |
| ୨. | **ଋଣଗ୍ରହୀତା: ମେସର୍ସ ବିକାଶ, ସ୍ୱତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ସା.: ମାଝିଡେରା ଷ୍ଟ୍ରିଟ୍, ପୋ.: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ / **ସ୍ୱତ୍ୱାଧିକାରୀ: ଶ୍ରୀ ଭି. ବିକାଶ ରାଜୁ,** ମାର୍ଫତ: ଶ୍ରୀ କେ. ନାଗେଶ୍ୱର ପାତ୍ର, ଓଲ୍ଡ ମାର୍କେଟ ଷ୍ଟ୍ରିଟ୍, ୱାର୍ଡ ନଂ.: ୪, ପୋ.: ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୨୬ / **ଜାମିନ୍‌ଦାର: ଶ୍ରୀ ଭି. ସୋମେଶ୍ୱର ରାଜୁ,** ସା.: ମାଝିଡେରା ଷ୍ଟ୍ରିଟ୍, ପୋ.: ପାତ୍ରପୁର, ଭାୟା: ଜରଡ଼ା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୪ | **୧) ଶ୍ରୀ ଭି. ସୋମେଶ୍ୱର ରାଜୁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ପାତ୍ରପୁର, ତହସିଲ: ପାତ୍ରପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୩୫୪/୮୫୬, ପ୍ଲଟ୍ ନଂ.: ୧୬୯୬, କ୍ଷେତ୍ର: ଏକର୦.୦୨୨ଡିସିମିଲି, କିସମ: ଘରବାରୀ<br>**୨) ଶ୍ରୀ ଭି. ବିକାଶ ରାଜୁଙ୍କ** ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ରାମଚନ୍ଦ୍ରପୁର, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଖାତା ନଂ.: ୧୬୫/୪୪୧, ପ୍ଲଟ୍ ନଂ.: ୪୮୬/୨୭୨୮, କ୍ଷେତ୍ର: ଏକର୦.୧୦୫ଡିସିମିଲି, କିସମ: ଘରବାରୀ | ୩୧.୦୩.୨୦୧୯ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୫୦,୬୮୬୦୯/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୩.୦୪.୨୦୧୯ | ଟ.୩୨,୨୬,୦୦୦/-<br>ଟ.୩,୨୨,୬୦୦/-<br>ଟ.୨୫,୦୦୦/-<br>ଟ.୬୭,୮୧,୦୦୦/-<br>ଟ.୬,୭୮,୧୦୦/-<br>ଟ.୨୫,୦୦୦/- |
| ୩. | **ଋଣଗ୍ରହୀତା: ମେସର୍ସ ନେକ୍ସାରସ୍ ଫୁଡ୍ସ ପ୍ରା. ଲିଃ.,** ପ୍ଲଟ୍ ନଂ.: ୧୦୦୨/୨୪୩୦, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ସ୍ୱପ୍ନେଶ୍ୱର ମନ୍ଦିର ନିକଟ, ଭୁବନେଶ୍ୱର-୭୫୧୦୧୫, **ନିର୍ଦ୍ଦେଶକମାନେ: ୧) ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆର,** ସ୍ୱାମୀ: ଶ୍ରୀ ଜୟନାରାୟଣ ପୂଜାପଣ୍ଡା, **୨) ଶ୍ରୀ ଜୟନାରାୟଣ ପୂଜାପଣ୍ଡା,** ଉଭୟଙ୍କ ଠିକଣା ଫ୍ଲାଟ୍ ନଂ.: ୯୦୩, ୯ମ ମହଲା, ଟାୱାର-୧, ଜେଡ୍-୧, ସା.: କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ବିଭାସ ରଞ୍ଜନ,** ଫ୍ଲାଟ୍ ନଂ.: ୧୦୦୨, ୧୦ମ ମହଲା, ଟାୱାର-୩, ଜେଡ୍-୧, ସା.: କଳାରାହାଙ୍ଗ, ଭୁବନେଶ୍ୱର-୭୫୧୦୨୪ | **ଶ୍ରୀମତୀ ରାଜଲକ୍ଷ୍ମୀ ମହାସୁଆରଙ୍କ** ନାମରେ ଥିବା ଖୋଲା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ହରେକୃଷ୍ଣପୁର, ତହସିଲ/ଜିଲ୍ଲା: ପୁରୀ, ଖାତା ନଂ.: ୭୦୪/୧୪୨, ପ୍ଲଟ୍ ନଂ.: ୩୧୪/୨୫୧୧, କ୍ଷେତ୍ର: ଏକର୦.୧୫୧ ଡିସିମିଲି, କିସମ: ଘରବାରି | ୧୦.୧୨.୨୦୧୮ ପର୍ଯ୍ୟନ୍ତ ସୁଧ ସହିତ ଟ.୪,୬୨,୨୧,୧୪୫.୧୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୨.୧୨.୨୦୧୮ | ଟ.୪୧,୪୪,୦୦୦/-<br>ଟ.୪,୧୪,୪୦୦/-<br>ଟ.୨୫,୦୦୦/- |
| ୪. | **ଋଣଗ୍ରହୀତା: ମେସର୍ସ ରୋଜାଲାନା ଫିଡ୍ସ (ପ୍ରା.) ଲିଃ. / ଜାମିନ୍‌ଦାରମାନେ: ୧) ଶ୍ରୀ ବୀରକିଶୋର ପଟ୍ଟନାୟକ,** ପିତା: ଶ୍ରୀ ଗିରିଧାରୀ ପ୍ରତାପ, **୨) ଶ୍ରୀ ଭକ୍ତ ବନ୍ଧୁ ପଟ୍ଟନାୟକ,** ପିତା: ଯୋଗେନ୍ଦ୍ର ପଟ୍ଟନାୟକ, **୩) ଶ୍ରୀମତୀ ରୋଜାଲାନା ପଟ୍ଟନାୟକ,** ସ୍ୱାମୀ: ଭକ୍ତବନ୍ଧୁ ପଟ୍ଟନାୟକ, ସମସ୍ତଙ୍କ ଠିକଣା ସା.: ବିଶ୍ରାମ ନଗର, ଲିଙ୍କ୍ ରୋଡ୍, କଟକ-୭୫୩୦୧୨ | **ଶ୍ରୀ ଭକ୍ତ ବନ୍ଧୁ ପଟ୍ଟନାୟକଙ୍କ** ନାମରେ ଥିବା ଖୋଲା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର ୟୁନିଟ୍ ନଂ. ୩୮, ଥାନା: ମଧୁପାଟଣା, ତହସିଲ/ଜିଲ୍ଲା: କଟକ, ଖାତା ନଂ.: ୫୨୭/୧୫୦, ପ୍ଲଟ୍ ନଂ.: ୧୨୦୭/୧୫୬୪, କ୍ଷେତ୍ର: ଏକର ୦.୦୬୦ଡିସିମିଲି | ୨୨.୧୦.୨୦୧୦ ପର୍ଯ୍ୟନ୍ତ ସୁଧ ସହିତ ଟ.୭୬,୭୩,୪୫୩/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୨୩.୧୦.୨୦୧୦ | ଟ.୩୫,୫୫,୦୦୦/-<br>ଟ.୩,୫୫,୫୦୦/-<br>ଟ.୨୫,୦୦୦/- |
| ୫. | **ଋଣଗ୍ରହୀତା: ଶ୍ରୀମତୀ ସୁଜାତା ପ୍ରିୟଦର୍ଶିନୀ ବାରିକ,** ପିତା: ଗୋକୁଳ ଚନ୍ଦ୍ର ବାରିକ / **ଜାମିନ୍‌ଦାରମାନେ: ୧) ଶ୍ରୀ ଗୋକୁଳ ଚନ୍ଦ୍ର ବାରିକ, ୨) ଶ୍ରୀ ସଞ୍ଜିବ କୁମାର ବାରିକ, ୩) ଶ୍ରୀ ସଞ୍ଜୟ କୁମାର ବାରିକ, ୪) ଶ୍ରୀମତୀ ପ୍ରଭଦା ପ୍ରିୟଦର୍ଶିନୀ ବାରିକ, ୫) ଶ୍ରୀମତୀ ସଂଯୁକ୍ତା ପ୍ରିୟଦର୍ଶିନୀ ବାରିକ, ୬) ଶ୍ରୀ ସ୍ୱର୍ଣ୍ଣଭାନୁ ବାରିକ,** ସମସ୍ତଙ୍କ ଠିକଣା ସା.: ଗୌଡ଼ପାଟଣା, ପୋ.: ଆଳି, ଜିଲ୍ଲା: କେନ୍ଦ୍ରାପଡା-୭୫୪୨୧୯ | ୪ **ଭାରତୀ ବାରିକଙ୍କ** ନାମରେ ଥିବା ଖୋଲା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଗୌଡ଼ପାଟଣା, ତହସିଲ/ଥାନା: ଆଳି, ଜିଲ୍ଲା: କେନ୍ଦ୍ରାପଡା, ଖାତା ନଂ.: ୧୪୬, ପ୍ଲଟ୍ ନଂ.: ୪୫୨, କ୍ଷେତ୍ର: ଏକର୦.୮୮ଡିସିମିଲି, କିସମ: ଘରବାରି, ଏହାର ଚଉହଦିପାର୍ଶ୍ୱରେ- ପୂର୍ବ: ଗ୍ରାମ୍ୟ ରାସ୍ତା, ପଶ୍ଚିମ: ନିଜସ୍ୱ, ଉତ୍ତର: ଗୋବିନ୍ଦ ବାରିକ, ଦକ୍ଷିଣ: ରାମ ପରିଡ଼ା | ୧୫.୧୨.୨୦୧୭ ପର୍ଯ୍ୟନ୍ତ ସୁଧ ସହିତ ଟ.୨୫,୪୫,୨୯୩.୪୩ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୧୫.୧୨.୨୦୧୭ | ଟ.୫୫,୬୬,୦୦୦/-<br>ଟ.୫,୫୬,୬୦୦/-<br>ଟ.୨୫,୦୦୦/- |
| ୬. | **ଋଣଗ୍ରହୀତା: ଶ୍ରୀ ପ୍ରଦୀପ କୁମାର ଦାସ,** ପିତା: ଶ୍ରୀ ଗଗନ ବିହାରୀ ଦାସ, ଫ୍ଲାଟ୍ ନଂ.: ୨୦୩, ସୁପ୍ରତୀକ ହାରମୋନୀ, ପ୍ଲଟ୍ ନଂ.: ସି/୬, ବିଜେବି ନଗର, ପାରାମାଉଣ୍ଟ କ୍ଲବ୍ ନିକଟ, ଭୁବନେଶ୍ୱର-୭୫୧୦୧୪ | "ସୁପ୍ରତିକ ହାରମୋନୀ" ନାମକ ଆପାର୍ଟମେଣ୍ଟରେ **ଶ୍ରୀ ପ୍ରଦୀପ କୁମାର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୨୦୩, ୩ୟ ମହଲା ସହିତ କାର ପାର୍କିଂ ଗ୍ୟାରେଜ, ସୁପର ବିଲ୍ଟ ଅପ୍ ଏରିଆ: ୧୪୧୭ ବର୍ଗଫୁଟ, ଅବିଭକ୍ତ ଜମିର ଆନୁପାତିକ ଅଂଶ ଯାହାର କ୍ଷେତ୍ର: ଏକର୦.୧୨.୫୦ଡିସିମିଲି, ମୌଜା: ବିଜେବି ନଗର ୟୁନିଟ୍-୯, ଖାତା ନଂ.: ୬୬/୧୮୭, ପ୍ଲଟ୍ ନଂ.: ୧୧୩ | ୧୪.୧୧.୨୦୧୮ ପର୍ଯ୍ୟନ୍ତ ସୁଧ ସହିତ ଟ.୫୫,୬୪,୮୮୧/- ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି/ ୧୪.୧୧.୨୦୧୮ | ଟ.୫୩,୭୬,୦୦୦/-<br>ଟ.୫,୩୭,୬୦୦/-<br>ଟ.୨୫,୦୦୦/- |

**ସମ୍ପତ୍ତିଗୁଡିକ ତନଖି କରିବାର ତାରିଖ ଓ ସମୟ: ତା.୨୫.୦୩.୨୦୨୧ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ**

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଅନୁଯାୟୀ ପରବର୍ତ୍ତି ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ:
www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ:
କ୍ର.ନଂ. ୧ ଏବଂ ୨ ନିମନ୍ତେ: ଚନ୍ଦନ କୁମାର ମହଲା (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୭୫୦୬୨୪୫୩୩୯ ଏବଂ
କ୍ର.ନଂ. ୩, ୪, ୫ ଏବଂ ୬ ନିମନ୍ତେ: ସୁକାନ୍ତ କୁମାର ଗିରି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୮୬୫୮୫୬୨୧୧୩

ତାରିଖ : ୧୫.୦୩.୨୦୨୧
ସ୍ଥାନ : ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# କମୁଛି କେନ୍ଦ୍ରୀୟ ଅନୁଦାନ

- ରାଜକୋଷ ଉପରେ ବଢ଼ୁଛି ଚାପ
- ମିଳିନି ୩୫ ହଜାର କୋଟି

ଭୁବନେଶ୍ୱର,୧୫।୩(ବ୍ୟୁରୋ)

କରୋନା ମହାମାରୀ ରାଜ୍ୟର ଅର୍ଥ ବ୍ୟବସ୍ଥାକୁ ବରବାଦ କରିଦେଇଛି। ରାଜସ୍ୱ ହ୍ରାସ ପାଇବା ସାଙ୍ଗକୁ ଖର୍ଚ୍ଚ ବଢ଼ିଚାଲିଛି। ଏପରିସ୍ଥଳେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇ ଚାଲିଥିବାରୁ ରାଜ୍ୟ ରାଜକୋଷ ଉପରେ ଚାପ ବଢ଼ିଚାଲିଛି। ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁଯାୟୀ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦରେ ୩୫,୦୯୬ କୋଟି ଟଙ୍କା ରାଜ୍ୟକୁ ହରାଇବାକୁ ପଡ଼ିଛି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସୋମବାର ବିଧାନସଭାରେ ଏହ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ବାବଦକୁ ଜାନୁୟାରୀ ଶେଷ ସୁଦ୍ଧା ୧୮,୯୨୬ କୋଟି ୭୭ ଲକ୍ଷ ଟଙ୍କା ମିଳିଛି, ଯାହାକି ପୂର୍ବ ବର୍ଷର ଏହି ସମୟ ମଧ୍ୟରେ ମିଳିଥିବା ଅନୁଦାନରୁ ପ୍ରାୟ ୨୪% କମ୍।

କରୋନା ପ୍ରଭାବରୁ ଜିଏସ୍‌ଟି ସଂଗ୍ରହରେ ମଧ୍ୟ ଶିଥିଳତା ଦେଖାଦେଇଛି। ରାଜ୍ୟର ସୁନିଶ୍ଚିତ ରାଜସ୍ୱ (ପ୍ରୋଟେକ୍ଟେଡ ରେଭେନ୍ୟୁ) ପରିମାଣରେ ବୃଦ୍ଧି , କେନ୍ଦ୍ରୀୟ ପୁଲ୍‌ରେ ଦ୍ରବ୍ୟ ଓ ସେବା ଟିକସ(ଜିଏସ୍‌ଟି) ପରିମାଣରେ ବୃଦ୍ଧି ଓ କେନ୍ଦ୍ରୀୟ ପୁଲ୍‌ରେ ଜିଏସ୍‌ଟି ପ୍ରାପ୍ତିର ପରିମାଣ ହ୍ରାସ ପାଉଥିବାରୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଜିଏସ୍‌ଟି ପ୍ରଚଳନ ଯୋଗୁ କ୍ଷତି ଭରଣା ପାଇଁ ସ୍ପେଶାଲ ୱିଣ୍ଡୋ ମାଧ୍ୟମରେ ଋଣ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଚଳିତ ଆର୍ଥିକ ବର୍ଷ ପାଇଁ ରାଜ୍ୟକୁ ଏ ବାବଦରେ ୩,୮୨୨ କୋଟି ଟଙ୍କା ଋଣ ପ୍ରଦାନ କରିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାବେଳେ କେନ୍ଦ୍ର ସରକାରଙ୍କଠାରୁ ଏପର୍ଯ୍ୟନ୍ତ ୩,୮୧୪ କୋଟି ୬୭ ଲକ୍ଷ ଟଙ୍କା ମିଳିଛି।

ଚତୁର୍ଦ୍ଦଶ ଅର୍ଥ କମିଶନ ୨୦୧୫-୧୬ରୁ ୨୦୧୯-୨୦ ଆର୍ଥିକ ବର୍ଷ ମଧ୍ୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ, ସ୍ଥାନୀୟ ନିକାୟଙ୍କ ପାଇଁ ଅନୁଦାନ ଏବଂ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରେ ଓଡ଼ିଶାକୁ ମୋଟ ୧,୯୮,୪୧୨ କୋଟି ଟଙ୍କା ସୁପାରିସ କରିଛନ୍ତି। ସେଥିରୁ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ୧,୬୧,୮୪୭ କୋଟି ଟଙ୍କା ମିଳିଥିବାବେଳେ ଆହୁରି ୩୬ ହଜାର କୋଟି ଟଙ୍କା ମିଳିନାହିଁ। ସେଥିରୁ କେବଳ କେନ୍ଦ୍ରୀୟ ଟିକସ ବାବଦରେ ୧,୮୪,୦୭୦ କୋଟି ଟଙ୍କାରୁ ୧,୪୮,୯୭୪ କୋଟି ମିଳିଥିବାବେଳେ ୩୫ ହଜାର ୯୬ କୋଟି ଟଙ୍କା ଏବେ ସୁଦ୍ଧା ପାଇବାକୁ ବାକି ରହିଛି। ସେହିପରି ଗ୍ରାମପଞ୍ଚାୟତ ପାଇଁ ୫୧୫ କୋଟି, ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାର ମୌଳିକ ଅନୁଦାନ ବାବଦରେ ୪୭ କୋଟି ଓ ସମ୍ପାଦନଭିତ୍ତିକ ଅନୁଦାନ ବାବଦରେ ୨୮୭ କୋଟି ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି (ଏସ୍‌ଡିଆର୍‌ଏଫ୍)ବାବଦରେ ୬୨୦ କୋଟି ଟଙ୍କା ବାକିରହିଛି।୨୦୧୫-୧୬ରୁ୨୦୧୯-୨୦ମଧ୍ୟରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସ ବାବଦରେ ୩୬,୫୬୫ କୋଟି ଟଙ୍କା ହରାଇବାକୁ ପଡିଛି। ଏହି ସମୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶଧନ ବାବଦକୁ ୩୫,୦୯୬ କୋଟି ଟଙ୍କା ମିଳି ନାହିଁ।

କେନ୍ଦ୍ର ସରକାର ଅନେକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାର କେନ୍ଦ୍ର ଅଂଶ ଓ ରାଜ୍ୟ ଅଂଶ ଅନୁପାତକୁ ୭୫:୨୫ରୁ ୬୦:୪୦କୁ ହ୍ରାସ କରିଛନ୍ତି । ଫଳରେ ପ୍ରତ୍ୟେକ ଯୋଜନାରେ ରାଜ୍ୟ ଅଂଶ ୧୫% ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଭଳି କେତେକ ଯୋଜନାରେ ଶତ ପ୍ରତିଶତ କେନ୍ଦ୍ରୀୟ ସହାୟତା ହ୍ରାସ ପାଇ ୬୦%ରେ ସୀମିତ ରହିଛି। ଏସବୁ କାରଣରୁ ରାଜ୍ୟକୁ ଅତିରିକ୍ତ ଆର୍ଥିକ ବୋଝ ବୋହିବାକୁ ପଡୁଛି ବୋଲି ମନ୍ତ୍ରୀ କହିଛନ୍ତି। କେବଳ ସେତିକି ନୁହେଁ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମଧ୍ୟ କେନ୍ଦ୍ରୀୟ ଅନୁଦାନ କମିଶନଙ୍କ ସୁପାରିସ ଅନୁଯାୟୀ ମିଳୁନାହିଁ। ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ କ୍ରମେ ଏସ୍‌ଡିଆର୍‌ଏଫ୍‌କୁ କେନ୍ଦ୍ର ଓ ରାଜ୍ୟ ଅଂଶଧନ ଯଥାକ୍ରମେ ୯୦:୧୦ ପ୍ରତିଶତ ହେବାର ଥିଲା। କିନ୍ତୁ କେନ୍ଦ୍ର ସରକାର ଏହି ଅଂଶ ଢାଞ୍ଚାରେ ପରିବର୍ତ୍ତନ କରି ଜିଏସ୍‌ଟି ଲାଗୁ ହେବା ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଧାରିତ ଅନୁପାତ ଅନୁସାରେ କେନ୍ଦ୍ର ଓ ରାଜ୍ୟ ଅଂଶ ଯଥାକ୍ରମେ ୭୫ ଓ ୨୫ ପ୍ରତିଶତରେ ରଖିଛନ୍ତି। ୨୦୧୭ ଜୁଲାଇ ପହିଲାରୁ ଜିଏସ୍‌ଟି ଲାଗୁ ହେବା ପରେ କେନ୍ଦ୍ର ସରକାର ୨୦୧୮-୧୯ ଆର୍ଥିକ ବର୍ଷରେ ଏସ୍‌ଡିଆର୍‌ଏଫ୍‌ରେ କେନ୍ଦ୍ର ଅଂଶ ୯୦ ପ୍ରତିଶତ ହିସାବରେ ପ୍ରଦାନ କରିଥିଲେ। ଏହି ଅଂଶଧନ ୭୫ରୁ ୯୦ ପ୍ରତିଶତକୁ ବୃଦ୍ଧି ହେବା ଫଳରେ କେନ୍ଦ୍ର ସରକାର ୨୦୧୮-୧୯ରେ ୧୯୬୦ କୋଟି ଓ ୨୦୧୯-୨୦ରେ ୧୭୩୫ କୋଟି ଟଙ୍କାର ଅତିରିକ୍ତ ବୋଝ ବହନ କରିଥିଲେ ବୋଲି ଦର୍ଶାଇଲେ। ଫଳରେ ପରବର୍ତ୍ତୀ ସମୟରେ ଉକ୍ତ ଅର୍ଥକୁ କାଟି ଦେଇଛନ୍ତି। ଏଥିଯୋଗୁ ୨୦୧୬-୧୭ରୁ ୨୦୧୯-୨୦ ମଧ୍ୟରେ ଏସ୍‌ଡିଆର୍‌ଏଫ୍ ବାବଦକୁ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିସଠାରୁ ୬୨୦ କୋଟି ୫୦ ଲକ୍ଷ ଟଙ୍କା କମ୍ ମିଳିଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

# ୨୦ ବର୍ଷରେ ୨୪ ତଦନ୍ତ କମିଶନ

**ବିଧାନସଭାରେ ଉପସ୍ଥାପନ ହୋଇଛି ୧୩ ରିପୋର୍ଟ**

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଗତ ୨୦ ବର୍ଷରେ ରାଜ୍ୟ ସରକାର ବିଭିନ୍ନ ଘଟଣାର ତଦନ୍ତ କରିବାକୁ ୨୪ଟି ତଦନ୍ତ କମିଶନ ବସାଇଛନ୍ତି। ସେଥିରୁ ୮ଟି ତଦନ୍ତ ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହେବାକୁ ବାକି ରହିଛି। ବିଧାୟକ ନାଉରୀ ନାୟକଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ୨୦୦୦ରୁ ଏ ପର୍ଯ୍ୟନ୍ତ ରାଜ୍ୟ ସରକାର ୨୪ଟି ତଦନ୍ତ କମିଶନ ଗଠନ କରିଛନ୍ତି। ସେଥିରେ ଗୁଡୁଗୁମାହା ପୋଲିସ ଗୁଳିବିନିମୟ, ଚିଟ୍‌ଫଣ୍ଡ ଦୁର୍ନୀତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ, ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣା ଇତ୍ୟାଦି ରହିଛି। ୨୪ ତଦନ୍ତ କମିଶନଙ୍କ ମଧ୍ୟରୁ ୧୩ଟି ବିଧାନସଭାରେ ଉପସ୍ଥାପିତ ହୋଇଥିବା ବେଳେ ୩ଟି କମିଶନ ରିପୋର୍ଟ ଉପସ୍ଥାପନ କରିବା ପୂର୍ବରୁ ବନ୍ଦ ହୋଇଯାଇଛି। ୨୦୦୧ରେ ପୁରୀ ବାର ଆସୋସିଏଶନ ଓ ପୋଲିସ ମଧ୍ୟରେ ହୋଇଥିବା ବିବାଦ, ନବରଙ୍ଗପୁର ଜିଲାର ରଙ୍ଗଭାଟି ଓ ରାଇଘର ଗ୍ରାମରେ ହୋଇଥିବା ପୋଲିସ ଗୁଳି ବିନିମୟ ଏବଂ ୨୦୦୯ରେ ଢେଙ୍କାନାଳ ଜିଲାର ଭୁବନରେ ହୋଇଥିବା ପୋଲିସ ଗୁଳିକାଣ୍ଡର ତଦନ୍ତକୁ ବନ୍ଦ କରି ଦିଆଯାଇଛି। ସେହିପରି ୨୦୦୭ କନ୍ଧମାଳ ଦଙ୍ଗା, ୨୦୧୧ରେ ହୋଇଥିବା ପିପିଲି ଗଣବଳାତ୍କାର ମାମଲା, ୨୦୧୬ରେ ହୋଇଥିବା ଗୁମୁଡୁମାହା ପୋଲିସ ଗୁଳିକାଣ୍ଡ ଘଟଣା, ୨୦୧୬ରେ ହୋଇଥିବା ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ଏବଂ ରତ୍ନଭଣ୍ଡାର ଚାବି ହଜିବା ଘଟଟଣାର ରିପୋର୍ଟକୁ ସରକାର ତର୍ଜମା କରୁଥିବା ମନ୍ତ୍ରୀ କହିଛନ୍ତି।

# ଘରୋଇ ହସ୍ପିଟାଲ ନେଇଛନ୍ତି ୩୪୫ କୋଟି

**କୋଭିଡ୍-୧୯ ଚିକିତ୍ସା ଖର୍ଚ୍ଚ**

- କୋଭିଡ୍‌ରେ ୧୯୧୦ ମୃତ
- କିମ୍ସ ୫୯, ସମ୍ ୫୮ କୋଟି
- ରୋଗୀଙ୍କ ପିଛା ୧୬ ହଜାର ଖର୍ଚ୍ଚ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୩୩ଟି କୋଭିଡ୍-୧୯ ଘରୋଇ ହସ୍ପିଟାଲକୁ ୩୪୪.୫୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, କରୋନା ରୋଗୀଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ୩୦ଟି ସରକାରୀ ହସ୍ପିଟାଲ ସହିତ ୩୩ ଘରୋଇ ହସ୍ପିଟାଲକୁ ଅନୁବନ୍ଧିତ କରିଥିଲେ। କୋଭିଡ୍ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବାବଦରେ ଘରୋଇ ହସ୍ପିଟାଲଗୁଡ଼ିକ ୪୭୯.୯୦ କୋଟି ଟଙ୍କାର ବିଲ୍ ପଇଠ କରିଥିଲେ। ସେଥିରୁ ସରକାର ୩୪୪.୫୫କୋଟି ଟଙ୍କା ପ୍ରଦାନ କରିଛନ୍ତି। ଘରୋଇ ହସ୍ପିଟାଲଗୁଡିକ ମଧ୍ୟରୁ କିମ୍ସ ସର୍ବାଧିକ ୫୯.୪୧ କୋଟି ଟଙ୍କା ବିଲ୍ ଦେଇଥିବା ବେଳେ ସମ୍ ହସ୍ପିଟାଲ ୫୮.୫୯ କୋଟି ଦାବି କରିଥିଲେ। ସେଥିରୁ ରାଜ୍ୟ ସରକାର କିମ୍ସକୁ ୩୮.୪୦ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ସମ୍‌କୁ ୨୮ କୋଟି ଟଙ୍କା ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ହାଇଟେକ୍ ମେଡିକାଲ କଲେଜକୁ ୩୩.୩୮ କୋଟି, କଟକ ସ୍ଥିତ ଅଶ୍ୱିନୀ ହସ୍ପିଟାଲକୁ ୨୭.୬୬ କୋଟି, ଯାଜପୁର ଡୁବୁରିସ୍ଥିତ ଟାଟା ହସ୍ପିଟାଲକୁ ୨୪.୦୨ କୋଟି, ଭୁବନେଶ୍ୱର ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲକୁ ୧୮.୨୮ କୋଟି, କେନ୍ଦ୍ରାପଡ଼ା ଛତାହାଟ କୋଭିଡ୍ ହେଲ୍‌ଥ କେୟାର ସେଣ୍ଟରକୁ ୧୩.୪୫ କୋଟି, ଭୁବନେଶ୍ୱର ସ୍ଥିତ ନୀଳାଚଳ ହସ୍ପିଟାଲକୁ ୧୨.୧୮ କୋଟି, ବ୍ଲୁ ହ୍ୱିଲ ହସ୍ପିଟାଲକୁ ୬.୪୭ କୋଟି ଏବଂ କେନ୍ଦୁଝର ଯୋଡା ଟାଟା ହସ୍ପିଟାଲକୁ ୬୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ୨୦୨୧ ଫେବୃୟାରୀ ୧୩ ସୁଦ୍ଧା ୮୦ ଲକ୍ଷ ୨୩ ହଜାର ୯୭୮ ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଥିଲା। ସେଥି ମଧ୍ୟରୁ ୩ ଲକ୍ଷ ୩୬ ହଜାର ୧୭୪ ଜଣ କୋଭିଡ୍ ପଜିଟିଭ ଚିହ୍ନଟ ହୋଇଥିଲେ। ୧୯୧୦ ଜଣ କରୋନା ରୋଗୀଙ୍କର ମୃତ୍ୟୁ ହୋଇଛି। ଏହି ସମୟ ସୁଦ୍ଧା ୧୬ ଲକ୍ଷ ୯୭ ହଜାର ୨୩୪ ଜଣଙ୍କର ଆର୍‌ଟି-ପିସିଆର୍ ଓ ୬୨ ଲକ୍ଷ ୯୯ ହଜାର ୭୧୬ ଜଣଙ୍କର ଆଣ୍ଟିଜେନ୍ ଟେଷ୍ଟ କରାଯାଇଛି। ସେଥିମଧ୍ୟରୁ ୩,୩୩,୪୫୧ ଜଣ ସୁସ୍ଥ ହୋଇଛନ୍ତି। ନକଲି ନାମ, ମିଥ୍ୟା ମୋବାଇଲ ନମ୍ବର ଦେଇ ସୁସ୍ଥ ଲୋକଙ୍କୁ ପଜିଟିଭ ଦର୍ଶାଇ ରୋଗୀସଂଖ୍ୟା ବଢ଼ାଇ ଅର୍ଥ ହଡ଼ପ କରିବା, ଜବରଦସ୍ତ ଟେଷ୍ଟିଂ ପାଇଁ ଲୋକଙ୍କୁ ନେବା, ଭୁଲ୍ ରିପୋର୍ଟ ଦେଇ କ୍ୱାରାଣ୍ଟାଇନରେ ରଖିବା, ମିଥ୍ୟା ଟେଷ୍ଟିଂ ରିପୋର୍ଟ ଦେଇ ବିଲ୍ କରିବା ଭଳି କୌଣସି ଅଭିଯୋଗ ସରକାରଙ୍କ ହସ୍ତଗତ ହୋଇ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି କଂଗ୍ରେସ ସଭ୍ୟ ମହମ୍ମଦ ମୋକିମ ପଚାରିଥିବା ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, କଟକ ମହାନଗର ନିଗମ ଅଞ୍ଚଳରେ କୋଭିଡ୍ ଆକ୍ରାନ୍ତଙ୍କ ପିଛା ୧୬,୨୭୯ ଟଙ୍କା ୩୨ ପଇସା ଖର୍ଚ୍ଚ ହୋଇଛି। ଏ ବାବଦରେ ଘରୋଇ ହସ୍ପିଟାଲଗୁଡ଼ିକୁ ଏ ପର୍ଯ୍ୟନ୍ତ ୨୪,୮୬,୧୬,୧୧୪ ଟଙ୍କା ପ୍ରଦାନ କରାଯାଇଛି। କଟକ ମହାନଗର ନିଗମକୁ ୨୬,୭୪,୫୨,୮୬୮ କୋଟି ଟଙ୍କା ପ୍ରଦାନ କରାଯାଇଛି।



ଧାନ ପ୍ରସଙ୍ଗ ଓ ବିଧାୟକଙ୍କ କ୍ଷମା ପ୍ରାର୍ଥନାକୁ ନେଇ ଗୃହରେ ଶାସକ ଓ ବିରୋଧୀ ଦଳ ସଦସ୍ୟଙ୍କ ମଧ୍ୟରେ ହଟ୍ଟଗୋଳ।




କରୋନା ମହାମାରୀ ପରଠୁ ବନ୍ଦ ହୋଇପଡିଥିବା ଦୋଳି ଓ ମୀନାବଜାରକୁ ଖୋଲିବା ଦାବିରେ ଦୋଳି ମୀନାବଜାର ମହାସଂଘ ଓଡ଼ିଶା ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅଭିନବ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଭିଜିଲାନ୍ସ ଜାଲରେ ୫୬୨ ସରକାରୀ ଅଧିକାରୀ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଗତ ୬ ବର୍ଷ ମଧ୍ୟରେ ଦୁର୍ନୀତିରେ ଲିପ୍ତ ଥିବା ୫୬୨ ଜଣ ସରକାରୀ ଅଧିକାରୀ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବିଜେଡି ସଭ୍ୟ ଆଦିତ୍ୟ ମାଢ଼ୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫୬୨ କର୍ମଚାରୀଙ୍କ ବିରୋଧରେ ୫୪୧ ଭିଜିଲାନ୍ସ ମାମଲା ରୁଜୁ ହୋଇଛି। ଏହି ସବୁ ମାମଲାରେ ଭିଜିଲାନ୍ସ ୬୨୬.୨୩ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରିଛି। ୧୪ ଜଣଙ୍କ ବିରୋଧରେ ଭିଜିଲାନ୍ସ ଚାର୍ଜଶିଟ ଦାଖଲ କରିଥିବା ବେଳେ ୫ ଜଣଙ୍କର ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିଛି। ୫୪୩ ଜଣଙ୍କ ବିରୋଧରେ ୫୨୨ଟି ମାମଲା ଚାଲୁ ରହିଛି। ତେବେ ୩୪୪ ଜଣଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ନରସିଂହ

**ବିଧାନସଭା ଅଚଳାବସ୍ଥା**

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଧାନକିଣା ଓ ଭାଜପା ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମ ପ୍ରସଙ୍ଗକୁ ନେଇ ଗତ ୩ ଦିନ ଧରି ବିଧାନସଭା ଅଚଳ ହୋଇଛି। ଏହି ଅଚଳାବସ୍ଥା ଦୂର କରିବାକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ଏନେଇ ସେ ସୋମବାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ନରସିଂହ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟରେ ମଣ୍ଡି ଓ ଧାନକିଣା ଅବ୍ୟବସ୍ଥାକୁ ନେଇ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭରୁ ଅଚଳାବସ୍ଥା ସୃଷ୍ଟି ହୋଇଛି। ସମସ୍ତ ପ୍ରକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ କଂଗ୍ରେସ ଦଳ ଦାବି କରିଆସୁଛି। ରାଜ୍ୟ ସରକାର ମଧ୍ୟ ସମସ୍ତ ଚାଷୀଙ୍କଠାରୁ ଧାନ କିଣିବାକୁ ୨୦୨୧ ଫେବୃୟାରୀ ୨୬ରେ ଗୃହକୁ ପ୍ରତିଶ୍ରୁତି ଦେଇଥିଲେ। ବେନାମୀ ଚାଷୀ ଓ ଦୁର୍ନୀତିରେ ଜଡ଼ିତ ଥିବା ସରକାରୀ ଅଧିକାରୀଙ୍କ ବିରୋଧରେ ଫୌଜଦାରି ମକଦ୍ଦମା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୃହରେ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଧାନକିଣାକୁ ନେଇ ଜଣେ ବିଧାୟକ ଗୃହରେ ସାନିଟାଇଜର ପିଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଛନ୍ତି। ସମ୍ପୃକ୍ତ ବିଧାୟକଙ୍କୁ କ୍ଷମା ମାଗିବା ଦାବିରେ ଶାସକ ଦଳ ଗୃହରେ ହଟ୍ଟଗୋଳ କରୁଛନ୍ତି। ଫଳରେ ଚାଷୀଙ୍କ ସମସ୍ୟା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ନ ହୋଇ ଅଣଦେଖା ହେଉଛି। ଗୃହର ନେତା ଭାବେ ରାଜ୍ୟର ସ୍ୱାର୍ଥ ପାଇଁ ବିଧାନସଭାରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବାକୁ ସର୍ବଦଳୀୟ ବୈଠକ ଡାକିବାକୁ ନରସିଂହ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ବିଜୁ ଜୟନ୍ତୀ ପାଳିଲା ଦିଲ୍ଲୀ ଫ୍ଲାଇଂ କ୍ଲବ

- ବିଜୁ ଜୟନ୍ତୀକୁ କିମ୍ବଦନ୍ତୀ ଭାରତୀୟ ପାଇଲଟ୍ ଦିବସ ଭାବେ ପାଳନ କରିବ କ୍ଲବ
- ଜଣେ ଦକ୍ଷ ପାଇଲଟ୍‌ଙ୍କୁ ସମ୍ମାନିତ କରାଯିବ
- ବିଜୁବାବୁଙ୍କ ଟ୍ରେନିଂ ବିମାନ ଚାଳନାରେ ନୂଆ ଇତିହାସ ସୃଷ୍ଟି କରିଥିଲା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଦିଲ୍ଲୀ ଫ୍ଲାଇଂ କ୍ଲବ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ୧୫୦ତମ ଜୟନ୍ତୀ ସୋମବାର ନୂଆଦିଲ୍ଲୀଠାରେ ପାଳନ କରାଯାଇଛି। ଦେଶର ବିମାନଚାଳନା କ୍ଷେତ୍ରରେ ବିଜୁବାବୁଙ୍କ ଅବଦାନକୁ ସ୍ମରଣୀୟ କରିବା ପାଇଁ ଦିଲ୍ଲୀ ଫ୍ଲାଇଂ କ୍ଲବ୍ ପ୍ରତିବର୍ଷ ତାଙ୍କ ଜନ୍ମ ଦିବସକୁ କିମ୍ବଦନ୍ତୀ ଭାରତୀୟ ପାଇଲଟ୍ ଦିବସ ଭାବେ ପାଳନ କରିବ। ଏହାସହ ଦେଶର ଜଣେ ଦକ୍ଷ ପାଇଲଟ୍‌ଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ବୋଲି କ୍ଲବ ସଭାପତି ବି.ବି.ଏଲ୍. ମଧୁକର ବିଜୁ ଜୟନ୍ତୀ ସମାରୋହରେ କହିଛନ୍ତି।

ବିଜୁବାବୁଙ୍କ ବ୍ୟକ୍ତିତ୍ୱର ସବୁଠାରୁ ବଳିଷ୍ଠ ଦିଗ ହେଉଛି ତାଙ୍କ ସାହସିକତା। ରାଜନୀତି ହେଉ କି ବିମାନଚାଳନା, ସବୁକ୍ଷେତ୍ରରେ ତାଙ୍କର ଅସୀମ ସାହସ ସବୁବେଳେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି। ଜଣେ ଦୁର୍ଦ୍ଧର୍ଷ ପାଇଲଟ୍ ଭାବେ ବିଜୁବାବୁ ଦେଶ ବିଦେଶରେ ସୁପରିଚିତ। ଇଣ୍ଡୋନେସିଆର ସ୍ୱାଧୀନତା ସଂଗ୍ରାମ ହେଉ କି ଜମ୍ମୁ-କଶ୍ମୀରରେ ପାକିସ୍ତାନୀ ସୈନ୍ୟଙ୍କ ଆକ୍ରମଣ, ସବୁକ୍ଷେତ୍ରରେ ସେ ତାଙ୍କର ଅଦମ୍ୟ ଦକ୍ଷତା ଓ ଅସାମାନ୍ୟ ସାହସର ପରିଚୟ ଦେଇଯାଇଛନ୍ତି ବୋଲି ବକ୍ତାମାନେ କହିଥିଲେ।

ସମାରୋହ ପାଇଁ ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଦିଲ୍ଲୀ ଫ୍ଲାଇଂ କ୍ଲବରେ ବିଜୁବାବୁଙ୍କ ପ୍ରଶିକ୍ଷଣ ଦେଶର ବିମାନ ଚାଳନା କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି କରିଥିଲା। ତାଙ୍କର ବିମାନ ଉଡ଼ାଣର କାହାଣୀ ଆଜି କିମ୍ବଦନ୍ତୀ ହୋଇ ଘରେ ଘରେ ତାଙ୍କ ସାହସିକତା ଓ ଦେଶଭକ୍ତିର କଥା ବର୍ଣ୍ଣନା କରୁଛି। ବିମାନ ଚାଳନା ପାଇଁ ପ୍ରବଳ ଆଗ୍ରହ ଥିବା ଯୋଗୁ ବିଜୁବାବୁ ୧୯୩୦ ଦଶକର ପ୍ରାରମ୍ଭରେ ଦିଲ୍ଲୀ ଫ୍ଲାଇଂ କ୍ଲବରେ ବିମାନ ଚାଳନା ପାଇଁ ପ୍ରଶିକ୍ଷଣ ଆରମ୍ଭ କରିଥିଲେ। ଇଗଲ ପରି ଉଚ୍ଚ ଆକାଶରେ ଉଡ଼ିବା ଏବଂ ଝଡ଼ ସହ ଲଢ଼ିବା ତାଙ୍କର ନିଶା ଥିଲା। ତାଙ୍କର ସେହି ସ୍ୱପ୍ନକୁ ଦିଲ୍ଲୀ ଫ୍ଲାଇଂ କ୍ଲବ ପୂରଣ କରିଥିଲା। ସେ ହେଉଛନ୍ତି ଏକମାତ୍ର ସଂଗ୍ରାମୀ, ଯିଏକି ୩ ଦେଶର ସ୍ୱାଧୀନତା ସଂଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପାଇଲଟ୍ ଭାବେ ବିଜୁବାବୁଙ୍କ ଗୌରବମୟ ଯାତ୍ରା ପାଇଁ ଦିଲ୍ଲୀ ଫ୍ଲାଇଂ କ୍ଲବର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଲବର ସଭାପତି ବି.ବି.ଏଲ୍. ମଧୁକରଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଯୋଗଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ଦିଲ୍ଲୀ ଫ୍ଲାଇଂ କ୍ଲବର ସଭାପତି ମଧୁକର ଏବଂ ସମ୍ପାଦକ ଅମିତ ଶର୍ମା ବିମାନଚାଳନା କ୍ଷେତ୍ରରେ ବିଜୁବାବୁଙ୍କର ଅବଦାନକୁ ସ୍ମରଣ କରିଥିଲେ।




୮ଦଫା ଦାବି ନେଇ ଦଳିତ ସେବକ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଚାଲିଥିବା ଗଣଧାରଣାରେ ସୋମବାର ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ଓ ଅନ୍ୟମାନେ ସାମିଲ ହୋଇ ଆଲୋଚନା କରୁଛନ୍ତି।

# ରାଜ୍ୟରେ ୩ ଶହ କୋଟିର କାରବାର ପ୍ରଭାବିତ




- ଦେଶ ବ୍ୟାପୀ ୨ ଦିନିଆ ବ୍ୟାଙ୍କ ଧର୍ମଘଟ
- ଓଡ଼ିଶାରେ ୫୫୦୦ ଶାଖା ବନ୍ଦ
- ଆଜି ବି ବନ୍ଦ ରହିବ ବ୍ୟାଙ୍କ

ଭୁବନେଶ୍ୱର,୧୫।୩

ଗତ ମାସରେ ଉପସ୍ଥାପିତ ହୋଇଥିବା କେନ୍ଦ୍ର ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କେନ୍ଦ୍ର ସରକାରଙ୍କ ବିନିଯୋଗ ଯୋଜନାର ଏକ ଅଂଶ ଭାବରେ ଦୁଇଟି ପବ୍ଲିକ୍ ସେକ୍ଟର ବ୍ୟାଙ୍କ (ପିଏସ୍‌ବି)ର ଘରୋଇକରଣ କରିବାକୁ ଘୋଷଣା କରିଥିଲେ। ଦେଶର ପ୍ରମୁଖ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ପ୍ରସ୍ତାବକୁ ବିରୋଧ କରି ସୋମବାରଠାରୁ ୨ଦିନିଆ ଦେଶବ୍ୟାପୀ ବ୍ୟାଙ୍କ ଧର୍ମଘଟ ଡାକରା ଦେଇଥିଲା ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ୍ (ୟୁଏଫ୍‌ବିୟୁ)। ୟୁଏଫ୍‌ବିୟୁ ସହଯୋଗରେ ୯ଟି ୟୁନିୟନର ବ୍ୟାଙ୍କ ବନ୍ଦ ଡାକରା ଯୋଗୁ ଦେଶବ୍ୟାପୀ ବ୍ୟାଙ୍କ ସେବା ଓ କାରବାର ଏକ ପ୍ରକାର ଠପ୍ ହୋଇଯାଇଛି।

ସେହିଭଳି ଓଡ଼ିଶାରେ ମଧ୍ୟ ଧର୍ମଘଟ ଯୋଗୁ ୫୫୦୦ରୁ ଅଧିକ ବ୍ୟାଙ୍କ ଶାଖା ବନ୍ଦ ରହିଛି। ଏଥିରେ ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଅଧିକାରୀ ଧର୍ମଘଟରେ ସାମିଲ ହୋଇଥିବା ୟୁନିୟନ ପକ୍ଷରୁ କୁହାଯାଇଛି। ସରକାରୀ ବ୍ୟାଙ୍କ ସହିତ ଗ୍ରାମ୍ୟବ୍ୟାଙ୍କ ଓ ସମବାୟ ବ୍ୟାଙ୍କଗୁଡ଼ିକ ମଧ୍ୟ ଧର୍ମଘଟରେ ସାମିଲ ହୋଇଥିବା ଜଣାପଡ଼ିଛି। ଏହାର ପ୍ରଭାବ ରାଜ୍ୟର ୫,୫୦୦ରୁ ଊର୍ଦ୍ଧ୍ୱ ଶାଖାରେ ପଡ଼ିଥିବା ସୂଚନା ମିଳିଛି। ଫଳରେ ରାଜ୍ୟର ନିତିଦିନିଆ ବ୍ୟାଙ୍କ ଆର୍ଥିକ ବ୍ୟବସ୍ଥା ଅନୁସାରେ ପ୍ରାୟ ୩୦୦ କୋଟି ଟଙ୍କାର କାରବାର ପ୍ରଭାବିତ ହୋଇଥିବା ୟୁନିୟନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଶାଖାର ଆବାହକ ରଘୁନାଥ ପ୍ରସାଦ ଦାସ ବନ୍ଦ ଡାକରା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବ୍ୟାଙ୍କର୍ସ ସବ୍ୟସାଚୀ ସ୍ୱାଇଁ, ଅରୁଣ ବିଶୋଇ, ଦାମୋଦର ନନ୍ଦ, ଡି.ଏସ୍.ପି. ମିଶ୍ର, ପ୍ରଫୁଲ୍ଲ ପ୍ରକାଶ ରାୟ, ସୁଶୀଲ ଗିରିଙ୍କ ସମେତ ବିଭିନ୍ନ ୟୁନିୟନର ବରିଷ୍ଠ କର୍ମକର୍ତ୍ତାମାନେ ଧର୍ମଘଟରେ ଅଂଶଗ୍ରହଣ କରିଥିଲେ। ଦେଶର ଅର୍ଥନୀତିରେ ଜାତୀୟକରଣ ବ୍ୟାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ଏହି ଜନବିରୋଧୀ ପ୍ରସ୍ତାବକୁ ତୁରନ୍ତ ପ୍ରତ୍ୟାହର କରିବା ପାଇଁ ବିଭିନ୍ନ ୟୁନିୟନର ନେତୃମଣ୍ଡଳ ଦାବି କରିଥିଲେ।

ସୋମବାର ଏବଂ ମଙ୍ଗଳବାର ଦେଶବ୍ୟାପୀ ବ୍ୟାଙ୍କ ବନ୍ଦ ରହିବା ସହ ଘରୋଇକରଣ ବିରୋଧୀ ଆନ୍ଦୋଳନ ଜାରି ରହିବ ବୋଲି ୟୁଏଫ୍‌ବିୟୁର ରାଷ୍ଟ୍ରୀୟ ଆବାହକ ସଞ୍ଜୀବ ବାନ୍ଦିସ ସୂଚନା ଦେଇଛନ୍ତି। ଦେଶର ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା ପାଇଁ ଆମେ ମରିଯିବୁ ପଛେ ବ୍ୟାଙ୍କ ଘରୋଇକରଣ କରିବାକୁ ଦିଆଯିବ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏହି ବନ୍ଦକୁ ସାରା ଦେଶର ପ୍ରାୟ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀମାନେ ସମର୍ଥନ ଜଣାଇବା ସହ ଧର୍ମଘଟରେ ସାମିଲ ମଧ୍ୟ ହୋଇଛନ୍ତି ବୋଲି ବାନ୍ଦିସ କହିଥିଲେ। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବ୍ୟାଙ୍କ ୟୁନିୟନ ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିବାରୁ ଏହି ବନ୍ଦରେ ଆଇସିଆଇସିଆଇ,ଏଚ୍‌ଡିଏଫ୍‌ସି ଏବଂ ଆକ୍ସିସ୍ ବ୍ୟାଙ୍କ ଭଳି ଘରୋଇ ବ୍ୟାଙ୍କ ଧର୍ମଘଟରେ ସାମିଲ ହୋଇ ନ ଥିବା ଜଣାପଡ଼ିଛି।

ସୋମବାର ବ୍ୟାଙ୍କ ସେବାରେ ବ୍ୟାଘାତ ସହ ବାଣିଜ୍ୟିକ କାରବାର ଯେପରିକି ଚେକ୍ କ୍ଲିୟରାନ୍ସ, ନିଫ୍ଟି ଜରିଆରେ କାରବାର ଆଦି ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ବନ୍ଦର ପ୍ରଭାବ ସିଧାସଳଖ ଜନସାଧାରଣଙ୍କ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଗତ ୨ ଦିନ ହେଲା ବ୍ୟାଙ୍କ ବନ୍ଦ ରହିବା କାରଣରୁ ଗ୍ରାହକମାନେ ବ୍ୟାଙ୍କ କାରବାରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

ଶନିବାରଠାରୁ ବ୍ୟାଙ୍କଗୁଡ଼ିକ ଛୁଟି ପାଇଁ ବନ୍ଦ ରହିଛି। ସୋମବାର ଓ ମଙ୍ଗଳବାର ଧର୍ମଘଟ ଶେଷ ହେବା ପରେ ବୁଧବାରଠାରୁ ବ୍ୟାଙ୍କସେବା ପୁଣି ସ୍ୱାଭାବିକ ହେବ। ପ୍ରାୟ ୪ ଦିନ କାଳ ବନ୍ଦ ରହିବା ଯୋଗୁ ଗ୍ରାହକମାନେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବ୍ୟାଙ୍କ ବନ୍ଦ ପାଇଁ ଅଟକି ରହିବ ବୋଲି ଗ୍ରାହକମାନେ ମଧ୍ୟ ମତବ୍ୟକ୍ତ କରିଛନ୍ତି। ବ୍ୟାଙ୍କ ଶାଖାରେ ହେଉଥିବା କାରବାର ଓ କ୍ଲିୟରିଂ ଆଦି ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି ଏବଂ ମଙ୍ଗଳବାର ମଧ୍ୟ ସମାନ ପରିସ୍ଥିତି ଜାରି ରହିବ ବୋଲି ଜଣାପଡ଼ିଛି।

## ୨୭ ମାସର ଉଚ୍ଚ ସ୍ତରରେ ପାଇକାରୀ ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ,୧୫।୩

ପାଇକାରୀ ମୂଲ୍ୟ ସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି ଫେବୃୟାରୀ ମାସରେ ୨ ଗୁଣ ବଢ଼ି ୨୭ ମାସର ସର୍ବୋଚ୍ଚ ସ୍ତରରେ ରହିଛି। ଇନ୍ଧନ ଏବଂ ଖାଦ୍ୟ ସାମଗ୍ରୀ ଦର ବଢ଼ିବା ଯୋଗୁ ଏଭଳି ସ୍ଥିତି ଦେଖାଯାଇଛି। କରୋନା ମହାମାରୀ ସମୟରେ ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ଚାପଗ୍ରସ୍ତ ହୋଇଛି। ହେଲେ ଦରଦାମ ଉଚ୍ଚରେ ରହିବା ଯୋଗୁ ରେପୋ ରେଟ ହ୍ରାସ ହୋଇ ନ ପାରେ। ଫେବୃୟାରୀରେ ପାଇକାରୀ ମୁଦ୍ରାସ୍ଫୀତି ୪.୧୭% ସ୍ତରରେ ରହିଛି। ଏହା ଜାନୁୟାରୀରେ ୨.୦୩% ସ୍ତରରେ ରହିଥିଲା। ଫେବୃୟାରୀରେ ପ୍ରକାଶିତ ଖୁଚୁରା ମୁଦ୍ରାସ୍ଫୀତି ଡାଟା ମୁତାବକ, ଏହା ୩ ମାସର ସର୍ବୋଚ୍ଚ ସ୍ତର ୫.୦୩% ସ୍ତରରେ ରହିଛି। ବିଶ୍ୱ ବଜାରର ଚାପ ଯୋଗୁ ପାଇକାରୀ ମୁଦ୍ରାସ୍ଫୀତି ୨୭ ମାସର ସର୍ବୋଚ୍ଚ ସ୍ତରରେ ରହିଥିବା ଇକ୍ରା ରେଟିଂର ପ୍ରମୁଖ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି। ଫେବୃୟାରୀରେ ଖାଦ୍ୟ ସାମଗ୍ରୀ ଇଣ୍ଡେକ୍ସ ୩.୩୧% ସ୍ତରରେ ରହିଛି। ସେହିଭଳି ଡାଲି ମୁଦ୍ରାସ୍ଫୀତି ୧୦.୨୫%, ଫଳ ୯.୪୮%, ତୈଳ ଏବଂ ଶକ୍ତି ୦.୫୮% ବଢ଼ିଛି।

## ୨ ବର୍ଷ ହେଲା ପ୍ରିଣ୍ଟ ହୋଇନି ଦୁଇ ହଜାର ଟଙ୍କିଆ ନୋଟ୍

ନୂଆଦିଲ୍ଲୀ,୧୫।୩



କେନ୍ଦ୍ର ସରକାର ନଭେମ୍ବର ୨୦୧୬ ରେ ନୂଆ ବିମୁଦ୍ରୀକରଣ ନିୟମ ଲାଗୁ କରିଥିଲେ। ଫଳରେ ଦେଶରେ ଆଉ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ହୋଇପାରିବ ନାହିଁ ବୋଲି ସରକାର ଘୋଷଣା କରିଥିଲେ। ବିମୁଦ୍ରୀକରଣ ପରେ ଦେଶରେ ନୂଆ ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନ ଆରମ୍ଭ ହୋଇଥିଲା। ସେହି ସମୟରେ ଯାହା ପ୍ରିଣ୍ଟ କରାଯାଇଥିଲା ସେହି ନୂଆ ୨୦୦୦ଟଙ୍କିଆ ବଜାରରେ ବିତରଣ ହେଉଛି। ଗତ ଦୁଇ ବର୍ଷ ମଧ୍ୟରେ ନୂଆ ୨ ହଜାର ଟଙ୍କିଆ ନୋଟ୍ ଆଉ ଛାପା ହୋଇ ନ ଥିବା ସରକାରଙ୍କ ପକ୍ଷରୁ ଲୋକ ସଭାରେ କୁହାଯାଇଛି। ବର୍ତ୍ତମାନ ନୂଆ ୨୦୦୦ ଟଙ୍କିଆ ପ୍ରଚଳନ ବନ୍ଦ କରିବାକୁ ସରକାର ପ୍ରସ୍ତୁତ ହେଉଥିବା ଜାତୀୟ ଗଣମାଧ୍ୟମରେ ଜୋର୍‌ଦାର ଚର୍ଚ୍ଚା ହେଉଛି ।

କେନ୍ଦ୍ର ସରକାରଙ୍କ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି, ୨୦୧୮ ମାର୍ଚ୍ଚ ୩୦ ସୁଦ୍ଧା ୩,୩୬୨ ନିୟୁତ ୨ହଜାର ଟଙ୍କିଆ ନୋଟ୍ ବଜାରରେ ପ୍ରଚଳିତ ଥିଲା। ୨୦୨୧ ଫେବୃୟାରୀ ୨୬ ସୁଦ୍ଧା ମାର୍କେଟରେ ୨୪୯୯ ଖଣ୍ଡ ୨ ହଜାର ଟଙ୍କିଆ ନୋଟ୍ ପ୍ରଚଳିତ ହେଉଥିଲା। ସେହିଭଳି ଠାକୁର କହିଛନ୍ତି, କେଉଁ ମୂଲ୍ୟର ନୋଟ୍ ହେଲେ ଲୋକଙ୍କ ବ୍ୟବହାର ଓ କାରବାର ସହଜ ହେବା ସହ ସେମାନଙ୍କ ଚାହିଦା ପୂରଣ ହୋଇପାରିବ ତାହା ଆର୍‌ବିଆଇ ଧାର୍ଯ୍ୟ କରେ। ୨୦୧୯-୨୦ ଏବଂ ୨୦୨୦-୨୧ରେ ୨୦୦୦ ଟଙ୍କିଆ ନୋଟ୍ ଛାପାଇବା ପାଇଁ ଅର୍ଡର ଦିଆଯାଇ ନାହିଁ।

ସେହିପରି ୨୦୧୯ରେ ଆର୍‌ବିଆଇ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆର୍ଥିକ ବର୍ଷ ୨୦୧୬-୧୭ରେ ୩୫୪.୨୯୯୧ କୋଟି ନୋଟ୍ ଛାପାଯାଇଥିଲା। ୨୦୧୭-୧୮ରେ ମାତ୍ର ୧୧.୧୫୦୭ କୋଟି ଏବଂ ୨୦୧୮-୧୯ରେ ୪.୬୬୯ କୋଟି ନୋଟ୍ ପ୍ରିଣ୍ଟ ହୋଇଥିବା ବେଳେ ଏପ୍ରିଲ ୨୦୧୯ ପରେ ଆଉ ନୂଆ ନୋଟ୍ ଛାପାଯାଇନାହିଁ।



## ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼

ସଂଖ୍ୟା: ୭୦୬ ତା୧୫।୦୩।୨୧

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ସମସ୍ତ ସୈରାତ ଉତ୍ସଗୁଡ଼ିକୁ ୨୦୨୧-୨୨ ଆର୍ଥିକ ବର୍ଷ ନିମନ୍ତେ ଜଉମୁଦଦିଆ ଟେଣ୍ଡର ସୂତ୍ରେ ନିଲାମ କରାଯିବା ପାଇଁ ଆହ୍ୱାନ କରାଯାଉଅଛି। ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ ଆଠଗଡ଼ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ତଥା ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ **(www.cuttack.nic.in)**ରେ ଉପଲବ୍ଧ।

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ଆଠଗଡ଼

## OFFICE OF THE MUNICIPAL COUNCIL, KEONJHARGARH

e-mail: keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**

**Bid Identification No. KGM-15/2020-21**

**Letter No. 1620KGM/Date: 12.03.2021**

No. C-672: On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single Cover System, through e-Procurement.

1. Nature of Work : Civil Work
2. No. of Work : 29 Nos.
3. Value of Works : Rs.15,00,000/- to 19,97,600/-
4. Date & time of availability of Bid document in the portal : From 16.03.2021 at 11.00 A.M. upto 25.03.2021 at 5.00 P.M.
5. Date of Opening of Bid in portal : 30.03.2021 at 11.00 A.M.
6. Name & address of the Officer in Inviting Bid : E.O., Keonjhargarh Municipality

Further details can be seen from website: **www.tendersorissa.gov.in.**

**Executive Officer**
**Keonjhargarh Municipality**
**OIPR-13115/11/0002/2021**

## OFFICE OF DISTRICT MANAGER ODISHA STATE CIVIL SUPPLIES CORPORATION LTD. (OSCSC), KHORDHA (DISTRICT)

**Phone: ________, District Website: www.khordha.nic.in**

**Tender No. 1603** **Dt.12.03.2021**

No. CAD-1533: District Manager, Odisha State Civil Supplies Corporation Ltd., Khordha (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Level-I** Transport Contractor for transportation of foodgrains from FSD, FCI to RRCs |
| 2 | Availability of bid document in the portal | From 15.03.2021 (Date) |
| 3 | Last Date/time for receipt of bids in the portal | Dt.30.03.2021 upto 05.30 (P.M.) |
| 4 | Date/Time of Opening of Technical Bid | Dt.31.03.2021 at 11.00 (A.M.) |
| 5 | Name and address of the Officer Inviting Tender | District Manager, OSCSC Ltd., Khordha (District) |

Tender documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments/Corrigendum/Cancellation/retenders etc. if any shall be published only in above websites.

**Sd./- District Manager**
**OSCSC Ltd., Khordha**
**OIPR-07007/11/0004/2021**

## OFFICE OF THE PANCHAYAT SAMITI, BHANJANAGAR (GANJAM)

**E-mail: ori-bhanjanagar@nic.in, Ph.: 06821-241085**

**TENDER CALL NOTICE No. 01/2020-21 Dated: 10.03.2021**

**INVITATION FOR COMPETITIVE BIDDING**

| Sl. No. | Name of the Work | Approximate Estimate Cost | E.M.D. 1% | Period of Completion | Eligibility of Contractor | Cost of Tender Paper set (Non-refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Sub-Health Centre at Badangi under Bhanjanagar Block | Rs.20,84,347/- | Rs.20,843/- | 6 (Six) Calendar Months | Class: "C" and "B" | Rs.6000/- (Rupees Six Thousand) + Rs.300/- (5%) GST (SGST + CGST) Non-refundable |

1. Registered Contractor of class "B" & "C" can download the tender documents from **www.ganjam.nic.in** and send to the office of the undersigned along with A/C payee D.D towards cost of the Tender Paper (Non-refundable) drawn in favour of Block Development Officer, Bhanjanagar through Speed Post / Registered Post or drop in the tender box of this office during the office hours from 16.03.2021 to 25.03.2021 excluding all Govt. declared holidays.
2. The tender papers will be accepted up to 25.03.2021 up to 5.30 P.M. and will be opened in office of the Block Development Officer, Bhanajnagar on 26.03.2021 at 11.00 A.M. in presence of the tenderers or their authorized representatives. If dt.26.03.2021 would be declared as Govt. holiday, then the next working day shall be considered for opening of the tender respectively.
3. For more details and terms & conditions, please visit **www.ganjam.nic.in**.

**Block Development Officer, Bhanjanagar**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ-୮**
**ଭୁବନେଶ୍ୱର-୭୫୧୦୧୨**

ସଂଖ୍ୟା ୩୭୬୨/IND-II-PH-467 ତାରିଖ ୧୫।୦୩।୨୦୨୧

CAD-1540

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, **ମେସର୍ସ ଶ୍ରୀ ରାଜେଶ କୁମାର ପ୍ରଧାନ ଓଡ଼ିଶାର ନୟାଗଡ଼ ଜିଲ୍ଲା, ଭାପୁର ତହସିଲ ଅନ୍ତର୍ଗତ ନୂଆପଲ୍ଲୀ ଗ୍ରାମରେ କୁସୁମୀ ନଦୀ ଉପରେ ୭.୮୬୭ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ସ୍ଥିତ ନୂଆପଲ୍ଲୀ ବାଲିଘାଟରୁ ବାର୍ଷିକ ୧୨୦୦୦ ଘନମିଟର ବାଲି ଉତ୍ତୋଳନ କରିବା** ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୧୭।୦୪।୨୦୨୧ରିଖ ଦିବା ୧୦.୦୦ ଘଟିକା ସମୟରେ ଓଡ଼ିଶାର ନୟାଗଡ଼ ଜିଲ୍ଲା, ଭାପୁର ତହସିଲ ଅନ୍ତର୍ଗତ ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୧୪।୦୯।୨୦୨୦ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ନୟାଗଡ଼** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ନୟାଗଡ଼**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ନୟାଗଡ଼**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ବ୍ରହ୍ମପୁର** ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବ୍ରହ୍ମପୁର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./-ସଦସ୍ୟ ସଚିବ**
OIPR-08012/11/0025/2021

## ଉଦ୍ୟାନ ବିଭାଗ, ସୋନପୁର ଅଧୀନସ୍ଥ ଉଦ୍ୟାନକୃଷି ଫାର୍ମ ଆମ୍ବଫଳ ପାଇଁ ନିଲାମ ଇସ୍ତାହାର

No. L-90:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ସୋନପୁର ହର୍ଟିକଲଚର ଫାର୍ମ **୨୦୨୦-୨୧** ବର୍ଷ ପାଇଁ ଆମ୍ବଫଳର ନିଲାମ ଦେବାପାଇଁ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଅଛି । ଉକ୍ତ ଟେଣ୍ଡର ପେପରଗୁଡ଼ିକ ରେଜିଷ୍ଟ୍ରିଡାକ କିମ୍ବା କୋରିଅର ସେବା ମାଧ୍ୟମରେ ସୂଚିତ ଥିବା ସ୍ତମ୍ଭ ନମ୍ବର-୫ରେ ସୂଚିତ ତାରିଖ ଏବଂ ସମୟ ପର୍ଯ୍ୟନ୍ତ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟଠାରେ ଗ୍ରହଣ କରାଯିବ । କୌଣସି ପରିସ୍ଥିତିରେ ସିଧାସଳଖ ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

| କ୍ରମିକ ନମ୍ବର | ଫାର୍ମର ନାମ ଏବଂ ଅଫିସର ନାମ | ବଉଳ ଆସିଥିବା ଆମ୍ବଗଛର ସଂଖ୍ୟା | ଅମାନତ ଜମା | ଟେଣ୍ଡର ଫର୍ମ ଗ୍ରହଣ କରିବାର ଶେଷ ତାରିଖ ଏବଂ ସମୟ | ଟେଣ୍ଡର ଖୋଲାଯିବା ତାରିଖ ଏବଂ ସମୟ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ସୋନପୁର, ହର୍ଟିକଲଚର ଫାର୍ମ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁର | ୫୨୨ | ଟ.୧୦,୦୦୦/- | ତା୨୩.୦୩.୨୦୨୧ ସମୟ- ଅପରାହ୍ନ- ୫.୦୦ ଘ. ପର୍ଯ୍ୟନ୍ତ | ତା୨୪.୦୩.୨୦୨୧ ସମୟ- ଦିବା- ୧୧.୦୦ ଘ. |

ଜଉମୁଦଦିଆ ଟେଣ୍ଡର ପେପର ସହିତ ଅମାନତ ଜମାରାଶି ସୋନପୁର ହର୍ଟିକଲଚର ଫାର୍ମ ପାଇଁ ଟ.୧୦,୦୦୦/- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ ସପକ୍ଷରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଗ୍ରହଣ କରାଯିବ । ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ନିୟମାବଳୀ ଏବଂ ସର୍ତ୍ତଥିବା ଆବଶ୍ୟକ ଫର୍ମ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଟ.୧୦୦/- ଦେଲେ ଉପଲବ୍ଧ ହେବ । ଟେଣ୍ଡର ଜମାକାରୀମାନେ ଅଫିସ ସମୟରେ ସକାଳ ୧୦ ଘ.ଠାରୁ ୫ ଘ. ମଧ୍ୟରେ ଫାର୍ମ ଇନ୍‌ଚାର୍ଜଙ୍କ ଅନୁମତି ନେଇ ବୁଲି ଦେଖିପାରିବେ । କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ଦରଖାସ୍ତ ନାକଚ କରିପାରିବେ ।

**ବି.ଦ୍ର.: ସୋନପୁର, ହର୍ଟିକଲ୍‌ଚର ଫାର୍ମ ପାଇଁ ସୂଚିତ ତାରିଖ ଏବଂ ସମୟ ଅନୁଯାୟୀ ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁରଙ୍କ କାର୍ଯ୍ୟାଳୟରେ ଆମ୍ବଫଳର ନିଲାମ ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ ।**

OIPR-01383/11/0002/2021 **ସ୍ୱା./- ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ସୋନପୁର**

## ODISHA JOINT ENTRANCE EXAMINATION-2020

**Notice for 2nd Spot Round Counselling for BAMS/BHMS Courses**

**No:- OJEE / 120** **Date-15/03/2021**

No. h-03:- In view of some vacancies existing in BAMS / BHMS courses in some Colleges, a 2nd Spot Counselling for admission to BAMS/BHMS courses for the academic session 2020-21 is scheduled to be held at OJEE CELL, Gandamunda, Bhubaneswar on **17.03.2021** as per the following schedule.

All the registered / unregistered 'All India NEET (UG)' rank holders (as per relevant AYUSH notification), irrespective of their admission status, who are interested to take part in spot round counselling have to report as per the timetable given below.

| VENUE | DATE | REPORTING TIME | CATEGORY OF CANDIDATES |
|---|---|---|---|
| OJEE CELL, Gandamunda, Bhubaneswar | 17.03.2021 | 10:00 AM to 11:00 AM | All SC, GC Category Candidates |
| | | 11:00 AM to 12 NOON | All GENERAL Category Candidates |

**The candidates, who get admission in this Spot Round, shall report to the respective Institutions immediately by submitting a copy of the allotment-cum-admission letter duly signed by OJEE authority. Admission will be declared closed as and when seats are exhausted. For detailed instructions and modalities, please visit www.ojee.nic.in**

OIPR-14020/11/0003/2021 **Sd./- CHAIRMAN, OJEE**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: **www.oshb.org**

ପତ୍ର ସଂଖ୍ୟା: ୧୯୦ **ବିଜ୍ଞାପନ** ତା: ୨।୩।୨୧

No. CAD-1530: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସ୍ଲମ ଡୁଏଲର୍ସ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ. ଏସ୍/ଇ-୪/୬ (S/E-4/6)ଟିକୁ ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା, ପି.- ୰ବ୍ରଜକିଶୋର ପଣ୍ଡା, ସା: ଅଯୋଧ୍ୟାପୁର, ପୋ./ଥା: ରଘୁନାଥପୁର, ଜି: ଜଗତ୍‌ସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ କବିତା ମାର୍ଥା, ସ୍ୱା: ଯୁଗଳ କିଶୋର ମାର୍ଥା, ସା: ଜଙ୍କିଆ, ପୋ: ଗଡ଼ସାହି, ଥା: କଣାସ, ଜି: ପୁରୀଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0088/2021




## NATIONAL HYDROLOGY PROJECT (NHP) STATE PROJECT MANAGEMENT UNIT (SPMU), ODISHA DIRECTORATE OF GROUND WATER DEVELOPMENT, ODISHA

**HP Building, Unit - VIII, Delta Square, Bhubaneswar - 12**
**(Phone No.: 2561038(O), e-mail: odishagwhp3@gmail.com)**

**NATIONAL COMPETITIVE BIDDING**

**INVITATION FOR BIDS (IFB)**

**e-Procurement Notice (Two Envelope Bidding Process)**

**Date: 12.03.2021** **Loan No. 8725-IN**

**BID REFERENCE: NHP/OD-GW/PZM/2020-21/08**

**PP PACKAGE NO. NHP-2019-2020-OD-126084**

No. A-686: The **Chief Engineer & Director, Directorate of Ground Water Development & Nodal Officer (NHP, Odisha), DoWR, Bhubaneswar - 751012** invites tenders through e-procurement platform online from eligible bidders for **"Construction of Piezometers (Bore Wells) - 300 (Three hundred) Nos. with platform & portection Box"** in different locations of Odisha under National Hydrology Project.

Bidding documents are available online on **www.tendersodisha.gov.in** which is free of cost. The bidder shall be responsible for downloading and incorporating any addendum uploaded in the e-procurement portal.

| | | | |
|---|---|---|---|
| (a) | Start date of availability of bidding document **(for download from e-procurement portal)** | : | 16.03.2021 from 11.00 A.M. |
| (b) | Last date of availability of bidding document **(for download from e-procurement portal)** | : | 16.04.2021 upto 2.00 P.M. |
| (c) | Start date of e-Bid Submission | : | 08.04.2021 at 11.00 A.M. |
| (d) | Last date of e-Bid Submission | : | 16.04.2021 upto 2.00 P.M. |
| (e) | Time and date of opening of bids - Technical Part | : | 16.04.2021 at 3.00 P.M. |

Further details can be seen from the e-procurement portal **www.tendersodisha.gov.in**.

**Chief Engineer & Director, GWD**
**& Nodal Officer (NHP, Odisha)**
**OIPR-32407/11/0001/2021**

## ୪ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ସୋମବାର ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ ହଜାର ୪୦୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ୍‌ରୁ ୩ଜଣ ଓ ପାଲଲହଡ଼ା ବ୍ଲକରୁ ଜଣେ ଆକ୍ରାନ୍ତ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ଜଣେ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଆଜି କ'ଣ କେଉଁଠି

ବଅଁରପାଳ
- ଭାଗବତ ପାଠ କାର୍ଯ୍ୟକ୍ରମ, ସ୍ଥାନ-ଗୋଟମରା ସତ୍‌ସଙ୍ଗ ପଡ଼ିଆ, ସମୟ- ସନ୍ଧ୍ୟା ୭ଟା।

## ସଂକ୍ଷେପରେ

### ୨ ବାଇକ୍ ଧକ୍କା, ଜଣେ ମୃତ

**କାମାକ୍ଷାନଗର,୧୫।୩(ଡି.ଏନ.ଏ.):** କାମାକ୍ଷାନଗର-ଢେଙ୍କାନାଳ ମୁଖ୍ୟରାସ୍ତାର ମହୁଲପାଳ ଛକ ନିକଟରେ ସୋମବାର ୨ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ ପରଜଙ୍ଗ ଥାନା ବସୋଇ ଗ୍ରାମର ସୁବ୍ରତ କୁମାର ବିଶ୍ୱାଳ(୪୮)ଙ୍କ ମୃତ୍ୟୁ ଘଟିଛି। ସୁବ୍ରତ ବାଇକ୍ ଯୋଗେ ଢେଙ୍କାନାଳରୁ ନିଜ ଗ୍ରାମ ବସୋଇକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସୁବ୍ରତଙ୍କୁ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭାଜପା ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନ ମେଡିକାଲରେ ପହଞ୍ଚିଥିଲେ। କାମାକ୍ଷାନଗର ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଜାଲ୍ ନୋଟ୍ ଦେଇ ମହିଳା ଗିରଫ

**ହିନ୍ଦୋଳ,୧୫।୩(ଡି.ଏନ.ଏ.):** ଜାଲ୍ ନୋଟ କାରବାର ଅଭିଯୋଗରେ ହିନ୍ଦୋଳ ପୋଲିସ ନରସିଂହପୁର ଥାନା ବନ୍ଧହୁଡ଼ା ଗ୍ରାମର ମମତା ସାହୁ (୩୭)ଙ୍କୁ ଗିରଫ କରିଛି। ତାଙ୍କ ଠାରୁ ୧୧ ହଜାର ୩ ଶହ ଟଙ୍କା ଜବତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ମମତା ସୋମବାର ଅମଲାପଡାସ୍ଥିତ ଏକ ଗ୍ରସେରୀ ଦୋକାନରୁ ସଉଦା କିଣୁଥିବା ବେଳେ ସମ୍ପୃକ୍ତ ଦୋକାନୀ ନୋଟ ଜାଲ ହୋଇଥିବା ଜାଣି ପାରି ଥାନାକୁ ଖବର ଦେଇଥିଲେ। ପରେ ପୋଲିସ ମମତାଙ୍କୁ ଗିରଫ କରିଥିବା ପ୍ରକାଶ।

### ୩ୟ ଦିନରେ ଆନ୍ଦୋଳନ

**ବଇଣ୍ଡା,୧୫।୩(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ କୃତିବାସପୁର ପଞ୍ଚାୟତ ଦାମବାହଳ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଚାଲିଥିବା ଆନ୍ଦୋଳନ ସୋମବାର ୩ ଦିନରେ ପହଞ୍ଚିଛି। ଗ୍ରାମବାସୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ତେନ୍ତୁଳିପଥରରେ ତାଲା ପକାଇ ଆନ୍ଦୋଳନ ଚଳାଇଛନ୍ତି। ତେବେ ଶିକ୍ଷା ବିଭାଗର ନୀରବତାକୁ ନେଇ ଅସନ୍ତୋଷ ଦେଖାଯାଇଛି। ଘଟଣାସ୍ଥଳରେ ଏବିଇଓ ପ୍ରିୟମ୍ବଦା ସାହୁ, ଉଦ୍ଧବ ପ୍ରଧାନ, ସିଆରସିସି ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ପହଞ୍ଚିଥିଲେ ମଧ୍ୟ ସମାଧାନ ହୋଇପାରିନାହିଁ। ଚଳିତ ବର୍ଷ ଦାମବାହଳ ପ୍ରାଥମିକ ବିଦ୍ୟାଳୟରେ ୨୬ ଜଣ ଛାତ୍ରୀଛାତ୍ର ଥିବାବେଳେ ଏକ ଷଡ଼ଯନ୍ତ୍ର କରି ବିଦ୍ୟାଳୟକୁ ମିଶ୍ରଣ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ତ ଛାତ୍ରୀଛାତ୍ର ଦଳିତ ସମ୍ପ୍ରଦାୟର ହୋଇଥିବା ବେଳେ ସରକାର ୧ କିଲୋମିଟର ଦୂରରେ ଥିବା ବିଦ୍ୟାଳୟ ସହ ମିଶ୍ରଣ କରିଛନ୍ତି।

### କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଆଠମଲ୍ଲିକ,୧୫।୩(ଡି.ଏନ.ଏ.):** ଆଠମଲ୍ଲିକ ସହର ବରଗାଁ ଯୁବକ ସଂଘ ପକ୍ଷରୁ ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରକାଶ କୁମାର ଡାଙ୍ଗ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ସ୍ଥାନୀୟ ରୁଗୁଡ଼ିସାହି ଓ ବୌଦ୍ଧ ଜିଲା ପାଣିଘରା ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ରୁଗୁଡିସାହି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ତିତିରିକଟା ଓ ଲିପିଲୋଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲିପିଲୋଇ ବିଜୟୀ ହୋଇଥିଲା। ସେମିଫାଇନାଲରେ ରୁଗୁଡିସାହି ଓ ଲିପିଲୋଇ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରୁଗୁଡ଼ି ସାହି ବିଜୟୀ ହୋଇଛି।

### ପରିତ୍ୟକ୍ତ କୂଅରୁ ମୃତଦେହ ଜବତ

**ଛେଣ୍ଡିପଦା,୧୫।୩(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ବଡହିସର ପଞ୍ଚାୟତ ରାଉତାଳ ଗ୍ରାମର ପରିତ୍ୟକ୍ତ କୂଅରୁ କଣିହାଁ ଥାନା ଡେରେଙ୍ଗ ଗ୍ରାମର ପ୍ରଦୀପ ସାହୁଙ୍କ ପୁଅ ସଞ୍ଜୟ କୁମାର ସାହୁ (୨୭)ଙ୍କ ମୃତଦେହ ପୋଲିସ ଜବତ କରିଛି। ସମ୍ପୃକ୍ତ ଯୁବକ ଜଣକ ଆତ୍ମହତ୍ୟା କରିଛନ୍ତି କିମ୍ବା ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ପୋଲିସ କହିଛି, କୂଅ ଭିତରେ ମୃତଦେହ ଭାସୁଥିବା ଖବରପାଇ ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅନୁଗୋଳ ଦମକଳ କର୍ମଚାରୀଙ୍କ ସହାୟତାରେ ମୃତଦେହ ବାହାରକୁ ଅଣାଯାଇଥିଲା। ପରେ ବ୍ୟବଚ୍ଛେଦ ନିମନ୍ତେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି। ଏ ନେଇ ଜରପଡା ଥାନା ସବ୍ ଇନ୍ସପେକ୍ଟର ଗଙ୍ଗାଧର ବେହେରା ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛନ୍ତି।

# ବୃତ୍ତି ଛାଡ଼ିଛନ୍ତି ୫ ପାଟଣା ବାସିନ୍ଦା

ଉପେନ୍ଦ୍ର ରାଉତ
**ବଅଁରପାଳ,୧୫।୩**

- ଅନୁଗୋଳ ରାଜାଙ୍କର ଥିଲା ବ୍ୟବସାୟିକ ପେଣ୍ଠସ୍ଥଳୀ
- ଘଣା, ତନ୍ତ, କୁମ୍ଭାରଶାଳ କରିଥିଲା ସମୃଦ୍ଧ
- ରାଜତନ୍ତ୍ର ଉଚ୍ଛେଦ ପରେ ବଦଳିଯାଇଛି ସ୍ଥିତି


୫ ପାଟଣା ମଧ୍ୟରେ ଥିବା ବଳରାମପ୍ରସାଦ ପାଟଣା।

ଅନୁଗୋଳ ରାଜାଙ୍କ ପ୍ରଜା ଥିଲେ ୫ ପାଟଣାବାସୀ। କୌଳିକ ବୃତ୍ତି ଥିଲା ସେମାନଙ୍କ ବ୍ୟବସାୟର ଭିତ୍ତି। କିଏ ଘଣାରେ ତେଲ ପେଡୁଥିଲେ ତ ଆଉ କିଏ ତନ୍ତରେ ଲୁଗା ବୁଣି ରାଜ୍ୟ ସମୃଦ୍ଧିରେ ସାଜିଥିଲେ ଅଂଶୀଦାର। ହେଲେ ରାଜତନ୍ତ୍ରର ବିଲୋପ ପରେ ବଦଳିଯାଇଛି ସ୍ଥିତି। କୁଟୁମ୍ବ ପୋଷି ନ ପାରି କୌଳିକ ବୃତ୍ତିରୁ ବାହାରି ଯାଇଛନ୍ତି ୫ ପାଟଣା ବାସିନ୍ଦା।

ଅନୁଗୋଳର ଶେଷ ରାଜା ସୋମନାଥ ସିଂହ ଜଗଦେବଙ୍କ ସମୟରେ ବଅଁରପାଳର ବଳରାମପ୍ରସାଦ, ଗୋଟମରା, ନୂଆହତା, ବୁଢ଼ାପଙ୍କ ଓ ଗଡ଼ସନ୍ତ୍ରୀ ଥିଲା ୫ଟି ଗଡ଼। ସେତେବେଳେ ଏହି ୫ ଗଡ଼ର ସ୍ୱତନ୍ତ୍ର ପରିଚୟ ଥିଲା। ଏଠାକାର ସୁରକ୍ଷା ସମ୍ଭାଳୁଥିଲେ ପାଇକ ଯୋଦ୍ଧା। ବାହ୍ୟ ଶତ୍ରୁ ପ୍ରବେଶ ରୋକିବାକୁ ଯୋଦ୍ଧାଙ୍କ ସହ ବିପୁଳ ଅସ୍ତ୍ରଶସ୍ତ୍ର ଠୁଳ କରାଯାଇଥିଲା ଏଠାରେ। ସେହିପରି ୫ଗଡ଼ ବୁଢ଼ାପଙ୍କ ପାଟଣା, ନୂଆହତା ପାଟଣା, ଗୋଟମରା ପାଟଣା, ବଳରାମପ୍ରସାଦ ପାଟଣା ଓ ଗଡ଼ସନ୍ତ୍ରୀ ପାଟଣା ଥିଲା ରାଜାଙ୍କ ବ୍ୟବସାୟିକ ପେଣ୍ଠସ୍ଥଳୀ। ଏଠାକାର ବାସିନ୍ଦାମାନେ ଜାତି ଓ ବୃତ୍ତି ଅନୁଯାୟୀ ବ୍ୟବସାୟ କରୁଥିଲେ। ତେଲିମାନେ ଘଣାରେ ତେଲ ପେଡୁଥିବା ବେଳେ ତନ୍ତୀମାନେ ତନ୍ତରେ ଲୁଗା ବୁଣୁଥିଲେ। ଶୁଣ୍ଡିମାନେ ସୁରା ବେପାର, କୁମ୍ଭକାରମାନେ ମାଟିପାତ୍ର ଗଢୁଥିଲେ। ଅନ୍ୟ ଜାତିର ଲୋକେ ସେମାନଙ୍କ କୁଳ ପରମ୍ପରା ଅନୁଯାୟୀ ବ୍ୟବସାୟ କରୁଥିଲେ। ଏପରିକି ବଣିକମାନେ ବାଣିଜ୍ୟ କରିବାକୁ ଜଳପଥରେ ବିଦେଶକୁ ଯାଉଥିବା ପାଟଣାର ଅନେକ ବୟସ୍କ ବ୍ୟକ୍ତିଙ୍କ ମୁହଁରୁ ଶୁଣାଯାଏ। ହେଲେ ରାଜାରାଜୁଡ଼ା ଶାସନ ଉଚ୍ଛେଦ ପରେ ଏହି ୫ ପାଟଣାବାସିନ୍ଦାଙ୍କ ଜୀବନ ଶୈଳୀରେ ଅନେକ ପରିବର୍ତ୍ତନ ହୋଇଛି। କୌଳିକ ବୃତ୍ତିକୁ ଆଦରି ନ ପାରି ବିଭିନ୍ନ ଜାତିର ଲୋକେ ଅନ୍ୟ ବ୍ୟବସାୟକୁ ଚାଲିଯାଇଛନ୍ତି। ବିଶେଷକରି ଶିଳ୍ପାଞ୍ଚଳ ଗଢ଼ି ଉଠିବା ପରେ ଜାତିଭିତ୍ତିକ ବା ପାରମ୍ପରିକ ବ୍ୟବସାୟରୁ ୫ ପାଟଣାବାସୀ ଓହରି ଯାଇଛନ୍ତି। ବହୁ ପରିବାରକୁ ଶିଳ୍ପସଂସ୍ଥାରେ ଚାକିରି ମିଳିଥିବା ବେଳେ ଅନେକ ଶ୍ରମିକ, ଠିକା ଶ୍ରମିକ ଭାବେ ରୋଜଗାର କରୁଛନ୍ତି। କେତେଜଣ ଠିକାଦାରି କରୁଛନ୍ତି ତ ଆଉ କେତେକ ଲୋକ ଟ୍ରକ୍, ଟିପ୍ପର, ଟ୍ରାକ୍ଟର ଆଦି କରି ମାଲ୍ ପରିବହନକୁ ଆୟର ମାଧ୍ୟମ କରିଛନ୍ତି। କୃଷିକ୍ଷେତ୍ରରୁ ବି ଅଧିକାଂଶ ଲୋକ ମୁହଁ ଫେରାଇ ନେଇଛନ୍ତି। ଗାଁର ସହରୀକରଣ ପ୍ରଭାବରେ ୫ ପାଟଣାରେ ଆଉ ଦେଖିବାକୁ ମିଳୁନି ତନ୍ତବୁଣା ଲୁଗା କି ଘଣାରେ ପେଡ଼ା ହୋଇଥିବା ତେଲ। କୁମ୍ଭକାରଙ୍କ କୌଳିକ ବୃତ୍ତି ବି ହଜିଯିବାକୁ ବସିଲାଣି ଅନୁଗୋଳ ରାଜାଙ୍କ ଏହି ବ୍ୟବସାୟିକ ପେଣ୍ଠସ୍ଥଳୀରୁ।

### ଜାତିଭିତ୍ତିକ ବ୍ୟବସାୟ ପ୍ରତି ସମ୍ମାନ ଥିଲା



"ଅନୁଗୋଳର ଶେଷ ରାଜାଙ୍କ ୫ଟି ଗଡ଼ରେ ଯେଉଁମାନେ ବସବାସ କରୁଥିଲେ, ସେମାନେ କୁଳ ପରମ୍ପରା ଅନୁଯାୟୀ ବ୍ୟବସାୟ କରୁଥିଲେ। କୌଳିକ ବୃତ୍ତି ପ୍ରତି ଲୋକଙ୍କ ଆଗ୍ରହ ଥିବାରୁ ଏହା ଏକ ସମ୍ମାନଜନକ ପେସା ହୋଇପାରିଥିଲା। ପାଇକମାନେ ଗଡ଼କୁ ସୁରକ୍ଷା ଦେଉଥିବାରୁ ଏହି ବ୍ୟବସାୟିକ ପେଣ୍ଠସ୍ଥଳୀ ବେଶ୍ ସମୃଦ୍ଧି ଆଣି ଦେଇଥିଲା।

-ଗୋକୁଳା ନନ୍ଦ ସିଂ, ବଳରାମ ପ୍ରସାଦ

### ଏହା ଥିଲା କରମୁକ୍ତ ଅଞ୍ଚଳ



"ପାଟଣା ଅଞ୍ଚଳବାସୀଙ୍କ ଉପରେ ରାଜା କର ଲାଗୁ କରି ନ ଥିଲେ। ତେଣୁ ବୃତ୍ତିଭିତ୍ତିକ ଆୟ ମନ୍ଦ ନ ଥିଲା କି ସେମାନଙ୍କୁ କୁଟୁମ୍ବ ପୋଷିବାରେ ଅସୁବିଧା ହେଉ ନ ଥିଲା। ଏହାଛଡ଼ା ବାହ୍ୟ ଶତ୍ରୁ କବଳରୁ ଏହି ବ୍ୟବସାୟୀମାନଙ୍କୁ ରାଜା ସୁରକ୍ଷା ଦେଉଥିବାରୁ ପାଟଣା ଏକ ଭଲ ବ୍ୟବସାୟିକ ପେଣ୍ଠସ୍ଥଳୀ ହୋଇପାରିଥିଲା।

-ଶିବରାମ ସାହୁ, ବଳରାମପ୍ରସାଦ ପାଟଣା

### ପୂର୍ବ ପରମ୍ପରା ଆଉ ନାହିଁ



"୫ ପାଟଣାରେ ଆଉ ରାଜାରାଜୁଡ଼ା ଅମଳର ପରମ୍ପରା ନାହିଁ। ସମୟ ସ୍ରୋତରେ ଲୋକେ ଜାତି, କୁଳ ବ୍ୟବସାୟକୁ ଦୂରେଇ ଦେଇଛନ୍ତି। ଏହାଛଡ଼ା ପାରମ୍ପରିକ ବ୍ୟବସାୟରେ ଏବେ ସମ୍ମାନ ନାହିଁ କି ସମୃଦ୍ଧ ହେବାର ସମ୍ଭାବନା ମଧ୍ୟ ନାହିଁ। ତେଣୁ ଯିଏ ଯାହାର ସୁବିଧା ଅନୁଯାୟୀ ବେପାର ବଦଳାଇ ଦେଇଛନ୍ତି।

-ନିତ୍ୟାନନ୍ଦ ସାହୁ, ନୂଆହତା ପାଟଣା

# ରାଜ୍ୟ ବାହାରୁ ଆସିଲେ ସଙ୍ଗରୋଧ


କରୋନା ସ୍ଥିତି ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ଓସ୍ୱାନ ସମ୍ମିଳନୀ କକ୍ଷରେ କରୋନା ସ୍ଥିତି ସମ୍ପର୍କରେ ସୋମବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେଶର କେତେକ ରାଜ୍ୟରେ କରୋନା ସଂକ୍ରମଣ ବୃଦ୍ଧି ଘଟୁଥିବା ନଜରରେ ରଖି ରାଜ୍ୟ ବାହାରୁ ଆସୁଥିବା ଲୋକମାନଙ୍କୁ ଚିହ୍ନଟ କରି ୭ଦିନ ସଙ୍ଗରୋଧରେ ରଖିବାକୁ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କ ଆଣ୍ଟିଜେନ ଟେଷ୍ଟ କରିବାକୁ କହିଥିଲେ। ଏଥିସହିତ ଅଧିକରୁ ଅଧିକ ଟେଷ୍ଟ କରିବାକୁ ବିଡିଓ, ତହସିଲଦାର, ମେଡିକାଲ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ସଚେତନତା ସୃଷ୍ଟି ସହିତ ବଜାର, ହାଟ, ଦୋକାନ ଆଦି ସ୍ଥାନରେ ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ ଯାଞ୍ଚ କଡ଼ାକଡ଼ି କରିବାକୁ କହିଥିଲେ। ବିରଷ୍ଠ ନାଗରିକମାନେ ଯେପରି ସୁବିଧାରେ ଟିକା ନେଇପାରିବେ ସେଥିପାଇଁ ମଙ୍ଗଳବାର ଠାରୁ ଶନିବାର ମଧ୍ୟରେ ଜିଲାର ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ସ୍ୱାସ୍ଥ୍ୟକର୍ମୀ, ଆଗଧାଡିର କର୍ମୀ ଯଥାଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ଟିକା ନେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗକୁ ଆସୁଥିବା ଇ-ଅଭିଯୋଗ ସହିତ ସୋସିଆଲ ମିଡିଆରେ ମିଳୁଥିବା ଅଭିଯୋଗଗୁଡିକର ଶୀଘ୍ର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତାରାଣୀ ମିଶ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର, ଡେପୁଟି କଲେକ୍ଟର ସୀତାଂଶୁ ଶେଖର ଦାସ, ଡିପିଏମ୍ ସୋନାଲି ପ୍ରିୟଦର୍ଶିନୀ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାୟ, ସଦର ତହସିଲଦାର ଲକ୍ଷ୍ମୀଧର ରାଉତ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲିଭା ସଚେତନତା ରଥ ଉଦ୍‌ଘାଟିତ



ସଚେତନତା ରଥକୁ ଉଦ୍‌ଘାଟନ କରାଯାଉଛି।

**ବଇଣ୍ଡା,୧୫।୩(ଡି.ଏନ.ଏ.)**

ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ଜଙ୍ଗଲଗୁଡିକ ଅସୁରକ୍ଷିତ ହୋଇପଡିଛି। ନିଆଁରେ ବନ୍ୟ ସମ୍ପଦ ନଷ୍ଟ ହେଉଥିବାବେଳେ ଅନେକ ଜନ୍ତୁ, ସରୀସୃପ ମୃତ୍ୟୁମୁଖରେ ପଡୁଛନ୍ତି। ବ୍ୟାପକ ଜଙ୍ଗଲ ନଷ୍ଟ ଯୋଗୁ ଆଗାମୀ ଦିନରେ ପରିବେଶ ପାଇଁ ଏକ ବଡ ସମସ୍ୟା ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ତେଣୁ ଜଙ୍ଗଲକୁ ସର୍ବଦା ସୁରକ୍ଷା ଦିଆଗଲେ ତାପମାତ୍ରା କମିବ ବୋଲି ସୋମବାର ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ କାର୍ଯ୍ୟାଳୟଠାରେ ବନବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ଲିଭା ସଚେତନତା ରଥ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଏହା କହିଛନ୍ତି। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଡିଏଫଓ ଏସ. ଆନନ୍ଦ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପ୍ରତାପ ଚନ୍ଦ୍ର ସାହୁ, ମାୟାଧର ମିଶ୍ର, ଦ୍ରୋଣ କୁମାର ଚନ୍ଦ୍ରକାର, ପ୍ରଶ୍ନ କୁମାର ବିଶ୍ୱାଳ, ନିରଞ୍ଜନ ହୋତା, ଫରେଷ୍ଟର ସୁବ୍ରତ ଶତପଥୀ, ସନ୍ତୋଷ ନାୟକ, କିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ରଥ ଉପଖଣ୍ଡର ସମସ୍ତ ଗ୍ରାମରେ ବୁଲି ଗ୍ରାମବାସୀଙ୍କୁ ସଚେତନତା କରିଥିଲେ।

# ମଣ୍ଡି ଖୋଲିବା ଦାବିରେ ଆନ୍ଦୋଳନ

**କାମାକ୍ଷାନଗର,୧୫।୩(ଡି.ଏନ.ଏ.)**



ଭାଜପା ନେତା ଓ ଚାଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ଧାନର ଅଭାବୀ ବିକ୍ରି, ମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ କାମାକ୍ଷାନଗର ଓ ପରଜଙ୍ଗ ନିର୍ବାଚନମଣ୍ଡଳୀ ଭାଜପା ନେତା ଏବଂ ଚାଷୀମାନେ ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ସେମାନେ ବସ୍‌ଷ୍ଟାଣ୍ଡରୁ ନିକଟରୁ ଶୋଭାଯାତ୍ରାରେ ବାହାରି ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ଦାବିପତ୍ରରେ ଉଲ୍ଲେଖ ରହିଛି, କାମାକ୍ଷାନଗର ଉପଖଣ୍ଡରେ ୮୪୦୦ ଚାଷୀଙ୍କ ପ୍ରାୟ ୧ ଲକ୍ଷ କୁଇଣ୍ଟାଲ ଧାନ ବିକ୍ରି ହୋଇପାରିନାହିଁ। ଚାଷୀମାନେ ଟୋକନ ପାଇଥିଲେ ମଧ୍ୟ ମଣ୍ଡି ବନ୍ଦ ହୋଇଯିବାରୁ ଧାନ ପଡ଼ି ରହିଛି। ଫଳରେ ଚାଷୀମାନେ କମ୍ ଅର୍ଥରେ ବେପାରୀଙ୍କୁ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ ତୁରନ୍ତ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି। ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ସଞ୍ଜୟ କୁମାର ରାଉତ ଏହି ଦାବିପତ୍ର ଗ୍ରହଣ କରିଥିଲେ। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି କାମାକ୍ଷାନଗର ଥାନା ଅଧିକାରୀ ଅଭିନବ ଡାଲୁଆଙ୍କ ନେତୃତ୍ୱରେ ପୋଲିସ ମୁତୟନ କରାଯାଇଥିଲା। ଭାଜପାର ବରିଷ୍ଠ ନେତା ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ରୁଦ୍ରନାରାୟଣ ପାଣି, ପବିତ୍ର ବିଶ୍ୱାଳ, ରାସବିହାରୀ ବେହେରା, ପ୍ରେମାନନ୍ଦ ଜେନା, ଶତ୍ରୁଘ୍ନ ଜେନା, ଅଶ୍ୱିନୀ ମହାପାତ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ଦୀପକ ଗୋଛାୟତ, କୃଷକ ନେତା ଦୀପକ ପାତ୍ରଙ୍କ ସମେତ ବିଭିନ୍ନ ମଣ୍ଡଳର କର୍ମକର୍ତ୍ତା ଓ ସାଧାରଣ କର୍ମୀ ସାମିଲ ହୋଇଥିଲେ।

# ୮ ବଖରା ଜଳିଗଲା

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୁଣ୍ଡୁଦେଇ ପଞ୍ଚାୟତ ମହାଦିଆ ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ୮ ବଖରା ଘର ପୋଡିଯାଇଛି। ଗ୍ରାମର ଅଙ୍ଗନୱାଡି କର୍ମୀ ରେବତୀ ବରାଳଙ୍କ ୪ ବଖରା ଓ ବନତୀ ବରାଳଙ୍କ ୪ ବଖରା ଜଳିଯାଇଛି। ରେବତୀ ଝିଅ ବିଭାଘର ପାଇଁ ରଖିଥିବା ସମସ୍ତ ଆସବାବପତ୍ର ପୋଡି ଯାଇଛି। ହିନ୍ଦୋଳରୋଡ ଓ ଖଜୁରିଆକଟା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲ ପକ୍ଷରୁ ଜରିପାଲ ଯୋଗାଇ ଦିଆଯାଇଥିବା ସୂଚନା ମିଳିଛି। ନିଆଁ କିପରି ଲାଗିଲା ତାହାକୁ ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି।

# ଆଜିଠାରୁ ସଫେଇ ଟିକସ ଆଦାୟ

**ଅନୁଗୋଳ ଅଫିସ, ୧୫।୩:** ଅନୁଗୋଳ ସହରବାସୀ, ବ୍ୟବସାୟୀ, ବ୍ୟାଙ୍କ, ମଲ ଆଦିରୁ ମଙ୍ଗଳବାରଠାରୁ ସଫେଇ ଟିକସ ଆଦାୟ କରାଯିବ। ଏ ନେଇ ସକାଳେ ପୌରପାଳିକାର ଏକ ପ୍ରଚାର ଗାଡ଼ି ଗଳି ଗଳି ବୁଲିବ। ଏହାପରେ ଲୋକଙ୍କ ନିକଟରୁ ଟିକସ ଆଦାୟ ହେବ। ଏହି ଟିକସ ଆଦାୟ ପାଇଁ ପୌରପାଳିକା ପକ୍ଷରୁ ୧୮ ଜଣ ସ୍ୱାଚ୍ଛସାଥୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ସୂଚନା ଦେଇଛନ୍ତି। ଏହି ସ୍ୱଚ୍ଛସାଥୀଙ୍କୁ ପ୍ରତି ୱାର୍ଡରେ ନିୟୋଜିତ ହୋଇଥିବା ୱାର୍ଡ ଅଫିସରମାନେ ସହଯୋଗ କରିବେ।

# ବ୍ୟାଙ୍କ ଘରୋଇକରଣକୁ ବିରୋଧ

**ଢେଙ୍କାନାଳ ଅଫିସ,୧୫।୩**

ଜାତୀୟକରଣ ବ୍ୟାଙ୍କଗୁଡିକୁ ଘରୋଇକରଣ କରିବା ବିରୋଧରେ ସୋମବାର ଢେଙ୍କାନାଳ ସୁପରମାର୍କେଟସ୍ଥିତ ମୁଖ୍ୟ ଶାଖା ସମ୍ମୁଖରେ ମିଳିତ ବ୍ୟାଙ୍କ କର୍ମଚାରୀମାନେ ପ୍ରତିବାଦ ସଭା କରିଥିଲେ। ଏହି ସର୍ବଭାରତୀୟ ଧର୍ମଘଟ ଦୁଇଦିନ ଧରି ଚାଲିବ। ଏଥିଯୋଗୁ ଢେଙ୍କାନାଳ ଓ ଏହାର ଆଖପାଖରେ ପ୍ରାଇଭେଟ ବ୍ୟାଙ୍କ ସେବା ଠପ୍ ହୋଇଯାଇଛି। ୧୯୬୯ ମସିହାରେ ବ୍ୟାଙ୍କଗୁଡିକ ଜାତୀୟକରଣ ହେବାପରେ ଦେଶରେ କୃଷି, ଶିଳ୍ପ ଓ ବିଭିନ୍ନ ଉନ୍ନତିମୂଳକ କ୍ଷେତ୍ରରେ ବ୍ୟାଙ୍କଗୁଡିକର ଅବଦାନ ଅବିସ୍ମରଣୀୟ। ବଡବଡ ଶିଳ୍ପପତି ଯେଉଁମାନେ କି ଋଣ ନେଇ ଶୁଝୁନାହାନ୍ତି, ସେହିମାନଙ୍କ ହାତରେ ବ୍ୟାଙ୍କର ମାଲିକାନା ଟେକିଦେବାକୁ କେନ୍ଦ୍ର ସରକାର ମସୁଧା କରୁଛନ୍ତି। ଘରୋଇକରଣ ହେବା ଦ୍ୱାରା ବହୁ ଗ୍ରାମୀଣ ବ୍ୟାଙ୍କ ବନ୍ଦ ହେବାର ଆଶଙ୍କା ରହିଛି ଏବଂ ସାଧାରଣ ଲୋକଟିଏ ବ୍ୟାଙ୍କ ସେବାରୁ ବଞ୍ଚିତ ହେବ ବୋଲି ସଂଘ ପକ୍ଷରୁ ବିଭିନ୍ନ ସ୍ଲୋଗାନମାନେ ଦେଇ ପ୍ରତିବାଦ କରାଯାଇଥିଲା।


ବ୍ୟାଙ୍କ ଧର୍ମଘଟରେ ସାମିଲ କର୍ମଚାରୀମାନେ।

# ଅସହାୟ ଭଉଣୀଭାଇଙ୍କୁ ଥଇଥାନ ଦାବି

**ଖମାର,୧୫।୩**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଝାରବେଡା ପଞ୍ଚାୟତ ରାଇପାଳ ଜୁଆଙ୍ଗ ସାହିର ୩ ଅସହାୟ ଭଉଣୀଭାଇଙ୍କୁ ଥଇଥାନ କରିବାକୁ ଦାବି ହୋଇଛି। ଦୁଇବର୍ଷ ତଳେ ମା' ଆଖିବୁଜି ଦେଇଥିବା ବେଳେ ବାପାଙ୍କର ମଧ୍ୟ ଦୁଇମାସ ତଳୁ ମୃତ୍ୟୁ ହୋଇସାରିଛି। ଫଳରେ ଅସହାୟ ଅବସ୍ଥାରେ ୩ ପିଲା ବଡ଼ବାପାଙ୍କ ନିକଟରେ ରହୁଛନ୍ତି। ତେଣୁ ପ୍ରଶାସନ ଏ ନେଇ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ରାଇପାଳ ଜୁଆଙ୍ଗ ସାହିର ବାଞ୍ଛା ନାଏକଙ୍କ ଦୁଇ ପୁଅ ନେଷ୍ଟୁ ନାଏକ (୧୦), ସୁରେଶ ନାଏକ(୭)ଙ୍କ ସହ ଝିଅ ମିଲି ନାଏକ (୬) ଅଛନ୍ତି। ଦୁଇମାସ ତଳେ ହଠାତ ବାଞ୍ଛାଙ୍କ ମୃତ୍ୟୁ ହୋଇଯିବାରୁ ବଡ଼ଭାଇ କୃଷ୍ଣ ନାଏକ ପିଲାମାନଙ୍କୁ ନିଜ ପାଖରେ ରଖିଛନ୍ତି। କିନ୍ତୁ ଦୈନିକ କାମ ପାଉ ନ ଥିବାରୁ ସେ ନିଜ ପରିବାର ସହ ୩ ଝିଆରୀ ପୁତୁରାଙ୍କ ମୁହଁରେ ଦାନା ଦେଇପାରୁ ନାହାନ୍ତି। ତେଣୁ ଏ ଦିଗରେ ପ୍ରଶାସନ ସହାୟତା କରିବାକୁ ବଡ଼ବାପା କୃଷ୍ଣ ନାଏକ ଅନୁରୋଧ କରିଛନ୍ତି। ପାଲଲହଡ଼ା ବିଡିଓ ରବି ନାରାୟଣ ମାଝି କହିଛନ୍ତି, ପିଲାମାନଙ୍କୁ କିପରି ଥଇଥାନ କରାଯିବ ସେ ନେଇ ବ୍ୟବସ୍ଥା ହେବ।

# ୩ ଦଫା ଦାବିନେଇ ଧାରଣା


ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଜନ ଜାଗ୍ରତ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ଢେଙ୍କାନାଳ ଅଫିସ,୧୫।୩**

ଢେଙ୍କାନାଳ ଜନ ଜାଗ୍ରତ ମଞ୍ଚ ପକ୍ଷରୁ ସୋମବାର ୩ ଦଫା ଦାବିନେଇ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଜିଲା ସଦର ମହକୁମାରେ ଥିବା ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ ଏବଂ ଢେଙ୍କାନାଳରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା କରିବା ସହିତ ସବୁ ବିଭାଗରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ, ବିଦ୍ୟୁତ୍ ବିଭାଗର ଅନ୍ୟାୟ ଅତ୍ୟାଚାର ବନ୍ଦ କରିବା, ସଦର ବ୍ଲକ ଦୁର୍ଗାପ୍ରସାଦ ଗ୍ରାମରେ ଥିବା ୫୭ ଏକର ବିଶିଷ୍ଟ ପୋଖରୀକୁ ହ୍ରଦ ଓ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହିତ ଉକ୍ତ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦାବି କରାଯାଇଥିଲା। ଜିଲାରେ ସିଟି ହସ୍ପିଟାଲ କରିବା ଏବଂ ଡାକ୍ତର ପଦବୀ ପୂରଣ ପାଇଁ ବାରମ୍ବାର ସଙ୍ଗଠନ ପକ୍ଷରୁ ଦାବିପତ୍ର ଦିଆଯାଇଥିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମଞ୍ଚ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଢେଙ୍କାନାଳ ସହରର ଚାରିପାଖ ତଥା ୧୫ କିଲୋମିଟର ମଧ୍ୟରେ ଥିବା ଅଞ୍ଚଳବାସୀଙ୍କ ପାଇଁ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସିଟି ହସ୍ପିଟାଲ କରିବା ପାଇଁ ଦାବି ଜୋର ଧରିଥିଲା। ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଜନ ଜାଗ୍ରତ ମଞ୍ଚ ପକ୍ଷରୁ ସୁରେନ୍ଦ୍ର କୁମାର ଦଳେଇଙ୍କ ଆହ୍ୱାନରେ ପୂର୍ଣ୍ଣଚନ୍ଦ୍ର ନାଥ, ଅନିଲ ଦାସ, ଜୟନ୍ତ ସେଠୀ, ଭଜମନ ବିଶ୍ୱାଳ, ପ୍ରଦୀପ ପଣ୍ଡା, ଶିକ୍ଷାବିତ ପ୍ରଦ୍ୟୁମ୍ନ ରଥ, ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ, କୈଳାସ ଚନ୍ଦ୍ର ବେହେରା, ଗିରିଜା ମହାନ୍ତି ପ୍ରମୁଖଙ୍କ ସମେତ ସଙ୍ଗଠନର ବହୁ ସଦସ୍ୟ ଓ ବିଶିଷ୍ଟ ବ୍ୟକ୍ତି ଧାରଣାସ୍ଥଳରେ ଉଦ୍‌ବୋଧନ ଦେଇଥିଲେ। ଏହାପରେ ସଙ୍ଗଠନର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଥିଲା।

# ବିଜୟ ବଜାୟ ଲକ୍ଷ୍ୟରେ ଭାରତ

**ଅହମଦାବାଦ, ୧୫।୩(ପି.ଟି.)**


ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜର ତୃତୀୟ ଟି୨୦ କ୍ରିକେଟ ମ୍ୟାଚ ମଙ୍ଗଳବାର ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚରେ ଇଂଲଣ୍ଡ ବିଜୟୀ ହୋଇଥିବାବେଳେ ଦ୍ୱିତୀୟ ଟି୨୦ରେ ଭାରତ ସହଜ ବିଜୟ ହାସଲ କରି ମନୋବଳ ଦୃଢ଼ କରିଛି। ବିଶେଷ କରି ବ୍ୟାଟିଂ ବିଭାଗ କ୍ଲିକ୍ କରିଥିବାରୁ ଭାରତ ବିଜୟ ବଜାୟ ରଖିବା ଲକ୍ଷ୍ୟରେ ରହିଛି।

ପ୍ରଥମ ମ୍ୟାଚରେ ଭାରତ ୮ ଉଇକେଟରେ ପରାଜିତ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ୭ ଉଇକେଟରେ ବିଜୟୀ ହୋଇ ଏହାର ମଧୁର ପ୍ରତିଶୋଧ ନେଇଥିଲା। ପଦାର୍ପଣ ମ୍ୟାଚରେ ଇଶାନ କିଷନଙ୍କ ବିସ୍ଫୋରକ ବ୍ୟାଟିଂ ଦର୍ଶନୀୟ ଥିଲା। ସେ ମାତ୍ର ୩୨ ବଲ୍‌ରୁ ୫୬ ରନ ସ୍କୋର କରି ଭାରତ ପାଇଁ ବିଜୟ ପଥ ସୁଗମ କରିଥିଲେ। ପ୍ରଥମ ଓଭରରେ ଅଭିଜ୍ଞ ଲୋକେଶ ରାହୁଲଙ୍କ ଉଇକେଟ ହରାଇଥିଲେ ହେଁ ୨୨ ବର୍ଷୀୟ କିଷନ ଚାପର ବଶବର୍ତ୍ତୀ ନ ହୋଇ ସ୍ୱାଭାବିକ ଷ୍ଟାଇଲରେ ଖେଳି ସଫଳ ହୋଇଥିଲେ। ସେ ସମ୍ମୁଖୀନ ହୋଇଥିବା ଜୋଫ୍ରା ଆର୍ଚରଙ୍କ ପ୍ରଥମ ବଲ୍‌କୁ ଚୌକାରେ ପରିଣତ କରି ଟି୨୦ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଥମ ମ୍ୟାଚରେ ଡକ୍ (୦)ରେ ଆଉଟ ହୋଇଥିବା ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଟି୨୦ରେ ମ୍ୟାଚ ବିଜୟୀ ଭୂମିକା ନିର୍ବାହ କରିଥିବାରୁ ଦଳର ଆତ୍ମବିଶ୍ୱାସ ସ୍ୱାଭାବିକଭାବେ ବଢ଼ିଛି। ଟେଷ୍ଟ ସିରିଜ ଏବଂ ପ୍ରଥମ ଟି୨୦ରେ ଖରାପ ପ୍ରଦର୍ଶନରୁ ମଧ୍ୟ କୋହଲି ମୁକୁଳିବାରେ ସକ୍ଷମ ହୋଇଛନ୍ତି।

ପ୍ରଥମ ମ୍ୟାଚରେ ରନ ଡିଫେଣ୍ଡ କରିବାରେ ଅସମର୍ଥ ରହିଥିବା ଭାରତୀୟ ବୋଲିଂ ବିଭାଗ ଦ୍ୱିତୀୟ ଟି୨୦ରେ କିନ୍ତୁ କମାଲ କରିଥିଲା। ଇଂଲଣ୍ଡ ଇନିଂସକୁ ୧୬୪ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ ଭାରତୀୟ ବୋଲର। ହାର୍ଦ୍ଦିକ ପାଣ୍ଡ୍ୟା ୪ ଓଭର ବୋଲିଂ କରିବା ସବୁଠାରୁ ବଡ଼ କଥା ଥିଲା। ଫଳରେ ଭାରତ ଜଣେ ଅତିରିକ୍ତ ବ୍ୟାଟ୍ସମ୍ୟାନ ଖେଳାଇବା ସମ୍ଭବ ହୋଇପାରିଛି। ରିଦିମକୁ ଫେରିଥିବାରୁ ଆଗାମୀ ମ୍ୟାଚରେ ମଧ୍ୟ ଭାରତୀୟ ବୋଲରମାନେ ସେପରି ପ୍ରଦର୍ଶନ କରିବା ଆଶା ରହିଛି। ଗତ ମ୍ୟାଚରେ ବ୍ୟାଟିଂକ୍ରମରେ ପଦୋନ୍ନତି ଦିଆଯାଇ ରିଷଭ ପନ୍ତଙ୍କୁ ଶ୍ରେୟାସ ଆୟାରଙ୍କ ସ୍ଥାନରେ ୪ ନମ୍ବର ସ୍ଥାନରେ ସୁଯୋଗ ଦିଆ ଯାଇଥିଲା। ବିଗ୍ ହିଟିଂ ଉଇକେଟ କିପର ନିଜସ୍ୱ ଷ୍ଟାଇଲ୍‌ରେ ଦର୍ଶନୀୟ ଶଟ୍ ସହ ଇନିଂସ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଆଗାମୀ ମ୍ୟାଚରେ ତାଙ୍କୁ ଏଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ତୃତୀୟ ଟି୨୦ ପାଇଁ ଭାରତ ବିଜୟୀ କମ୍ବିନେଶନରେ ବିଶେଷ ପରିବର୍ତ୍ତନ କରିବା ସମ୍ଭାବନା ନାହିଁ। ତେବେ ବିଶ୍ରାମ ପରେ ଓପନର ରୋହିତ ଶର୍ମା ପ୍ରତ୍ୟାବର୍ତ୍ତନ କରିଥିବାରୁ ସେ ଖେଳିବା ସମ୍ଭବନା ଅଧିକ। ଯୁବ ଓପନର କିଷନ ନିଜ ପ୍ରଥମ ମ୍ୟାଚରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ତେଣୁ ତାଙ୍କୁ ବାଦ୍ ଦେବା ସମ୍ଭବ ହେବନାହିଁ। ତେବେ ୨ଟି ଯାକ ଟି୨୦ରେ ବିଫଳ ହୋଇଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ରୋହିତ ଦଳରେ ପ୍ରବେଶ କରିପାରନ୍ତି। ଆସନ୍ତା ଅକ୍ଟୋବରରେ ହେବାକୁଥିବା ଆଇସିସି ଟି୨୦ ବିଶ୍ୱକପ ପାଇଁ କୋର୍ ଗ୍ରୁପ୍ ଗଠନ କରିବା ଭାରତୀୟ ଦଳର ମୁଖ୍ୟ ଉଦ୍ଦେଶ୍ୟ ରହିଛି।

ଆହତ ସମସ୍ୟାରେ ଥିବାରୁ ମାର୍କ ଉଡ୍‌ଙ୍କ ବିନା ଇଂଲଣ୍ଡର ବୋଲିଂ ଆକ୍ରମଣ ଧାରହୀନ ମନେ ହୋଇଥିଲା। ତେବେ ସେ ଆଗାମୀ ମ୍ୟାଚପାଇଁ ଦଳକୁ ଫେରିବେ ବୋଲି ଅଧିନାୟକ ଇଅନ ମୋର୍ଗାନ ସ୍ପଷ୍ଟ କରିଛନ୍ତି। ଓପନର ଜାସନ ରୟ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଉଭୟ ଗେମ୍‌ରେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଛନ୍ତି। ସେ ଆଗାମୀ ମ୍ୟାଚରେ ଏହିଧାରା ଭାଙ୍ଗିବାକୁ ନିଶ୍ଚିତ ଚେଷ୍ଟା କରିବେ। ସିରିଜ ୧-୧ ସ୍ଥିତିରେ ଥିବାରୁ ଆଗାମୀ ମ୍ୟାଚ ଜିତି ଅଗ୍ରଣୀ ନେବାକୁ କଡ଼ା ଟକ୍କର ହେବା ନିଶ୍ଚିତ। ତୃତୀୟ ଟି୨୦ ଖେଳାଯିବାକୁଥିବା ନୂଆ ପିଚ୍ ଲାଲ ମାଟିଯୁକ୍ତ ହୋଇଥିବାରୁ ସ୍ପିନରମାନେ ଫାଇଦାରେ ରହିବା ସମ୍ଭାବନା ଅଛି।



ହାର୍ଦ୍ଦିକ ପାଣ୍ଡ୍ୟା, ଇଶାନ କିଷନ ଓ ଅଧିନାୟକ ବିରାଟ କୋହଲି ଏକ ବିଶେଷ ମୁହୂର୍ତ୍ତରେ।

## ତୃତୀୟ ଟି୨୦ ଆଜି

### ରାହୁଲଙ୍କ ସ୍ଥାନ ନେଇପାରନ୍ତି ରୋହିତ



**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ରୋହିତ ଶର୍ମା (ଉପଅଧିନାୟକ), ଇଶାନ କିଷନ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ କିପର), ସୂର୍ଯ୍ୟକୁମାର ଯାଦବ, ହାର୍ଦ୍ଦିକ ପାଣ୍ଡ୍ୟା, ଯୁଜବେନ୍ଦ୍ର ଚହଲ, ଭୁବନେଶ୍ୱର କୁମାର, ୱାଶିଂଟନ ସୁନ୍ଦର, ଶାର୍ଦ୍ଦୁଳ ଠାକୁର, ଲୋକେଶ ରାହୁଲ, ଶିଖର ଧାୱନ, ଅକ୍ଷର ପଟେଲ, ନଭଦୀପ ସଇନି, ଦୀପକ ଚହର, ରାହୁଲ ଟେୱାଟିଆ ।
**ଇଂଲଣ୍ଡ ଦଳ:** ଇଅନ ମୋର୍ଗାନ (ଅଧିନାୟକ), ଜୋସ ବଟଲର, ଜାସନ ରୟ, ଲିଆମ ଲିଭିଂଷ୍ଟୋନ, ଡାୱିଦ ମଲନ, ବେନ୍ ଷ୍ଟୋକ୍ସ, ମୋଇନ ଅଲୀ, ଆଦିଲ ରଶିଦ, ରିଜି ଟେପ୍‌ଲେ, କ୍ରିସ୍ ଜୋର୍ଡାନ, ମାର୍କ ଉଡ୍, ସାମ୍ କୁରାନ, ଟମ୍ କୁରାନ, ସାମ୍ ବିଲିଙ୍ଗ୍ସ, ଜନି ବେୟାରଷ୍ଟୋ, ଜୋଫ୍ରା ଆର୍ଚର।
**ମ୍ୟାଚ ଆରମ୍ଭ: ରାତି ୭ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**



# ସଞ୍ଜୀନାଙ୍କ ସହ ବୁମ୍‌ରାଙ୍କ ବିବାହ

**ନୂଆଦିଲ୍ଲୀ, ୧୫।୩:** ସୋମବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି ଭାରତୀୟ କ୍ରିକେଟର ଯଶପ୍ରୀତ୍ ବୁମ୍‌ରା। ସେ ଟିଭି ଉପସ୍ଥାପିକା ସଞ୍ଜନା ଗଣେସନଙ୍କୁ ବିବାହ କରିଛନ୍ତି। ସୋସିଆଲ ମିଡିଆରେ ସେ ତାଙ୍କ ବିବାହ ଉତ୍ସବର ଦୁଇଟି ଫଟୋ ଶେୟାର କରିଛନ୍ତି। ସୋମବାର ଆମ ଦୁଇଜଣଙ୍କ ଜୀବନର ଅନ୍ୟତମ ଶ୍ରେଷ୍ଠ ଖୁସିର ମୁହୂର୍ତ୍ତ ବୋଲି ସେ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଚଳିତ ଇଂଲଣ୍ଡ ବିପକ୍ଷ ସିରିଜରୁ ବୁମ୍‌ରାଙ୍କୁ ଛୁଟି ମଞ୍ଜୁର କରିଥିଲା। ସେତେବେଳେ ବୁମ୍‌ରା ନିକଟରେ ଗଣେସନଙ୍କୁ ବିବାହ କରିବାକୁ ଯାଉଛନ୍ତି ବୋଲି ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହି ଷ୍ଟାର ଫାଷ୍ଟ ବୋଲରଙ୍କ ବିବାହ ଖବର ପ୍ରକାଶ ପାଇବା ପରେ ନବଦମ୍ପତିଙ୍କ ପାଖକୁ ଅଭିନନ୍ଦନର ସୁଅ ଛୁଟିଛି।

# ବୋଲିଂର ପ୍ରଭାବ

**ଭିଭିଏସ୍ ଲକ୍ଷ୍ମଣ**

ଇଂଲଣ୍ଡ ବିପକ୍ଷ ପ୍ରଥମ ଅନ୍ତର୍ଜାତୀୟ ଟି୨୦ରେ ପରାଜୟ ପରେ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ ଦ୍ୱାରା ଦ୍ୱିତୀୟ ମ୍ୟାଚରେ ସଫଳ ପ୍ରତ୍ୟାବର୍ତ୍ତନ କରିପାରିଛି ଭାରତ। ବିରାଟ କୋହଲି ଟସ୍ ଜିତିବା ମ୍ୟାଚ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ବୋଲିଂ ନେବା ପରେ ଦଳକୁ ଭଲ ଆରମ୍ଭ ଦେଇଥିଲେ ବୋଲର ଭୁବନେଶ୍ୱର କୁମାର। ସେ ପ୍ରଥମ ଓଭରରେ ଜୋସ୍ ବଟଲରଙ୍କୁ ଆଉଟ କରିଦେଇଥିଲେ। ସେ ଜାଣିପାରିଥିଲେ ପିଚ୍‌ରେ ସୁଇଙ୍ଗ ବୋଲିଂର ଆବଶ୍ୟକତା ନାହିଁ। ନୂଆ ବଲ୍‌ରେ ବିଭିନ୍ନତା ଆଣି ବ୍ୟାଟ୍ସମ୍ୟାନମାନଙ୍କୁ ସମସ୍ୟାରେ ପକାଇଥିଲେ। ଅଭିଜ୍ଞତା ଦୃଷ୍ଟିରୁ ସେ ପିଚ୍‌ରେ କେଉଁ ଭଳି ବୋଲିଂ କରିବାକୁ ହେବ ତାହା ନିଜେ ଠଉରେଇ ନେଇଥିଲେ। ୱାଶିଂଟନ ସୁନ୍ଦର ଡେଙ୍ଗା ବ୍ୟକ୍ତି ହୋଇଥିବାରୁ ତାହାର ସେ ଠିକଣା ଉପଯୋଗ କରି ଚତୁର ବୋଲିଂ କରିଥିଲେ। ଯୁଜେବେନ୍ଦ୍ର ଚହଲ ଆଉଟ ସାଇଡ୍ ଅଫ୍ ଲାଇନ୍ ବୋଲିଂ କରି ଜାସନ ରୟଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲେ। ଡେଥ୍ ଓଭରରେ ଶାର୍ଦ୍ଦୁଳ ଠାକୁରଙ୍କ ବୋଲିଂ ଉଚ୍ଚକୋଟୀର ରହିଥିଲା। ଶେଷ ୫ ଓଭରରେ ଇଂଲଣ୍ଡକୁ ନିୟନ୍ତ୍ରଣରେ ରଖିପାରିଥିଲା ଭାରତ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୫ମ ବିକଳ୍ପ ବୋଲର ଭାବେ ନେବା ଦଳର ଏକ ଭଲ ନିଷ୍ପତ୍ତିଥିଲା। ରବିବାର ରାତିରେ ବିରାଟ ତାଙ୍କର ଠିକଣା ଉପଯୋଗ କରିପାରିଥିଲେ। ହେଲେ ଶିଖର ଧାୱନଙ୍କ ଭଳି ଜଣେ ପୁରୁଖା ଖେଳାଳିଙ୍କୁ ମାତ୍ର ଗୋଟିଏ ସୁଯୋଗ ପରେ ଦଳରୁ ବାଦ୍ ଦିଆଯିବା ଠିକ୍ ନ ଥିଲା ବୋଲି ମୋର ମନେ ହୁଏ। କିନ୍ତୁ ମୋଟେରାରେ ତାଙ୍କ ସ୍ଥାନରେ ଯେଉଁ ଖେଳାଳିଙ୍କୁ ନିଆଗଲା ସେ ଚମତ୍କାର ବ୍ୟାଟିଂ କଲେ। ସେ ହେଉଛନ୍ତି ଇଶାନ କିଷନ। ଗତ ଆଇପିଏଲ୍‌ରେ ସେ ଚମତ୍କାର ଫର୍ମରେ ରହିଥିଲେ। ପରେ ଘରୋଇ ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ଖୁବ୍ ଭଲ ରହିଥିଲା। ପଦାର୍ପଣରେ ଏଭଳି ଇନିଂସ ନିଶ୍ଚିତ ସ୍ୱାଗତଯୋଗ୍ୟ। ରିଷଭ ପନ୍ତଙ୍କ ଭଳି ସେ ବ୍ୟାଟିଂରେ ଦକ୍ଷ ମନେହେଉଛନ୍ତି। ଏଥର କିନ୍ତୁ ଇଶାନଙ୍କ ଆକ୍ରମଣାତ୍ମକ ବ୍ୟାଟିଂ ଦ୍ୱାରା ଭାରତୀୟ ଅଧିନାୟକ ଚାପମୁକ୍ତ ହୋଇ ଖେଳିପାରିଲେ। ୭ ଉଇକେଟରେ ବିଜୟ ସହ ସିରିଜକୁ ଚମତ୍କାର ପ୍ରତ୍ୟାବର୍ତ୍ତନ ଦ୍ୱାରା ଟି୨୦ରେ ଭାରତର ପ୍ରଭାବ ଅବ୍ୟାହତ ରହିଛି ବୋଲି ପୁଣି ପ୍ରମାଣିତ ହୋଇପାରିଛି। ବିଶ୍ୱର ଏହି ଦୁଇ ଶ୍ରେଷ୍ଠ ଟି୨୦ ଦଳ ଆଗକୁ ଆହୁରି ତିନୋଟି ମ୍ୟାଚ ଖେଳିବେ। ଫଳାଫଳକୁ ନେଇ ଖେଳପ୍ରେମୀଙ୍କର ଉତ୍କଣ୍ଠା ରହିବ ବୋଲି ଆଶା। -(ଗେମ୍‌ପ୍ଲାନ୍)

SEAGRAM'S
ROYAL STAG
PACKAGED DRINKING WATER

# ରେଲୱେ, ଛାତ୍ରାବାସ, ରାଇଜିଂ ବିଜୟୀ

**ଭୁବନେଶ୍ୱର, ୧୫।୩(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଓଡ଼ିଶା ଓମେନ୍ସ ଲିଗ୍ (ଓଡବ୍ଲ୍ୟୁଏଲ)ର ରବିବାର ଅନୁଷ୍ଠିତ ୩ଟି ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ, କ୍ରୀଡ଼ା ଛାତ୍ରାବାସ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି।

କ୍ୟାପିଟାଲ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଇଷ୍ଟକୋଷ୍ଟ ରେଲୱେ ୩-୦ ଗୋଲରେ ଓଡ଼ିଶା ପୋଲିସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ସରୋଜିନୀ ତିର୍କୀ ୩୩ ଓ ୯୦ତମ ମିନିଟରେ ୨ଟି ଏବଂ ତାରା ଖାତୁନ ୪୯ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ଏହି ପଡ଼ିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ୫-୦ ଗୋଲରେ ଓଜିପି କ୍ଲବକୁ ପରାସ୍ତ କରିଛି। ରାଇଜିଂ ଅଧିନାୟିକା ସତ୍ୟବତୀ ଖାଡ଼ିଆ ୬୦ ଓ ୭୬ ଏବଂ ସୁମିତ୍ରା ଖାଲ୍‌କୋ ୫୦ ଓ ୫୯ତମ ମିନିଟରେ ୨ଟି ଲେଖାଏ ଏବଂ ଯଶୋଦା ମୁଣ୍ଡା ୪୨ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ।

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ସ୍ପୋର୍ଟ୍ସ ହଷ୍ଟେଲ ୬-୪ ଗୋଲରେ ସାଇ-ଏସଟିସିକୁ ପରାସ୍ତ କରିଛି। ବିଜୟୀ ଦଳର ଦୀପ୍ତିରାଣୀ କୁଜୁର ୬୭, ୮୩ ଓ ୮୮ତମ ମିନିଟରେ ୩ଟି, ମନୀଷା ନାଏକ ୬ଷ୍ଠ ଓ ୪୫+୪ତମ ମିନିଟରେ ୨ଟି ଏବଂ ଶ୍ରୀଦେବୀ ହାଂସଦା ୨୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ସାଇ ପକ୍ଷରୁ ଦୀପା ନାୟକ ୨୨, ୭୫ ଓ ୮୦ତମ ମିନିଟରେ ୩ଟି ଏବଂ ବର୍ଷା ମହାକୁଡ଼ ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ୧୮ ତାରିଖରେ ଓଡ଼ିଶା ପୋଲିସ-ସାଇ ଏସ୍‌ଟିସି, ରେଲୱେ-ଓଜିପି ଏବଂ ସ୍ପୋର୍ଟ୍ସ ହଷ୍ଟେଲ-ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ମୁକାବିଲା ହେବ।

## ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ



ମ୍ୟାଚ୍ ଜିତିବା ପରେ କ୍ରୀଡ଼ା ଛାତ୍ରାବାସ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

# ଓଡ଼ିଶା ପାଇଁ ଗୌରବ ଆଣିଲେ ବବ୍‌ଲୁ

**ଯୋଡା, ୧୫।୩(ଡି.ଏନ୍.ଏ.)**

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌ର ସାମାଜିକ ଶାଖା ଜେଏସପିଏଲ୍ ଫାଉଣ୍ଡେଶନ ଦ୍ୱାରା ପ୍ରୋତ୍ସାହିତ ହୋଇଥିବା କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ର ସିଆଳିଯୋଡା ଗ୍ରାମର ବବଲୁ ମୁଣ୍ଡା ୧୯ତମ ଜାତୀୟ ଜୁନିୟର ଉଷୁ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ପୁଣିଥରେ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ହରିୟାଣାର ଫତେହାବାଦଠାରେ ଏହି ପ୍ରତିଯୋଗିତା ମାର୍ଚ୍ଚ ୧୦ରୁ ୧୫ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଚ୍ ପଙ୍କଜ ମହାନ୍ତଙ୍କ ନେତୃତ୍ୱରେ ବବଲୁ ମୁଣ୍ଡାଙ୍କ ସମେତ ୪ଜଣ ଖେଳାଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲେ । ୪୮ କିଲୋ ବର୍ଗରେ ବବଲୁ ମୁଣ୍ଡା ମଣିପୁର ରାଜ୍ୟର ପ୍ରତିଯୋଗୀ ଲାଇସରାମଙ୍କୁ ପରାସ୍ତ କରି ଏହି ପଦକ ହାସଲ କରିଥିଲେ। ବବଲୁଙ୍କର ଏହି ଉଚ୍ଚକୋଟିର ପ୍ରଦର୍ଶନ ପାଇଁ ଜେଏସପିଏଲ୍‌ର ଅଧକ୍ଷା ସାଲୁ ଜିନ୍ଦଲ ତାଙ୍କୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଏହି ଆଦିବାସୀ ଅଧୁଷିତ ଅଞ୍ଚଳରୁ ଅନେକ ପ୍ରତିଭା ରାଜ୍ୟ ତଥା ଦେଶପାଇଁ ଗୌରବ ଆଣିବେ ବୋଲି କହିଥିଲେ। ବବଲୁଙ୍କର ପ୍ରଶିକ୍ଷକ, ଓଡ଼ିଶା ଉଷୁ ଆସୋସିଏସନ୍ ଏବଂ କେନ୍ଦୁଝର ଉଷୁ ଆସୋସିଏସନ୍ ତାଙ୍କର ଏହି ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବରୁ ୨୦୧୮ରେ ବବଲୁ ବ୍ରୁନେଇରେ ଅନୁଷ୍ଠିତ ୭ମ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ ରୌପ୍ୟପଦକ ଏବଂ ୨୦୧୯ରେ ବ୍ରାଜିଲ୍‌ରେ ଅନୁଷ୍ଠିତ ୧୦ମ ଏସିଆନ୍ ଉଷୁ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଥିଲେ । ଏ ପର୍ଯ୍ୟନ୍ତ ବବଲୁ ସମୁଦାୟ ୨୫ଟି ଜାତୀୟ ଓ ଅନ୍ତର୍ଜାତୀୟ ଉଷୁ ପ୍ରତିଯୋଗିତାରେ କୃତିତ୍ୱ ହାସଲକରି ୨୨ଟି ପଦକ ଜିତିଛନ୍ତି।

## ଉଷୁ ପ୍ରତିଯୋଗିତାରେ ଜିତିଲେ ସ୍ୱର୍ଣ୍ଣ ପଦକ



ସ୍ୱର୍ଣ୍ଣପଦକ ବିଜୟୀ ବବ୍‌ଲୁ ମୁଣ୍ଡା (ଡାହାଣ)।

# ରଶ୍ମିରଞ୍ଜନ ମିଷ୍ଟର ଓଡ଼ିଶା ୨୦୨୧

**ଭୁବନେଶ୍ୱର, ୧୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ରଶ୍ମି ରଞ୍ଜନ ସାହୁ ମିଷ୍ଟର ଓଡ଼ିଶା ୨୦୨୧ ବିବେଚିତ ହୋଇଛନ୍ତି। ପୁରୁଣା ଭୁବନେଶ୍ୱର ବଡିବିଲ୍ଡିଂ ଆସୋସିଏଶନ ଏବଂ ଶ୍ରୀଶ୍ରୀ ଲିଙ୍ଗରାଜ ସେନାର ମିଳିତ ଆନୁକୂଲ୍ୟରେ ଦୁଇଦିନ ଧରି ୧୮ତମ ସିନିୟର ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଚାଲିଥିଲା। ଶ୍ରୀଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ଭଜନ ମଣ୍ଡପରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୫୫କେଜି ବିଭାଗରେ ସଞ୍ଜିତ୍ ବେହେରା (ବାଲେଶ୍ୱର), ଗୋଦାବରୀ ଶତପଥୀ (ପୁରୀ) ଓ ଶୁଭକାନ୍ତ ମଲ୍ଲିଆ (ଭୁବନେଶ୍ୱର); ୬୦ କେଜି ବିଭାଗରେ ଚନ୍ଦନ କୁମାର ସାହୁ (ଗଞ୍ଜାମ), ମନୋଜକୁମାର ପ୍ରଧାନ (କଟକ), ସୌର ଅମ୍ଳାନଜ୍ୟୋତି ମହାନ୍ତି (ଜଗତ୍‌ସିଂହପୁର); ୬୫କେଜିରେ ବିଚିତ୍ର ନାୟକ (ଭୁବନେଶ୍ୱର), ରୋହନ ଡିଗାଲ (ଭୁବନେଶ୍ୱର) ଓ ରାକେଶ କୁମାର ପାଢ଼ୀ (ପୁରୀ); ୮୦କେଜିରେ ଭବାନୀ ଶଙ୍କର ପୃଷ୍ଟି (ବରଗଡ଼), ଲୋକନାଥ ମୁନିରତ୍ନ (ପୁରୀ), ବିଶ୍ୱରଞ୍ଜନ କର (ପୁରୀ); ୮୫କେଜିରେ ଅମିୟ କୁମାର ସେଠୀ (ଜଗତ୍‌ସିଂହପୁର), ବାପି ସାହୁ (ଭୁବନେଶ୍ୱର), ବିକାଶ ଚନ୍ଦ୍ର ବେହେରା(ଗଞ୍ଜାମ); ୯୦କେଜି ଶ୍ରେଣୀରେ ରଶ୍ମିରଞ୍ଜନ ସାହୁ (ଭୁବନେଶ୍ୱର), ନିରୋଜ ପାଢ଼ୀ (ରାୟଗଡ଼ା) ଓ ସୁବାସ ଶ୍ରେଷ୍ଠ (ଓଡ଼ିଶା ପୋଲିସ); ୧୦୦କେଜିରେ କୁମାର ଭରତ (ଭୁବନେଶ୍ୱର), ଅରଜିତ୍ ଜେନା (ପୁରୀ), ରାକେଶ ପ୍ରଧାନ (ବଲାଙ୍ଗୀର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ।

ଏହାଛଡ଼ା ଫିଟ୍‌ନେସ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ମଧ୍ୟ ହୋଇଥିଲା। ମହିଳା ଫିଟ୍‌ନେସରେ ଜ୍ୟୋତ୍ସ୍ନାରାଣୀ ରାଉତରାୟ (ଭୁବନେଶ୍ୱର), ଶିବାନୀ ଦାଶ (ଅନୁଗୋଳ), ପ୍ରର୍ଯ୍ୟକ୍ତା ଦାସ (ଭୁବନେଶ୍ୱର) ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଏହି ପ୍ରତିଯୋଗିତା ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ, ସାଧାରଣ ସମ୍ପାଦକ ପ୍ରସନ୍ନ ମହାସୁଆର, ଶ୍ରୀଶ୍ରୀ ଲିଙ୍ଗରାଜ ସେନା ସଭାପତି ରାଜେନ୍ଦ୍ର କୁମାର ସମର୍ଥାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମନ୍ତ୍ରୀ ଅଶୋକ କୁମାର ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜେଡି ଜିଲା ସଭାପତି ବିରଞ୍ଚି ନାରାୟଣ ମହାସୁପକାର, ରାଜ୍ୟ ଗୃହ ବିଭାଗ ସ୍ୱତନ୍ତ୍ର ସଚିବ (ଏଡିଜିପି) ସନ୍ତୋଷ ବାଲା, ପିସି କଲଚର ଚେୟାରମ୍ୟାନ ଅସିତ ତ୍ରିପାଠୀ, ଡ. ଲିଙ୍ଗରାଜ ରଥ, ଓଡ଼ିଶା ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଜଳେଶ୍ୱର କହଁର, ସହକାରୀ ନିର୍ଦ୍ଦେଶକ ସ୍ପୋର୍ଟ୍ସ ଆଣ୍ଡ୍ କଲଚର (ପିଏମ୍‌ଜି)ମହମ୍ମଦ ଆସିଫ ଜାକି ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା



ମିଷ୍ଟର ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହ।

ଧରିତ୍ରୀ
DHARITRI
ମଙ୍ଗଳବାର, ୧୬ ମାର୍ଚ୍ଚ, ୨୦୨୧



ବଲିଉଡ୍ ଅଭିନେତା ଅକ୍ଷୟ କୁମାର ମାଳଦ୍ୱୀପରେ ପରିବାର ସହ ଛୁଟି ମନାଉଛନ୍ତି। ଅକ୍ଷୟ ୱାଟର ସ୍ଲାଇଡିଂ କରୁଥିବା ଏକ ମଜାଦାର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ଅକ୍ଷୟ କ୍ୟାପଶନ ଲେଖିଛନ୍ତି, ଛୁଟିର ଶେଷ ଦିନ। ଅକ୍ଷୟଙ୍କ ପୂର୍ବରୁ ଟ୍ୱିଙ୍କଲ ଖାନା ବି ମାଳଦ୍ୱୀପରେ ଛୁଟି କାଟୁଥିବାବେଳେ ଅନେକ ଫଟୋ ଶେୟାର କରିଥିଲେ। ତାଙ୍କ ସହ ଭଉଣୀ ରିଙ୍କି ଖାନା ମଧ୍ୟ ଥିଲେ। ଅକ୍ଷୟଙ୍କ ପୂରା ପରିବାର ଏବେ ମାଳଦ୍ୱୀପରେ।





# ବୟ୍‌ଫ୍ରେଣ୍ଡଙ୍କ ବିନା ଜନ୍ମଦିନ ପାଳିଲେ ଆଲିଆ

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଆଲିଆ ଭଟ୍ଟ ସୋମବାର ତାଙ୍କର ୨୮ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସେ ଏକ ପାର୍ଟିର ଆୟୋଜନ କରିଥିଲେ। ଏହି ପାର୍ଟିରେ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ। କିନ୍ତୁ ଏଥର ତାଙ୍କ ସହ ବୟଫ୍ରେଣ୍ଡ ରଣବୀର କପୁର ଉପସ୍ଥିତ ନ ଥିଲେ। କରୋନା ଆକ୍ରାନ୍ତ ହୋଇଥିବାରୁ ସେ ଏବେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ନିର୍ଦ୍ଦେଶକ କରଣ ଜୋହରଙ୍କ ଘରେ ଆଲିଆଙ୍କ ଜନ୍ମଦିନ ପାର୍ଟି ଆୟୋଜନ କରାଯାଇଥିଲା। ଏଥିରେ ରଣବୀର ସିଂ, ଦୀପିକା ପାଦୁକୋନ, ଆଦିତ୍ୟ ରୟ କପୁର, ଅର୍ଜୁନ କପୁର, ମଲାଇକା ଅରୋରାଙ୍କ ସମେତ ଅନେକ ସେଲିବ୍ରିଟି ଯୋଗ ଦେଇଥିଲେ। ଆଲିଆ ଫିଲ୍ମ 'ଆର୍‌ଆର୍‌ଆର୍'ରେ ସୀତା ଭୂମିକାରେ ନଜର ଆସିବେ। ତାଙ୍କ ଜନ୍ମଦିନରେ ଫିଲ୍ମର ଫାର୍ଷ୍ଟ ଲୁକ ରିଲିଜ ହୋଇଛି। ଏଥିରେ ଆଲିଆଙ୍କ ଲୁକ୍‌ସକୁ ଦେଖି ତାଙ୍କୁ ଚାରିଆଡୁ ପ୍ରଶଂସା ମିଳିବାରେ ଲାଗିଛି।

# ଶିଶୁଙ୍କ ଲାଗି ଆସୁଛି କରୋନା ଟିକା



ମହାମାରୀ ପାଇଁ ଟିକା ପ୍ରାଥମିକ ଭାବେ କରୋନା ଯୋଦ୍ଧାମାନଙ୍କୁ ମିଳିବା ପରେ ପରବର୍ତ୍ତୀ ସମୟରେ ଶିଶୁମାନଙ୍କ ପାଇଁ କୋଭିଡ୍ ଟିକା ଚିନ୍ତା କରାଯାଉଛି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଶିଶୁଙ୍କ ପାଇଁ କୋଭିଡ୍ ଟିକା ଉପଲବ୍ଧ ହୋଇପାରିବ ବୋଲି କୋଭିଶିଲ୍ଡ ଟିକା ପ୍ରସ୍ତୁତକର୍ତ୍ତା ଜଣାଇଛନ୍ତି। ସେମାନେ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଯଦି ଶିଶୁମାନେ କୋଭିଡ୍ ପଜିଟିଭ ବୋଲି ଜଣାପଡ଼ନ୍ତି ତେବେ ସମ୍ପୃକ୍ତ ଟିକାରୁ ଏକ ବଟିକା ମଧ୍ୟ ବିକଶିତ କରାଯାଇପାରିବ। ସେହିପରି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଚଳିତବର୍ଷ ଶେଷସୁଦ୍ଧା ବ୍ୟବହାର ଉପଯୋଗୀ ଆଉ ଚାରି ପ୍ରକାର କୋଭିଡ୍ ଟିକା ପ୍ରସ୍ତୁତ କରିବ ବୋଲି ଜଣାଯାଇଛି। କରୋନା ସଂକ୍ରମଣ ଯୋଗୁ ଭାରତ ସମେତ ବିଶ୍ୱର ଅନ୍ୟ ସବୁ ଦେଶରେ ପିଲାମାନଙ୍କ ଟିକାକରଣ କାର୍ଯ୍ୟକ୍ରମ ପ୍ରଭାବିତ ହୋଇଛି। ପୋଲିଓ, ମିଳିମିଳା ଓ ଅନ୍ୟ କେତେକ ରୋଗର ନିରାକରଣ ପାଇଁ ପିଲାମାନଙ୍କୁ ଟିକା ଦିଆଯାଇଥାଏ। କିନ୍ତୁ ଏହି କାର୍ଯ୍ୟକ୍ରମ ବନ୍ଦ ହେବା ଯୋଗୁ ପିଲାମାନେ ଏଭଳି ରୋଗର ଶିକାର ହେବା ସମ୍ଭାବନା ରହିଛି। ପିଲାମାନେ କରୋନା ଦ୍ୱାରା ପ୍ରଭାବିତ ହେବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବହୁ ବିଳମ୍ବରେ ସରକାର ପ୍ରଥମେ କରୋନା ଟିକା ଉପଲବ୍ଧ କରାଇବା ପରେ ଏବେ ପାରମ୍ପରିକ ଟିକାକରଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ କରୋନା ସଂକ୍ରମଣ ଯୋଗୁ ପୂର୍ବ ଟିକାରୁ ବଞ୍ଚିତ ପିଲା ଏହି ସଂକ୍ରମଣକୁ ସାମ୍ନା କରିବାର ସମ୍ଭାବନା ରହିଛି। ସେହିପରି ଅନେକ ଅଭିଭାବକ ପିଲାମାନଙ୍କୁ ଟିକା ଦେବାକୁ ଡାକ୍ତରଖାନାକୁ ନେଲାବେଳେ କରୋନା ସଂକ୍ରମଣର ଭୟ ରଖି ତାଙ୍କୁ ଟିକା ଦେଉନାହାନ୍ତି। ତେଣୁ କରୋନା ସଂକ୍ରମଣ ପରେ ପୋଲିଓ, ମିଳିମିଳା ଓ ଅନ୍ୟ ରୋଗ ବ୍ୟାପକ ବ୍ୟାପିବାର ସମ୍ଭାବନା ରହିଛି। କରୋନା ଟିକା ପାଇଁ ସରକାର ସମସ୍ତ କଳ ଓ ବଳ ଲଗାଇ ଦେଇଥିବାରୁ ପିଲାଙ୍କ ଟିକାକରଣ ପ୍ରସ୍ତୁତି ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି।

ଆଜିକାଲି ଶିଶୁମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ବହୁ ଅସାଧ୍ୟ ରୋଗର ପ୍ରତିଷେଧକ ଟିକା ବାହାରିଲାଣି ଓ ଅନେକ ନୂଆ ନୂଆ ଟିକା ଉଦ୍ଭାବନ ପାଇଁ ମଧ୍ୟ ନିରନ୍ତର ଗବେଷଣା ଚାଲୁ ରହିଛି। ତେବେ ଯେଉଁ ପ୍ରତିଷେଧକ ବ୍ୟବସ୍ଥା ରୋଗ ମୂଳୋତ୍ପାଟନରେ ସାହାଯ୍ୟ କରେ ସେଗୁଡ଼ିକ ହେଲା- ପୋଲିଓବୁନ୍ଦା, ବିସିଜି, ଡିପିଟି, ମିଳିମିଳା - ମମ୍ପସ୍‌ରୁ ବେଲା, ହେପାଟାଇଟିସ-ବି, ରାବିସ ଭାକ୍‌ସିନ (କୁକୁର କାମୁଡ଼ା ଟିକା), ଟିଟାନସ୍ ଟକ୍ସଏଡ୍, ଡିପ୍‌ଥେରିଆ- ଟିଟାନସ୍ ଟିକା (ଡିଟି), ରୁବେଲା ହୋଇଥିବା ଟିକାଗୁଡ଼ିକ ହେଲା- ହିମୋଫାଇଲସ୍ ଟାଇପ ବି: ଏହା ଏକ ଜୀବାଣୁଜନିତ ରୋଗ ଯଥା- କାନପାଚିବା, ନିମୋନିଆ, ମସ୍ତିଷ୍କ ମେନିନ୍‌ଜାଇଟସ୍; ଯାହା ଏହି ଜୀବାଣୁ ଦ୍ୱାରା ସାଧାରଣତଃ ହୋଇଥାଏ ତାକୁ ପ୍ରତିରୋଧ କରିଥାଏ। ଏହାର ତିନିମାତ୍ରା ଇଞ୍ଜେକ୍ସନ ୧ ମାସ ବା ୨ମାସ ବ୍ୟବଧାନରେ ଅଲଗା ବା ଅନ୍ୟ ଟିକା ସାଙ୍ଗରେ ଯଥା ଡିପିଟିଯୁକ୍ତ ହେପାଟାଇଟିସ- ସି ସାଙ୍ଗରେ ମିଶାଇ ନେଇ ହେବ। ଏହି ଟିକା ଦେଢ଼ ମାସ ବୟସରୁ ଆରମ୍ଭ ହେଲା। ହେପାଟାଇଟିସ 'ଏ'ର ଟିକା ୧ବର୍ଷ ବୟସ ପରେ ନେଇ ହୁଏ। ୨ମାତ୍ରା ଇଞ୍ଜେକ୍ସନ ୬ମାସରୁ ୧ ବର୍ଷ ବ୍ୟବଧାନରେ ଦିଆହୁଏ। ଚିକେନ ପକ୍ସ : ଏହା ଶୀତ ଋତୁରେ ଅଧିକ ହୁଏ। ଏହାର ଟିକା ୧ବର୍ଷ ବା ୨ ବର୍ଷ ବୟସ ପରେ ଦେଇହେବ। ଟାଇଫଏଡ୍ ଟିକା ଯଦିଓ ପୁରୁଣା ସେଗୁଡ଼ିକ ଅଧିକ ଜ୍ୱର କରୁଥିବାର ଏବେ ନୂତନ ଶୈଳୀରେ କମ୍ ସାଇଡ୍ ଇଫେକ୍ଟ ଥିବା ଟିକା ବାହାରିଛି, ଏହାକୁ ନେଲେ ତିନିରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରୋଟେକ୍ସନ ମିଳିଥାଏ। ଏହାର ଟିକା ଦୁଇବର୍ଷ ପରେ ଇଞ୍ଜେକ୍ସନର ଗୋଟିଏ ମାତ୍ରା ଦିଆଯାଏ- ୬ ବର୍ଷରୁ ଅଧିକ ପିଲା ପାଟିବାଟେ କ୍ୟାପସୁଲ ଆକାରରେ ଟିକା ଖାଇପାରିବେ। ଇନ୍‌ଫ୍ଲୁଏନ୍‌ଜା: ଏହା ପ୍ରତିବର୍ଷ ନେବାକୁ ପଡ଼େ। ନିମୋକୋକାଲ ଟିକା: ଏହା ପ୍ଲୀହା କାଢ଼ି ଦିଆଯାଇଥିବା (ସିକିଲସେଲ ରୋଗୀ) ଶିଶୁମାନଙ୍କୁ, ଏଡ୍‌ସ ରୋଗୀ, ଥାଲାସେମିଆ ରୋଗୀମାନଙ୍କୁ ଦିଆଯାଇଥାଏ। ଏହାଛଡ଼ା ମେନିଙ୍ଗୋକୋକାଲ ମେନିନ୍‌ଜାଇଟିସ୍ ଓ ଜାପାନିଜ୍ ଏନସେଫାଲାଇଟିସ୍ ଟିକା ମଧ୍ୟ ବାହାରିଛି। ଏଗୁଡ଼ିକ ଏପିଡେମିକ ସମୟରେ ଯଥା- ଦିଲ୍ଲୀ ଓ ଆଖପାଖ ଅଞ୍ଚଳରେ ଖରାଦିନେ ଏବଂ ଆମ ଓଡ଼ିଶାରେ କଳାହାଣ୍ଡିରେ ମେନିଙ୍ଗୋକୋକାଲ ମେନିଜାଇଟିସର ଏପମଡେମିକ ହୁଏ। ତେଣୁ ଏହି ରୋଗ ଦେଖାଦେଲା ମାତ୍ରେ ଉପରୋକ୍ତ ଟିକା ସମସ୍ତେ ନେବା ଆବଶ୍ୟକ। ଜାପାନିଜ୍ ଏନ୍‌ସେଫାଲାଇଟିସ ଏକ ମାରାତ୍ମକ ରୋଗ- ଏହା ଅଧିକ ଦକ୍ଷିଣ ଭାରତରେ ଦେଖାଯାଏ ।

## ଜାତୀୟ ଟିକାକରଣ ଦିବସ ଉପଲକ୍ଷେ

**-ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ**
ସହଯୋଗୀ ପ୍ରଫେସର, ଶିଶୁଭବନ, କଟକ,
ମୋ:୯୪୩୭୧୨୪୦୭୪

# ଗାଈ ପିନ୍ଧିଛି ସୁନା ଗହଣା

**ଅହମଦାବାଦ:** ଗୃହପାଳିତ ପଶୁଙ୍କ ସହିତ ବେଳେବେଳେ ସମ୍ପର୍କ ଏତେ ନିବିଡ଼ ହୋଇଯାଏ ଯେ, ସେମାନଙ୍କୁ କିଛି ଲୋକ ନିଜ ସନ୍ତାନ ଭଳି ବ୍ୟବହାର କରନ୍ତି। ଏମିତି ଏକ ଘଟଣାକୁ ଏବେ ଚର୍ଚ୍ଚାକୁ ଆସିଛି। ଗୁଜରାଟର ବିଜୟ ପରସାନା ତାଙ୍କ ଗାଈ ବାଛୁରୀକୁ ସୁନ୍ଦରଭାବେ ପୋଷାକ ପିନ୍ଧାଇ ସୁନା ଗହଣାରେ ସଜାଇଛନ୍ତି। ଗୁଜରାଟରେ ରହୁଥିବା ବିଜୟ ପରସାନାଙ୍କ ଗାଈ ଜନ୍ମ କରିବା ପରେ ସେ ବହୁତ ଖୁସି ହୋଇଯାଇଥିଲେ। ଏମିତି କି ବାଛୁରୀକୁ ସେ ନିଜ ସନ୍ତାନ ଭଳି ମନେକରିଥିଲେ। ପୂର୍ବରୁ ଗାଈ ରହିବା ପାଇଁ ସେ ସବୁ ପ୍ରକାରର ସୁବିଧା ସୁଯୋଗ ଦେଇଥିଲେ। ଏହାପରେ ସେ ଗାଈ ବାଛୁରିକୁ ଅଧିକ ସୁବିଧା ଯୋଗାଇବା ପାଇଁ ଚେଷ୍ଟା କରିଛନ୍ତି। ସେ ଉଭୟ ଗାଈ ବାଛୁରିକୁ ସୁନ୍ଦର ପୋଷାକରେ ସଜାଇବା ସହ ସେମାନଙ୍କ ପାଇଁ ସୁନା ଓ ରୁପା ଗହଣା ବି ତିଆରି କରିଛନ୍ତି। ତେବେ ମଜା କଥା ହେଉଛି କି ବିଜୟଙ୍କ ଗାଈ ଓ ବାଛୁରୀ ଗହଣା କିଣିବା ପାଇଁ ଜୁଏଲାରୀ ଦୋକାନକୁ ବି ଯାଇଥିଲେ ଆଉ ସେଠାରେ ସେମାନଙ୍କୁ ଜୋରଦାର ସ୍ୱାଗତ କରାଯାଇଥିଲା। ବିଜୟ ତାଙ୍କର ଜଣେ ବନ୍ଧୁଙ୍କୁ ଗାଈ ବାଛୁରୀ ପାଇଁ ଗହଣା ତିଆରି କରିବାକୁ ଅର୍ଡର ଦେଇଥିଲେ। ଆଉ ଜୁଏଲାରୀ ଦୋକାନରେ ଗହଣା ତିଆରି ହେବା ପରେ ଗାଈ ବାଛୁରିକୁ ଶୋ'ରୁମ୍‌ରେ ଧୁମ୍‌ଧାମରେ ସ୍ୱାଗତ କରାଯାଇ ଗହଣା ପିନ୍ଧା ଯାଇଥିଲା। ବିଜୟ ତାଙ୍କର ପୂରା ପରିବାର ସହିତ ଗାଈକୁ ନେଇ କାରରେ ଶୋ'ରୁମରେ ପହଞ୍ଚିଥିଲେ। ଏହାକୁ ଦେଖି ସେଠାରେ ଥିବା ଲୋକେ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଗାଈକୁ ସ୍ୱାଗତ କରିବାର ଏହି ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଗାଈ ପାଇଁ ବିଜୟଙ୍କର ତଥା ଜୁଏଲାରୀ ଶୋ'ରୁମ୍‌ର ସାଜସଜ୍ଜାକୁ ଦେଖି ଲୋକେ ବିଶ୍ୱାସ କରିପାରି ନ ଥିଲେ। କିନ୍ତୁ ସୋସିଆଲ ମିଡିଆରେ ଏଥିପାଇଁ ଚାରିଆଡୁ ପ୍ରଶଂସା ମିଳୁଛି।



# ଏଟିଭି ମେଶିନ ଚଲାଇଲେ ଦେଶୀ ଗର୍ଲ

**ୱାଶିଂଟନ୍:** ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରା ନିଜର ଅଭିନୟ ମାଧ୍ୟମରେ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବର୍ତ୍ତମାନ ସେ ହଲିଉଡ୍‌ରେ ଆଗାମୀ ୱେବ୍‌ସିରିଜ୍ 'ସିଟାଡେଲ୍'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାରି ମଧ୍ୟରେ ତାଙ୍କର କିଛି ଫଟୋ ସାମ୍ନାକୁ ଆସିଛି। ଫଟୋରେ ପ୍ରିୟଙ୍କାଙ୍କୁ ଆକ୍ସନ ଅବତାରରେ ଦେଖିବାକୁ ମିଳିଛି। ସେ ରୂପେଲି ଏବଂ କଳା ରଙ୍ଗର ପୋଷାକ ପିନ୍ଧିଥିବାବେଳେ ତାଙ୍କ ସହ ଥିବା ରିଚାର୍ଡ ସବୁଜ ରଙ୍ଗର ପୋଷାକ ପିନ୍ଧିଛନ୍ତି। ଗୋଟିଏ ଫଟୋରେ ପ୍ରିୟଙ୍କା ଏଟିଭି ମେଶିନ ଚଲାଉଥିବାର ଦେଖିବାକୁ ମିଳୁଛି, ଯେଉଁଥିରେ ଏଥିରେ ବନ୍ଧୁକ ଭଳି ଅସ୍ତ୍ର ରହିଛି।



# ଡ୍ରାଇଭିଂ ଟେଷ୍ଟରେ ୧୯୨ ଥର ଫେଲ୍



**ୱାର୍‌ସ:** ପୋଲାଣ୍ଡରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ଡ୍ରାଇଭିଂ ଟେଷ୍ଟରେ ବିଫଳ ହୋଇ ରେକର୍ଡ କରିଛନ୍ତି। ଗତ ୧୭ ବର୍ଷ ମଧ୍ୟରେ ସେ ୧୯୨ ଥର ଡ୍ରାଇଭିଂ ଟେଷ୍ଟ ଦେଇଥିଲେ କୌଣସି ଗୋଟିଏ ଥର ମଧ୍ୟ ସଫଳ ହୋଇନାହାନ୍ତି। ତେବେ ବିଫଳ ହୋଇ ମଧ୍ୟ ସେ ଦେଶରେ ରେକର୍ଡ ସୃଷ୍ଟି କରିଛନ୍ତି। ଖାଲି ସେତିକି ନୁହେଁ, ଡ୍ରାଇଭିଂ ଶିଖିବା ପାଇଁ ସେ ୨ ବର୍ଷ ମଧ୍ୟରେ ୧ ଲକ୍ଷରୁ ଅଧିକ ଫି' ବି ଦେଇସାରିଲେଣି। ପୋଲାଣ୍ଡରେ କୌଣସି ବ୍ୟକ୍ତି ଡ୍ରାଇଭିଂ ଲାଇସେନ୍ସ ହାସଲ କରିବାକୁ ହେଲେ ପ୍ରଥମେ ଏକ ଥିଓରୀ ପରୀକ୍ଷାରେ ପାସ୍ କରିବାକୁ ପଡ଼ିଥାଏ। ଏହା ପରେ ପ୍ରାକ୍ଟିକାଲ ପେପର ପରୀକ୍ଷା ଦେବାକୁ ପଡ଼ିଥାଏ। ଥିଓରୀରେ ୫୦ରୁ ୬୦ ଏବଂ ପ୍ରାକ୍ଟିକାଲ ପରୀକ୍ଷାରେ ୪୦ ପ୍ରତିଶତ ନମ୍ବର ରଖିବା ବାଧ୍ୟତାମୂଳକ। ପୋଲାଣ୍ଡର ଲୋକେ ଏହି ପରୀକ୍ଷାରେ ୨/୩ ଥରରେ ପାସ କରିଯାଇଥାନ୍ତି। ମାତ୍ର ଷ୍ଟେନିସ୍ଲୋ ୧୯୨ ଥର ଡ୍ରାଇଭିଂ ଟେଷ୍ଟ ଦେଇସାରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ଷ୍ଟେନିସ୍ଲୋ ନାମକ ଡ୍ରାଇଭିଂ ଇନଷ୍ଟ୍ରକ୍ଟର କୁହନ୍ତି, ପୋଲାଣ୍ଡରେ ଲୋକଙ୍କୁ ୩୦ରୁ ଅଧିକ ଥର ସୁଯୋଗ ଦିଆ ନ ଯିବା ଉଚିତ୍। ଯଦି ଜଣେ ବ୍ୟକ୍ତି ଡ୍ରାଇଭିଂ ଶିଖୁଛନ୍ତି ତେବେ ଭଲ ଭାବେ ଶିଖନ୍ତୁ। ନଚେତ ଏପରି ଲୋକ ଗାଡ଼ି ଧରି ରାସ୍ତାରେ ଗଲେ ଅନ୍ୟମାନେ ସମସ୍ୟାରେ ପଡ଼ିବେ।

# 'ବାଲା' ଷ୍ଟାଇଲ୍‌ରେ ଛାଡ଼ପତ୍ର ଦାବି

**ମିରଟ:** ଉତ୍ତରପ୍ରଦେଶରେ ଜଣେ ମହିଳା ହିନ୍ଦୀ ଫିଲ୍ମ 'ବାଲା' ଷ୍ଟୋରୀ ଷ୍ଟାଇଲ୍‌ରେ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ଦାବି କରିଛନ୍ତି। ବିବାହ ସମୟରେ ତାଙ୍କ ସ୍ୱାମୀଙ୍କ ମୁଣ୍ଡରେ କେଶ ଥିଲା। ମାତ୍ର ପରେ ସେ ଚନ୍ଦା ହୋଇଯାଇଥିବାରୁ ତାଙ୍କ ସହ ମହିଳା ଜଣକ ରହିବାକୁ ଚାହୁଁ ନ ଥିବା ଆବେଦନରେ ଦର୍ଶାଇଥିଲେ। ଫ୍ୟାମିଲି କୋର୍ଟ ପକ୍ଷରୁ ସମ୍ପୃକ୍ତ ମହିଳାଙ୍କୁ ଦ୍ୱିତୀୟ ଥର କାଉନସେଲିଂ କରାଯିବା ପରେ ସେ ସ୍ୱାମୀଙ୍କ ସହିତ ରହିବାକୁ ରାଜି ହୋଇଛନ୍ତି। ପ୍ରଥମ ଥର କାଉନସେଲିଂରେ ମହିଳା ଜଣଙ୍କ ଛାଡ଼ପତ୍ର ଲାଗି ଜିଦ୍ ଧରିବା ସହିତ କାନ୍ଦିଥିଲେ। ତେବେ ପରେ ଦ୍ୱିତୀୟ କାଉନସେଲିଂରେ ସ୍ଥିତିରେ ପରିବର୍ତ୍ତନ ଆସିଥିଲା। ପରେ ଦୁହେଁ ଘରକୁ ଫେରିଥିବା କୋର୍ଟଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ର ପାଲଟିଛି।


## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ କୁଞ୍ଜ ବିହାରୀ ମହାନ୍ତି (କୁଞ୍ଜ)
ନୀଳକଣ୍ଠପୁର (ଚଉଦକୁଲାଟ), କେନ୍ଦ୍ରାପଡ଼ା
ତିରୋଧାନ: ତା୦୬।୦୩।୨୦୨୧ରିଖ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା। ଆପଣଙ୍କ ଆଶିଷ ସଦା ରହିଥାଉ।


-:ଶୋକସନ୍ତପ୍ତ:-
ବୀଣା, ଭାନୁ, ସ୍ତ୍ରୀ: କୁନି, ନଣ୍ଡା, ବୁଲୁ, ରାକା, ବାବୁନି, ଶିବୁ, ଚିକା, ସାନୁ, ଟୁଟୁନ, ମିଲନ, ସିଲନ, ପୁତ୍ରବଧୂ, ଭାଇ, ନାତି ଓ ବନ୍ଧୁ ପରିଜନ ।

ଧ-୨୦୨୩୯


# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବ। ଅନୁଗୋଳ, କଟକ, ଢେଙ୍କାନାଳ, କେନ୍ଦ୍ରାପଡା, ଜଗତସିଂହପୁର, ଯାଜପୁର, ଭଦ୍ରକ, ଖୋର୍ଦ୍ଧା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ବିଭିନ୍ନ ସ୍ଥାନରେ ଦିନ ଓ ରାତି ତାପମାତ୍ରା ପ୍ରାୟ ୩ରୁ ୪ ଡିଗ୍ରୀ ସେଲ୍‌ସିଅସ୍ ବୃଦ୍ଧି ପାଇପାରେ।

**ସ୍ଥାନୀୟ ଅଞ୍ଚଳ-**ଭୁବନେଶ୍ୱର ଓ ପାଶ୍ୱବର୍ତ୍ତୀ ଅଞ୍ଚଳରେ ସକାଳ ସମୟରେ କୁହୁଡ଼ି ଏବଂ ପରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିପାରେ। ମଙ୍ଗଳବାର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୪ | ୨୩.୦ |
| ଚାନ୍ଦବାଲି | ୩୬.୩ | ୨୧.୫ |
| କଟକ | ୩୬.୨ | ୨୨.୬ |
| ପାରାଦୀପ | ୩୧.୩ | ୨୨.୮ |
| ଭୁବନେଶ୍ୱର | ୩୭.୦ | ୨୩.୮ |
| ଗୋପାଳପୁର | ୩୨.୦ | ୨୩.୩ |
| ପୁରୀ | ୩୨.୦ | ୨୫.୨ |
| ଅନୁଗୋଳ | ୩୬.୭ | ୨୧.୬ |
| ବାରିପଦା | ୩୭.୦ | ୨୦.୮ |
| ଝାରସୁଗୁଡ଼ା | ୩୫.୬ | ୧୮.୬ |
| କେନ୍ଦୁଝର | ୩୪.୦ | ୧୭.୪ |
| ସମ୍ବଲପୁର | ୩୬.୫ | ୨୦.୨ |
| ସୁନ୍ଦରଗଡ଼ | ---- | ୧୭.୦ |
| ହୀରାକୁଦ | ୩୬.୧ | ୧୯.୫ |
| ତାଳଚେର | ୩୭.୧ | ୨୦.୬ |
| ଭବାନୀପାଟଣା | ୩୬.୬ | ୨୨.୦ |
| ବଲାଙ୍ଗୀର | ୩୭.୫ | ୧୯.୨ |
| କୋରାପୁଟ | ୩୩.୪ | ୧୯.୦ |
| ଫୁଲବାଣୀ | ୩୫.୪ | ୧୫.୫ |
| ଟିଟିଲାଗଡ଼ | ୩୭.୨ | ୨୩.୩ |
| ମାଲକାନଗିରି | ୩୮.୦ | ୨୧.୫ |
| ସୋନପୁର | ୩୬.୬ | ୨୦.୪ |
| ଦାରିଙ୍ଗିବାଡ଼ି | ୩୨.୭ | ୧୭.୫ |
| ନୟାଗଡ଼ | ୩୭.୦ | ୨୧.୦ |
| ବୌଦ୍ଧ | ୩୮.୦ | ୧୯.୦ |
| ଛତ୍ରପୁର | ୩୨.୦ | ୨୨.୨ |
| ପାରଳାଖେମୁଣ୍ଡି | ୩୨.୫ | ୨୨.୫ |
| ରାୟଗଡ଼ା | ୩୫.୫ | ୨୨.୫ |

ଡିଗ୍ରୀ ସେଲ୍‌ସିୟସ୍


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**SMS JOB BUSINESS**
Send SMS, Earn Money
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ବିଜ୍‌ନେସ କରି ମାସକୁ 15000/- ରୁ 45000/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 5000/- ର ଉପହାର Free
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
9142914076
8092781316

**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9499135756

**BINODAYA FINANCE**
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହଋଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସୌନ୍ଦର୍ଯ୍ୟ

# ଖରା ଦିନିଆ ମେକ୍‌ଅପ୍

**ଆରମ୍ଭ ହୋଇଯାଇଛି ଖରାଦିନ। ଆଉ ଏମିତିରେ ନିଜ ମେକ୍‌ଅପ୍ ଯେପରି ଝାଳରେ ନ ବୋହିଯାଏ ତା'କୁ ନେଇ ବଢ଼ିଯାଇଛି ମହିଳାଙ୍କ ଚିନ୍ତା। ହେଲେ ଏଥିପାଇଁ ଆଦୌ ବ୍ୟସ୍ତ ନ ହୋଇ ଏ ଦିନେ କେଉଁ ମେକ୍‌ଅପ୍ ଆପଣଙ୍କ ଲାଗି ପରଫେକ୍ଟ ଜାଣି ରଖନ୍ତୁ ଟିପ୍ସ...**

➔ଖରାଦିନେ ମେକ୍‌ଅପ୍ ନେବା ପୂର୍ବରୁ ପ୍ରଥମେ ମାଇଲ୍ଡ କ୍ଲିଞ୍ଜରରେ ମୁହଁ ସଫା କରିବା ସହ ଟୋନିଂ କରିବା ଗୁରୁତ୍ୱପୂର୍ଣ୍ଣ। ବିଶେଷ କରି ଅଏଲି ସ୍କିନ୍ ମହିଳା ଏଦିନେ ମେକ୍‌ଅପ୍ ଶୀଘ୍ର ନ ଛାଡ଼ିବା ଲାଗି ଆବ୍‌ଜର୍ବିଙ୍ଗ୍ ଟୋନର୍ ବ୍ୟବହାର କରିବା ଭଲ। ଆପଣ ଚାହିଁଲେ ଅମୃତଭଣ୍ଡା, କାକୁଡ଼ି, ଟମାଟୋ ରସକୁ ବି ବ୍ୟବହାର କରି ପ୍ରାକୃତିକ ଉପାୟରେ ଟୋନିଂ କରିପାରିବେ।

➔ଏହାପରେ ଅଏଲି ସ୍କିନ୍‌କୁ ଛାଡି ଡ୍ରାଏ ସ୍କିନ୍‌ରେ ଏସ୍‌ପିଏଫ୍ ୧୫ ଯୁକ୍ତ ମଶ୍ଚରାଇଜର୍ ବ୍ୟବହାର କରନ୍ତୁ। ଅଏଲି ତ୍ୱଚାରେ ଲଗାନ୍ତୁ ନାହିଁ। ଆପଣ ଚାହିଁଲେ କେବଳ ଆଖି ତଳେ ମଶ୍ଚରାଇଜର୍ ବ୍ୟବହାର କରିପାରିବେ।

➔ଏଦିନେ ମୋଟା ଲେୟାର୍‌ରେ ଫାଉଣ୍ଡେଶନ୍ ଲଗାଇଲେ ଝାଳରେ ବୋହିଯିବା ସହ ପ୍ୟାଚେସ୍ ଭଳି ଦେଖାଯାଏ। ତେଣୁ ପତଳା ଲେୟାରର ହାଇଲି ପିଗ୍‌ମେଣ୍ଟେଡ୍, ୱାଟରପ୍ରୁଫ୍ ଜେଲ୍ ବେସ୍ ଫାଉଣ୍ଡେଶନ ଲଗାନ୍ତୁ।

➔ଆଖି ଏବଂ ଓଠ ବିନା ସବୁ ମେକ୍‌ଅପ୍ ଅଧୁରା। ହେଲେ ଖରାଦିନେ ଆଇ ଲାଇନର, ମସ୍କରା, କାଜଲ ଆଦି ଝାଳରେ ବୋହିଯିବା କାରଣରୁ ମୁହଁର ସୌନ୍ଦର୍ଯ୍ୟ ଖରାପ ହୋଇଯାଏ। ତେଣୁ ଲାଇଟ୍ ୱାଟରପ୍ରୁଫ୍ ବା ସ୍ମଜ୍‌ପ୍ରୁଫ୍ କାଜଲ୍, ଲାଇନର୍ ଏବଂ ମସ୍କରା ବ୍ୟବହାର କରନ୍ତୁ। ଏଦିନେ ନିଜ ଆଇ ମେକ୍‌ଅପ୍‌କୁ ଲାଇଟ୍ ରଖିବାକୁ ଚେଷ୍ଟା କରନ୍ତୁ। ଲାବେଣ୍ଡର, କୋରାଲ ପିଙ୍କ୍ ଭଳି ଆଇସ୍ୟାଡୋ ବ୍ୟବହାର କରନ୍ତୁ। ଏହା ଝାଳ ଲାଗି ବୋଳି ହେଲେ ବି ମେକ୍‌ଅପ୍ ଖରାପ ଲାଗି ନ ଥାଏ। ସେହିପରି ଲିପ୍‌ଷ୍ଟିକ୍ ମଧ୍ୟ ୱାଟରପ୍ରୁଫ୍ ହିଁ ବାଛନ୍ତୁ।



ଇଏ ଜଣେ ନାରୀ

## ମହିଳାଙ୍କୁ ସ୍ୱାବଲମ୍ବୀ କରିବାର ଲକ୍ଷ୍ୟ



ମିନାକ୍ଷୀ ପୁଷ୍ଟି

**ସ୍ୱା**ବଲମ୍ବୀ ହେବାକୁ ତାଙ୍କ ଭିତରେ ଥିଲା ଆତ୍ମବିଶ୍ୱାସ। ତେଣୁ ଘର କଣରେ ବସି ନ ରହି ନିଜ ସ୍ୱପ୍ନକୁ ସାକାର କରିବାକୁ ସେ ଅଣ୍ଟା ଭିଡ଼ିଲେ। ଆଉ ନିଜ ସହ ୫ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସ୍ୱାବଲମ୍ବୀ କରାଇ ସମାଜରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଲେ। ସେ ହେଉଛନ୍ତି ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତ ଅନ୍ତର୍ଗତ ସୁବର୍ଣ୍ଣପୁର ଗ୍ରାମର ମିନାକ୍ଷୀ ପୁଷ୍ଟି । ୨୦୦୧ ମସିହାରେ ମିନାକ୍ଷୀ ମାତ୍ର କେତେ ଜଣ ମହିଳାଙ୍କୁ ନେଇ ମା' ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଥିଲେ । ପରେ ଧାରକରଜ କରି ଗୋଟିଏ ସିଲେଇ ମେଶିନ ଆଣି ଅଳ୍ପ କିଛି କାମ ଆରମ୍ଭ କରିଥିଲେ। ପ୍ରଥମେ ରୋଜଗାର ହୋଇଥିବା ଅଳ୍ପ କେଇ ଟଙ୍କା ତାଙ୍କୁ ଆଗକୁ ବଢ଼ିବାର ଉତ୍କଣ୍ଠା ବଢ଼ାଇଲା। ସେବେଠୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଦୀର୍ଘ ୨୦ବର୍ଷ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ସେ ଆଜି ଆଉ କେବଳ ନିଜ ଗାଁରେ ସୀମିତ ହୋଇ ରହି ନାହାନ୍ତି ବରଂ ରାଜ୍ୟ ସହିତ ଦେଶର ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଟ୍ରେନିଂ ଦେଉଛନ୍ତି ଏବଂ ମହିଳାମାନଙ୍କୁ ସ୍ୱାବଲମ୍ବୀ ହେବାର ବାଟ ଦେଖାଇପାରିଛନ୍ତି । ୨୦୦୧ ମସିହାରେ ମାତ୍ର ଗୋଟିଏ ସିଲେଇ ମେଶିନରୁ ନିଜର ଯାତ୍ରା ଆରମ୍ଭ କରିଥିବା ମିନାକ୍ଷୀ ବର୍ତ୍ତମାନ ୧୦୦ରୁ ଅଧିକ ସିଲେଇ ମେଶିନ କିଣି ଶତାଧିକ ମହିଳାଙ୍କୁ କାମ ଶିଖାଇ ପାରୁଛନ୍ତି । ଏହି ମହିଳାମାନେ ପ୍ରତ୍ୟେକ ଦିନ ୩ ଶହ ଟଙ୍କାରୁ ୪ ଶହ ଟଙ୍କା ରୋଜଗାର କରିପାରୁଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ସେ ଗୋପ ବ୍ଲକ ଅଧୀନରେ ପ୍ରାୟ ୪ ହଜାରରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ସୃଷ୍ଟି କରିପାରିଥିବା ବେଳେ ୫ ହଜାରରୁ ଅଧିକ ମହିଳା ଓ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରାଇପାରିଛନ୍ତି। ସେ ଗୋପ ବ୍ଲକ୍ ଏବଂ ପୁରୀ ଜିଲା ମହିଳା ମହାସଂଘର ସଭାପତି ଦାୟିତ୍ୱ ତୁଲାଉଛନ୍ତି। ସେତିକିରେ ଅଟକି ଯାଇ ନାହାନ୍ତି ମିନାକ୍ଷୀ। ପ୍ରଥମ କରି ରାଜ୍ୟ ସରକାରଙ୍କ ଦ୍ୱାରା ସେ ୨୦୧୨ ମସିହାରେ ଇଉରୋପ, ବେଲଜିଅମ ଦେଶ ସହିତ ଆଉ କେତେକ ଦେଶକୁ ଯାଇଥିବା ବେଳେ ୨୦୧୬ ମସିହାରେ ବ୍ୟାଙ୍ଗକକ୍, ପଟାୟା, ଇନ୍ଦୋର ଆଦି ଯାତ୍ରା କରିଥିବା ବେଳେ ୨୦୧୯ରେ ମଧ୍ୟ ଥାଇଲାଣ୍ଡ ସହିତ ଆଉ କେତେକ ଦେଶକୁ ଯାଇ ସେଠାକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ସହଯୋଗ କରିପାରିଛନ୍ତି। ଆଉ ଏଥିପାଇଁ ଜିଲା, ରାଜ୍ୟ ଓ ବିଦେଶରେ ମଧ୍ୟ ଅନେକ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛନ୍ତି। ସେ କୁହନ୍ତି, 'ଆଜିକାଲି ସମାଜରେ ମହିଳାମାନେ ନିହାତି ସ୍ୱାବଲମ୍ବୀ ହେବା ଦରକାର। କାହିଁକି ନା ସେମାନେ ଆତ୍ମନିର୍ଭରଶୀଳ ହେଲେ ପରିବାର ଉପରେ ବୋଝ ହୋଇ ରହିବେ ନାହିଁ। ମୁଁ ଯେତେବେଳେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଲାଗି ଚିନ୍ତା କରିଥିଲି ସେ ସମୟରେ ସେମାନେ ଘରୁ ବାହାରକୁ ଆସି ପାରୁ ନ ଥିଲେ, ହେଲେ ଏବେ ତ ମହିଳାମାନଙ୍କୁ ପ୍ରତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଛି। ତେଣୁ ଆଗକୁ ଅଧିକରୁ ଅଧିକ ମହିଳାଙ୍କୁ ରୋଜଗାରକ୍ଷମ କରିବାକୁ ଉଦ୍ୟମ ଜାରି ରଖିଥିବା ମିନାକ୍ଷୀ ନିଜ ସଫଳତା ପଛରେ ସ୍ୱାମୀ ନିବାସ କୁମାର ପୁଷ୍ଟି ଏବଂ ପୁଅବୋହୁଙ୍କ ସମ୍ପୂର୍ଣ୍ଣ ସହଯୋଗ ଥିବା ପ୍ରକାଶ କରନ୍ତି।

**– ଭାରତୀ ଭୂଷଣ ଉପାଧ୍ୟାୟ**

# ସ୍ୱାସ୍ଥ୍ୟ ପାଇଁ ଟିକା



**ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ**

**ଟିକାକରଣ ବିଭିନ୍ନ ମାରାତ୍ମକ ରୋଗ ନିୟନ୍ତ୍ରଣର ଏକମାତ୍ର ଉପାୟ। ହେଲେ ଏବେ ବି ଏ ଦିଗରେ ଅନେକଙ୍କଠାରେ ସଚେତନତାର ଅଭାବ ଅତ୍ୟନ୍ତ ପରିତାପର ବିଷୟ। ତେଣୁ ଆଜି ଜାତୀୟ ଟିକାକରଣ ଦିବସ ଅବସରରେ ଶିଶୁ ଏବଂ ମହିଳାଙ୍କ ଲାଗି ଜରୁରୀ ବିଭିନ୍ନ ଟିକାକରଣକୁ ନେଇ ବିଶେଷ ଉପସ୍ଥାପନା...**

**ବି**ଜ୍ଞାନ ସମ୍ମତି ଉପାୟରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରାଇବା ଓ ଶିଶୁ ମହିଳା ତଥା ବୟସ୍କଙ୍କୁ ମଧ୍ୟ ସୁରକ୍ଷିତ ରଖିବାର ଉପାୟ ହେଉଛି ଟିକାକରଣ। ତେଣୁ ଜନସାଧାରଣଙ୍କୁ ବିଭିନ୍ନ ଟିକାକରଣର ଗୁରୁତ୍ୱ ସମ୍ପର୍କରେ ଅବଗତ କରାଇବା ଲାଗି ପ୍ରତିବର୍ଷ ଆମ ଦେଶରେ ୧୬ ମାର୍ଚ୍ଚକୁ ଜାତୀୟ ଟିକାକରଣ ଦିବସଭାବେ ପାଳନ କରାଯାଏ। ସେଥିନିମିତ୍ତ ଏକ ବାର୍ତ୍ତା ମଧ୍ୟ ଦିଆଯାଇଥାଏ। ଚଳିତବର୍ଷର ବାର୍ତ୍ତା ହେଉଛି 'ଭ୍ୟାକ୍ସିନ୍ସ ୱାର୍କ ଫର ଅଲ୍'।

ସର୍ବପ୍ରଥମେ ଟିକାକରଣ ଦିବସ ଆମ ଦେଶରେ ୧୬ ମାର୍ଚ୍ଚ ୧୯୯୫ରେ ପାଳନ କରାଯାଇଥିଲା। ଏହି ଦିନଟିରେ ଭାରତକୁ ପୋଲିଓ ମୁକ୍ତ କରିବା ଶପଥ ନେଇ ପଲ୍‌ସ ପୋଲିଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ସେହିଦିନଠାରୁ ପ୍ରତିବର୍ଷ ଏହା ପାଳନ କରାଯାଇ ଆସୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୧୯୬୭ରୁ ୧୯୭୭ ମଧ୍ୟରେ ବସନ୍ତ ରୋଗ ବିରୋଧରେ ଟିକାକରଣ ଦ୍ୱାରା ଏହି ରୋଗଟି ପୃଥିବୀରୁ ମୂଳୋତ୍ପାଟନ କରାଯାଇ ପାରିଛି। ସେହିପରି ଆମ ଦେଶକୁ ୨୭ ମାର୍ଚ୍ଚ ୨୦୧୪ରେ ପୋଲିଓ ମୁକ୍ତ ଦେଶ ଭାବରେ ଘୋଷଣା କରିଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ। ଟିକାଦାନ କାର୍ଯ୍ୟକ୍ରମର ଜୟଯାତ୍ରା ଫଳରେ ଟିଟାନସ୍, ଡିପଥେରିଆ, ହୁପିଂ କାଶ, ଡାଇରିଆ, ହେପାଟାଇଟିସ୍-ବି, କଲେରା ରୋଗର ଆଶାତୀତ ହ୍ରାସ ଘଟିଛି।

**ଶିଶୁଙ୍କ ପାଇଁ ଟିକା:**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୧୯୭୮ ମସିହାରେ ଆଲମାଆଟାଠାରେ ୨୦୦୦ ମସିହା ସୁଦ୍ଧା ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଇପିଆଇ (ଏକ୍ସପାଣ୍ଡେଡ ପ୍ରୋଗ୍ରାମ ଅଫ୍ ଇମୁନାଇଜେସନ୍) କାର୍ଯ୍ୟକ୍ରମରେ ବିସିଜି, ଡିପିଟି, ଡିଟି, ପୋଲିଓ, ଟାଇଫଏଡ୍, ଟିଟି ଏହିପରି ୬ଟି ମାରାତ୍ମକ ରୋଗ ପାଇଁ ଟିକା ଦିଆଗଲା ଓ ପରବର୍ତ୍ତୀ ସମୟରେ ୧୯୮୫ ମସିହାରେ ମିଳିମିଳା ଟିକାକୁ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଗଲା। ଏହାର ପରବର୍ତ୍ତୀ ଭାଗରେ ଏନଆରଏଚଏମ୍ କାର୍ଯ୍ୟକ୍ରମରେ ୧୨ଟି ରୋଗ ପାଇଁ ଟିକା ମିଳୁଛି। ଜାତୀୟ ସ୍ୱାସ୍ଥ୍ୟ ନୀତି ୨୦୦୨ ଅନୁଯାୟୀ ବର୍ତ୍ତମାନ ଜନ୍ମପରେ ଶିଶୁଙ୍କୁ ବିସିଜି, ଜିରୋ ପୋଲିଓ, ହେପାଟାଇଟିସ୍-ବି ଟିକା ଦିଆଯାଉଛି। ଦେଢ଼ ମାସ ପରେ ପେଣ୍ଟା(ଡିପିଟି-୩ଟି, ହିବ୍ ଏବଂ ହେପାଟାଇଟିସ୍-ବି) ଟିକା ଦିଆଯାଉଛି। ଏହାଛଡ଼ା ପୋଲିଓ, ତରଳ ଝାଡ଼ା ପାଇଁ ରୋଟା, ପୋଲିଓ ଏମଆର, ଜେଇ (ଜାପାନୀ ଜ୍ୱର) ଟିକା ଶିଶୁମାନଙ୍କୁ ବିନା ମୂଲ୍ୟରେ ଦିଆଯାଉଛି। ୫ବର୍ଷ ବୟସରେ ଡିପିଟି ପୋଲିଓ ଓ ୧୦ ବର୍ଷ ଓ ୧୬ ବର୍ଷ ବୟସରେ ଟିଡି ଟିକା ଦିଆଯାଉଛି।

– ନ୍ୟୁମୋନିଆ ରୋଗ ଦ୍ୱାରା ୨୦୧୦ ମସିହାରେ ଆମ ଦେଶରେ ୩.୬ ନିୟୁତ ଶିଶୁ ଆକ୍ରାନ୍ତ ହୋଇଥିଲେ ଓ ସେମାନଙ୍କ ମଧ୍ୟରୁ ୦.୩୫ ନିୟୁତ ମୃତ୍ୟୁବରଣ କରିଥିଲେ। ଯେଉଁଥିପାଇଁ ପିସିଭି ୧୦, ପିସିଭି ୧୩, ପିପିଏସଭି ୨୩ ତିନି ପ୍ରକାରର ଟିକାକରଣ କରାଯାଉଛି। ଏହି ଟିକା ମାଗଣା ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ଥିବାରୁ ଦେୟଯୁକ୍ତ ରହିଛି।

**ମହିଳାଙ୍କ ପାଇଁ ଟିକା:**

– ବର୍ତ୍ତମାନ ସମଗ୍ର ପୃଥିବୀରେ ଜରାୟୁଗ୍ରୀବା କର୍କଟ ବା ସର୍ଭାଇକାଲ୍ କ୍ୟାନ୍ସରରେ ବହୁ ସଂଖ୍ୟାରେ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି। ଯାହାକୁ ରୋକିବା ଲାଗି ହ୍ୟୁମାନ ପାପିଲୋମା ଭାଇରସ୍ ଭ୍ୟାକ୍ସିନ୍(ଏଚ୍‌ପିଭି) ବାହାରିଛି। ଯାହାକୁ ୯ବର୍ଷ ବୟସରୁ ୩୫ ବର୍ଷ ବୟସ ମଧ୍ୟରେ ନିଆଯାଇପାରିବ।

– ଗର୍ଭର ପ୍ରଥମ ୩ ମାସ ମଧ୍ୟରେ ଗୋଟିଏ ଏବଂ ୬ ମାସ ମଧ୍ୟରେ ଆଉ ଗୋଟିଏ ଟିଟି ନେବା ଆବଶ୍ୟକ। ତେବେ ପ୍ରଥମ ଟିକାର ଅନ୍ତତଃ ଏକମାସ ପରେ ଦ୍ୱିତୀୟ ଟିକା ନେବା ଆବଶ୍ୟକ। ଶିଶୁକୁ ହୁପିଂ କାଶ ପ୍ରତିରୋଧ ଲାଗି ମା'କୁ ଗର୍ଭଧାରଣର ୨୬ ରୁ ୩୭ ସପ୍ତାହ ମଧ୍ୟରେ ଟି ଡ୍ୟାପ (T-dap)ଟିକା ଦେଇଦେବା ଭଲ।



ଏସବୁ ଟିକା ବ୍ୟତୀତ ପ୍ରତି ବର୍ଗଙ୍କ ଲାଗି ଆହୁରି ଅନେକ ରୋଗର ପ୍ରତିଷେଧକ ଟିକା ମଧ୍ୟ ଉପଲବ୍ଧ। ଯାହାକୁ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରୁ ବୁଝି ଯଥା ସମୟରେ ନେଇପାରିଲେ ଜୀବନଯାତ୍ରା ନିରୋଗ ଏବଂ ଖୁସିପୂର୍ଣ୍ଣ ହୋଇପାରିବ।

ତେବେ ବର୍ତ୍ତମାନ କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ଟିକାକରଣର ଉପାଦେୟତା ସମସ୍ତେ ହୃଦୟଙ୍ଗମ କରି ସାରିଲେଣି। ତେଣୁ ଜାତୀୟ ଟିକାକରଣ ବାର୍ତ୍ତାର ସାରମର୍ମ ସମସ୍ତେ ଅନୁଭବ ଓ କାର୍ଯ୍ୟକାରୀ କରିବା ଆବଶ୍ୟକ।

*– ଶିଶୁ ରୋଗ ବିଶେଷଜ୍ଞ, ଭୁବନେଶ୍ୱର*

ଖାଦ୍ୟ ରୁଚି

## ପାଳଙ୍ଗ ଟିକି



**ଆବଶ୍ୟକ ସାମଗ୍ରୀ:** ୨୫୦ ଗ୍ରାମ୍ ପାଳଙ୍ଗ ଶାଗ, ଅଧା କପ୍ ବୁଟ ଡାଲି, ୨ଟି ଲବଙ୍ଗ, ୧ ଇଞ୍ଚ ଡାଲଚିନି, ୪-୫ଟି ଗୋଲମରିଚ, ୨ ଟେବୁଲ୍ ସ୍ପୁନ୍ ଚାଉଳ ଅଟା, ଅଧା କପ୍ ବ୍ରେଡ୍ ଗୁଣ୍ଡ, ତେଲ, ଲୁଣ, କୋରା ବା ରମ୍ପା ଯାଇଥିବା ୧୦୦ ଗ୍ରାମ୍ ପନିର, କିସ୍‌ମିସ୍ ୧ ଟେବୁଲ୍ ସ୍ପୁନ୍, କାଜୁ ୧ ଟେବୁଲ୍ ସ୍ପୁନ୍, ଗୋଲମରିଚ ଗୁଣ୍ଡ ଅଧା ଚାମଚ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବୁଟଡାଲିକୁ ଏକ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ପାଳଙ୍ଗ ଶାଗକୁ ଭଲ ଭାବେ ଧୋଇ ଛୋଟ ଛୋଟ କାଟି ଦିଅନ୍ତୁ। ପ୍ରେସର କୁକର ଚୁଲାରେ ବସାଇ ସେଥିରେ ପାଳଙ୍ଗ, ଭିଜା ଡାଲି, ଲବଙ୍ଗ, ଡାଲଚିନି, ଗୋଲମରିଚ, ଏକ କପ୍ ପାଣି, ସ୍ୱାଦାନୁସାରେ ଲୁଣ ପକାଇ ଗୋଟିଏ ହ୍ୱିସିଲ୍ ଆସିବା ପର୍ଯ୍ୟନ୍ତ ରଖନ୍ତୁ। ଏହା ପରେ ଚୁଲାକୁ ସିମ୍‌ରେ ରଖି ୫-୬ ମିନିଟ୍ ରଖିବା ପରେ ବନ୍ଦ କରି ଦିଅନ୍ତୁ। କୁକର୍ ଥଣ୍ଡା ହୋଇଯିବା ପରେ ପାଳଙ୍ଗ, ଡାଲି ଆଦିକୁ କାଢ଼ି ବହଳ ଗ୍ରାଇଣ୍ଡିଂ କରି ଦିଅନ୍ତୁ।

ଅନ୍ୟ ଏକ ପାତ୍ରରେ କୋରା ଯାଇଥିବା ପନିର, ଲୁଣ, ଗୋଲମରିଚ ଗୁଣ୍ଡ, କିସ୍‌ମିସ୍, କାଜୁ ନେଇ ଭଲ ଭାବେ ମିଶାଇ ଦିଅନ୍ତୁ। ପାଳଙ୍ଗ ବଟାକୁ ମଧ୍ୟମ ଆକାରର ଗୁଳା କରି ମଝିରେ ପନିର ପୁର ଦେଇ ଟିକି ପ୍ରସ୍ତୁତ କରନ୍ତୁ। ଏକ ପ୍ଲେଟ୍‌ରେ ବ୍ରେଡ୍ ଗୁଣ୍ଡ ରଖନ୍ତୁ ଏବଂ ସମସ୍ତ ପାଳଙ୍ଗ ଟିକିଗୁଡ଼ିକୁ ଏହା ଉପରେ ଗଡ଼ାଇ ଦିଅନ୍ତୁ। ଚୁଲାରେ ଏକ ତାୱା ବସାଇ ତେଲ ଗରମ କରନ୍ତୁ ଏବଂ ପାଳଙ୍ଗ ଟିକିଗୁଡ଼ିକୁ ଏଥିରେ ଭଲ ଭାବେ ଏପଟ ସେପଟ କରି ଭାଜି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ପାଳଙ୍ଗ ଟିକି, ଏହାକୁ ଚଟଣି, ସସ୍ କିମ୍ବା କଟା ପିଆଜ ସହିତ ଗରମ ଗରମ ଖାଇବାର ଆନନ୍ଦ ନିଅନ୍ତୁ।

# ଗର୍ଭାବସ୍ଥାରେ ବାନ୍ତି

**ଗର୍ଭାବସ୍ଥାରେ ଅନେକ ମହିଳାଙ୍କର ବାନ୍ତି ସମସ୍ୟା ଦେଖା ଦେଇଥାଏ। ଯଦିଓ ଏହା ଏକ ପ୍ରାକୃତିକ ପ୍ରକ୍ରିୟା, ତଥାପି ବାରମ୍ବାର ଏପରି ହେବା ଦ୍ୱାରା ଶରୀରରୁ ଜଳିୟାଂଶ କମିବା ସହ ଦୁର୍ବଳ ଲାଗିଥାଏ, ଯାହାକୁ ଦୂରେଇବା ଲାଗି କେତେକ ଘରୋଇ ଉପଚାର ଲାଭଦାୟକ...**

➔ଏ ସମୟରେ ବାନ୍ତି ନ ହେବା ଲାଗି ଅଧିକ ତେଲମସଲା ଯୁକ୍ତ ଖାଦ୍ୟ କିମ୍ବା ଅରୁଚିକର ଲାଗୁଥିବା ଖାଦ୍ୟ ନ ଖାଇବା ଭଲ। ଶରୀରରୁ ପାଣି ମାତ୍ରା ହ୍ରାସ ନ ହେବା ଲାଗି ପର୍ଯ୍ୟାପ୍ତ ପରିମାଣରେ ପାଣି ଏବଂ ଫ୍ରୁଟ୍ ଜୁସ୍ ଆଦି ପିଇବା ଭଲ।

➔ଶୁଖିଲା କିମ୍ବା କଞ୍ଚା ଧନିଆକୁ ଗ୍ରାଇଣ୍ଡ କରି ସେଥିରେ ସାମାନ୍ୟ କଳା ଲୁଣ ମିଶାନ୍ତୁ। ଅଧିକ ବାନ୍ତି ହେଉଥିଲେ ମଝିରେ ମଝିରେ ଏହାକୁ ଖାଇବା ଦ୍ୱାରା ବାନ୍ତି କମିବା ସହ ଆରାମ ଲାଗିବ।

➔ଲେମ୍ବୁ ଶୁଙ୍ଘିବା କିମ୍ବା ଉଷୁମ ପାଣିରେ ଲେମ୍ବୁ ଚିପୁଡ଼ି ପିଇବା ଦ୍ୱାରା ବି ଉପଶମ ମିଳିଥାଏ।

➔ଅଁଳା ଖଣ୍ଡ ପାଟିରେ ଜାକିବା ଦ୍ୱାରା ବାନ୍ତି କମିଥାଏ। ଯଦି ଏହାର ସ୍ୱାଦ ଖରାପ ଲାଗୁଛି ତେବେ ଅଁଳା ମୁରବ୍ବା ଖାଇଲେ ବାନ୍ତି ସମସ୍ୟାରୁ ଉପଶମ ମିଳିପାରିବ।

➔ତୁଳସୀ ପତ୍ର ରସରେ ମହୁ ମିଶାଇ ଅଳ୍ପ ଅଳ୍ପ ଚାଟିଲେ ବି ଉପକୃତ ହେବେ।

➔ଅଧିକ ବାନ୍ତି ହେଉଥିଲେ ରାତିରେ କଳା ଚଣା ବା ବୁଟକୁ ପାଣିରେ ଭିଜାଇ ଦିଅନ୍ତୁ ଏବଂ ସକାଳୁ ଉକ୍ତ ପାଣିକୁ ପିଇଦିଅନ୍ତୁ। ଏପରି କରିବା ଦ୍ୱାରା ଉପକୃତ ହେବେ।

➔ଏ ସମୟରେ ଅଦାର ସେବନ ମଧ୍ୟ ହଜମ ଭଲ କରିବା ସହ ଏସିଡିଟି ହେବାକୁ ଦିଏ ନାହିଁ, ଯାହାକି ବାନ୍ତି କମ୍ କରିବାରେ ସାହାଯ୍ୟ କରିଥାଏ। ତେଣୁ ଅଦା ରସରେ ମହୁ, ଅଦା ଚା କିମ୍ବା ଅଦା ଚକୋଲେଟ୍ ବା କୁକିଜ୍ ଖାଇଲେ ବାନ୍ତି ସମସ୍ୟା ଦୂର ହୋଇପାରିବ।


➔କମଳାରେ ଥିବା ସାଇଟ୍ରିକ୍ ଏସିଡ୍ ବାନ୍ତି କମ୍ କରିବାରେ ବେଶ୍ ଲାଭଦାୟକ। ତେଣୁ ବାନ୍ତି ହେଲେ କମଳା ଖାଆନ୍ତୁ କିମ୍ବା ଏହାର ଜୁସ୍ ପିଅନ୍ତୁ।

➔ତେବେ ଏସବୁ ଉପଚାର ସହିତ ଯଦି ବାନ୍ତି ନ କମେ ତେବେ ଡାକ୍ତରଙ୍କ ପରାମର୍ଶ ନେବାକୁ ଭୁଲନ୍ତୁ ନାହିଁ।





ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ମାର୍ଚ୍ଚ ୧୬/୨୦୨୧ Dhenkanal, Tuesday, March 16/ 2021









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ